R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୦୬
ତିଥି: ଦ୍ୱାଦଶୀ
୦୭ ଅକ୍ଟୋବର ୨୦୨୬, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
07 October 2026, Wednesday

# ସମୟ

SAMAYA

30th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

### ସୁନାବେଡ଼ା ହାଲ୍‌ରେ ପ୍ରତିରକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ

## ୨୦୦୦ତମ ଇଞ୍ଜିନ୍ ପ୍ରତୀକାତ୍ମକ ଭାବେ ବାୟୁସେନାକୁ ହସ୍ତାନ୍ତର



- ପ୍ରତିରକ୍ଷା କ୍ଷେତ୍ରରେ ହାଲ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ
- ଆଉ ଏକ ପ୍ରତିରକ୍ଷା ଉତ୍ପାଦନ ୟୁନିଟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବ

ଜୟପୁର, ୬ ।୧୦ (ସବ୍ୟୁ) : କୋରାପୁଟ ଜିଲ୍ଲା ସୁନାବେଡ଼ାସ୍ଥିତ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ (ହାଲ)ରେ ଶକ୍ତି ଇଞ୍ଜିନର ଦ୍ୱିତୀୟ ଉତ୍ପାଦନ ଲାଇନ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଉଦ୍‌ଘାଟନ କରିଥିଲେ । ଏଥିସହ ସୁନାବେଡ଼ା ହାଲରେ ନିର୍ମିତ ୨୦୦୦ତମ ଇଞ୍ଜିନର ପ୍ରତିକାତ୍ମକ ଭାବେ ଭାରତୀୟ ବାୟୁସେନାକୁ ହସ୍ତାନ୍ତର କରାଯାଇଥିଲା । ଏହି ଅବସରରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କହିଥିଲେ, ସୁନାବେଡ଼ା ହାଲ ଦେଶର ପ୍ରତିରକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା । ୧୯୬୪ରୁ ଏଠାରେ ଯୁଦ୍ଧବିମାନ ପାଇଁ ଇଞ୍ଜିନ ନିର୍ମାଣ ହୋଇଆସୁଛି । ସୁନାବେଡ଼ା କେବଳ (୯ ପୃଷ୍ଠାରେ)

## ଆଶୁତୋଷ ହେବେ ନୂଆ ବାୟୁସେନା ମୁଖ୍ୟ



ନୂଆଦିଲ୍ଲୀ, ୬ ।୧୦ : ଏୟାର ମାର୍ଶାଲ ଆଶୁତୋଷ ଦୀକ୍ଷିତ ଭାରତୀୟ ବାୟୁସେନାର ୨୯ତମ ମୁଖ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ଅକ୍ଟୋବର ୩୧ ତାରିଖ ଅପରାହ୍ଣରେ ସେ ଦାୟିତ୍ୱ ଗ୍ରହଣ କରିବେ । ସେ ବର୍ତ୍ତମାନର ( ୯ ପୃଷ୍ଠାରେ)

## ପଦାର୍ଥ ବିଜ୍ଞାନରେ ହାଲ୍‌ଜେନଙ୍କୁ ନୋବେଲ



ନୂଆଦିଲ୍ଲୀ, ୬ ।୧୦ : ୧୯୭୨ରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ୱିସକନସିନ୍-ମାଡିସନ୍ ବିଶ୍ୱବିଦ୍ୟାଳୟରେ ଯୋଗ ଦେଇଥିବା ଫ୍ରାନ୍ସିସ୍ ହାଲଜେନ୍ ୫୪ ବର୍ଷ ପରେ ୨୦୨୬ରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଛନ୍ତି। ଉଚ୍ଚ-ଶକ୍ତି ନ୍ୟୁଟ୍ରିନୋ ଉପରେ ଗବେଷଣା ଏବଂ ଆଇସକ୍ୟୁବ୍ ନ୍ୟୁଟ୍ରିନୋ ଅବଜରଭେଟୋରିରେ ତାଙ୍କର ଅବଦାନ ପାଇଁ ତାଙ୍କୁ ଚଳିତ ବର୍ଷର ନୋବେଲ ସମ୍ମାନ ମିଳିଛି।

ବେଲଜିୟମରେ ଜନ୍ମିତ ଓ ବଢ଼ିଥିବା ହାଲଜେନ୍ ଉଚ୍ଚଶିକ୍ଷା ସମାପ୍ତ କରିବା ପରେ ଅଧ୍ୟାପନା କ୍ଷେତ୍ରକୁ ଆସିଥିଲେ। ( ୯ ପୃଷ୍ଠାରେ)

### ନାଗାଲାଣ୍ଡରେ ଓଡ଼ିଆ ଯବାନ ତେଜା ସହିଦ

## ପାଲିଙ୍କି ପରିବର୍ତ୍ତେ ବନ୍ଧାହେଲା କୋକେଇ


ଡିସେମ୍ବରରେ ହୋଇଥାନ୍ତେ ବାହା

ରାୟଗଡ଼ା, ୬ ।୧୦ (ସବ୍ୟୁ): ବାହାଘର ପାଇଁ ସଜେଇ ହେଉଥିଲା ଘର । ବାଜିଥାନ୍ତା ଶଙ୍ଖ, ଶୁଭିଥାନ୍ତା ହୁଳହୁଳି। ହେଲେ ଭାଗ୍ୟର ନିଷ୍ଠୁର ନିଷ୍ପତ୍ତିରେ ଆଜି ସେହି ଘରେ ଶୁଭୁଛି ବୁକୁଫଟା କାନ୍ଦ। ଜନ୍ମଦିନର ଦୁଇଦିନ ପୂର୍ବରୁ ଦେଶ ମାତୃକା ପାଇଁ ଜୀବନ ଦେଇ, ହାତରେ ମେହେନ୍ଦି ପୂର୍ବରୁ ତ୍ରିରଙ୍ଗାରେ ଫେରିଲେ ରାୟଗଡ଼ର ବୀର ଜବାନ ଭି. ତେଜା। ନାଗାଲାଣ୍ଡ ସୀମାରେ ଆତତାୟୀର ଗୁଳିରେ ଶହୀଦ ହୋଇଥିବା ତେଜା ଅଙ୍ଗଦାନ କରି ଅନ୍ୟ ଜୀବନରେ ଅମର ହୋଇଗଲେ। ବୀରପୁଅକୁ ହରାଇ ଆଜି ରାୟଗଡ଼ ମାଟି ସ୍ତବ୍ଧ, ପରିବାର ନିର୍ବାକ । ଡିସେମ୍ବର ମାସରେ ଘର ଦାଣ୍ଡରେ ବାଜିଥାନ୍ତା ଶଙ୍ଖ ହୁଳହୁଳି । ସରିଥିଲା ନିର୍ବନ୍ଧ। ପରିବାର ଲୋକେ ଏକାଠି କୁଟିସାରିଥିଲେ ( ୯ ପୃଷ୍ଠାରେ)

### ଇଣ୍ଡିଆ ବ୍ଲକ୍‌ର ଗଣତନ୍ତ୍ର ବଞ୍ଚାଅ, ଭୋଟ୍ ବଞ୍ଚାଅ ଅଭିଯାନ

## ନିର୍ବାଚନ କମିଶନ ଅଫିସ ଘେରିଲେ

- ଆକାଶବାଣୀଭବନ ନିକଟରୁ ରାହୁଲ, ପ୍ରିୟଙ୍କାଙ୍କୁ ଉଠାଇ ନେଲା ପୋଲିସ
- ପ୍ରତିବାଦ ଶୋଭାଯାତ୍ରାରେ ସାମିଲ ହେଲା ବିଜେଡି
- ୩୦୦ରୁ ଊର୍ଦ୍ଧ୍ୱ ସାଂସଦଙ୍କ ଶୋଭାଯାତ୍ରା



ନୂଆଦିଲ୍ଲୀ, ୬ ।୧୦ : 'ଗଣତନ୍ତ୍ର ବଞ୍ଚାଅ', 'ମୋ ଭୋଟ୍ ବଞ୍ଚାଅ' ପ୍ଲାକାର୍ଡ ଧରି ବିରୋଧୀ ମେଣ୍ଟ ଇଣ୍ଡିଆ ପକ୍ଷରୁ ଆଜି ନୂଆଦିଲ୍ଲୀରେ ବିଶାଳ ବିକ୍ଷୋଭ କରାଯାଇଛି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଅପସାରଣ ଦାବିରେ ଏହି ବିକ୍ଷୋଭ କରାଯାଇଥିଲା। ତେବେ ନିର୍ବାଚନ କମିଶନଙ୍କ ମୁଖ୍ୟାଳୟକୁ ଯିବା ସମୟରେ ପୋଲିସ ବିରୋଧୀ ସାଂସଦମାନଙ୍କୁ ଅଟକାଇଥିଲା। ନୂଆଦିଲ୍ଲୀସ୍ଥିତ ଆକାଶବାଣୀ ଭବନ ନିକଟରେ ଏମାନଙ୍କୁ ବାଧା ଦିଆଯାଇଥିଲା। ତେବେ ସେଠାରେ ରାହୁଲ ଗାନ୍ଧି ଓ ପ୍ରିୟଙ୍କା ଗାନ୍ଧି ଧାରଣାରେ ବସିଥିଲେ। ପ୍ରାୟ ୯ ଘଣ୍ଟା ଧରି ଧାରଣାରେ ବସିବା ପରେ (୯ ପୃଷ୍ଠାରେ)

# ଆଜିଠୁ ଏସ୍‌ଆଇଆର୍‌ରେ ବାଦ୍ ପଡ଼ିଥିବା ଭୋଟରଙ୍କୁ ସୁଯୋଗ

- ୯ ତାରିଖ ଯାଏ ଚାଲିବ ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଅଭିଯାନ
- ଅକ୍ଟୋବର ପହିଲା ସୁଦ୍ଧା ୧୮ ବର୍ଷ ହୋଇଥିଲେ ଆବେଦନ କରିପାରିବେ

ଭୁବନେଶ୍ୱର, ୬ ।୧୦ (ସବ୍ୟୁ) : ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟାରେ କୌଣସି କାରଣରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ମତଦାତାଙ୍କୁ ପୁନଃ ଓ ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବ ଭୋଟରଙ୍କୁ ତାଲିକାରେ ସାମିଲ କରିବାକୁ ଆସନ୍ତାକାଲି(ବୁଧବାର) ଠାରୁ ରାଜ୍ୟରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ ।

ଓଡ଼ିଶାରେ ଏସଆଇଆର ପରିପ୍ରେକ୍ଷୀରେ ଭୋଟର ତାଲିକାକୁ ଅଧିକ ସଠିକ, ସ୍ୱଚ୍ଛ ଓ ଅଦ୍ୟତନ କରିବା ଉଦ୍ଦେଶ୍ୟରେ ଚଳିତ ମାସ ୭, ୮ ଓ ୯ ତାରିଖରେ ଏହି ସ୍ୱତନ୍ତ୍ର ଅଭିଯାନ ରାଜ୍ୟବ୍ୟାପୀ ଅନୁଷ୍ଠିତ ହେବ । ଯେଉଁ ଯୁବକ-ଯୁବତୀମାନେ ୨୦୨୬ ଅକ୍ଟୋବର ୧ ତାରିଖ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଛନ୍ତି, ସେମାନେ ଭୋଟର ତାଲିକାରେ ନିଜ ନାମ ସାମିଲ କରିବା ପାଇଁ ଆବେଦନ କରିପାରିବେ । ଯୋଗ୍ୟ ଯୁବ ଭୋଟରମାନେ ଫର୍ମ-୬ ମାଧ୍ୟମରେ ନାମ ପଞ୍ଜୀକରଣ ପାଇଁ ନିଜ ବୁଥ ସ୍ତରୀୟ ଅଧିକାରୀ(ବିଏଲଓ)ଙ୍କ ନିକଟରେ ଆବେଦନ କରିପାରିବେ ।

ଏଥିସହିତ ଏସଆଇଆର-୨୦୨୬ ପ୍ରକ୍ରିୟା ସମୟରେ ଯେଉଁ (୯ ପୃଷ୍ଠାରେ)






# ବିଶ୍ୱ କପା ଦିବସ



ପ୍ରତିବର୍ଷ ଅକ୍ଟୋବର ୭ ତାରିଖରେ ସମଗ୍ର ବିଶ୍ୱରେ 'ବିଶ୍ୱ କପା ଦିବସ' ପାଳନ କରାଯାଇଥାଏ। କୃଷି ଓ ବସ୍ତ୍ର ଶିଳ୍ପରେ 'ଧଳା ସୁନା' ଭାବେ ପରିଚିତ କପାର ଗୁରୁତ୍ୱ ଏବଂ ଏହା ସହ ଜଡ଼ିତ କୋଟି କୋଟି ଚାଷୀ ଓ ଶ୍ରମିକଙ୍କ ଅବଦାନକୁ ଚିହ୍ନଟ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ୨୦୧୯ ମସିହାରେ ବିଶ୍ୱ ବାଣିଜ୍ୟ ସଂଗଠନ ଏବଂ ଆଫ୍ରିକୀୟ କପା ଉତ୍ପାଦନକାରୀ ଦେଶ 'କଟନ୍-୪' (ବେନିନ୍, ବୁର୍କିନା ଫାସୋ, ଚାଡ୍ ଓ ମାଲି)ର ମିଳିତ ଉଦ୍ୟମରେ ପ୍ରଥମ କରି ଏହି ଦିବସର ପାଳନ ହୋଇଥିଲା। ଯାହାକୁ ପରବର୍ତ୍ତୀ ସମୟରେ ମିଳିତ ଜାତିସଂଘ ସ୍ୱୀକୃତି ପ୍ରଦାନ କରିଥିଲା। କପା କେବଳ ଏକ କୃଷିଜାତ ଦ୍ରବ୍ୟ ନୁହେଁ, ବରଂ ଏହା ବିଶ୍ୱବ୍ୟାପୀ ପ୍ରାୟ ୧୨୫ ନିୟୁତରୁ ଅଧିକ ଲୋକଙ୍କ ଜୀବିକା, ନିଯୁକ୍ତି ଓ ବୈଦେଶିକ ମୁଦ୍ରା ଅର୍ଜନର ପ୍ରମୁଖ ମାଧ୍ୟମ ପାଲଟିଛି। ବିଶେଷ କରି ଭାରତ ଭଳି ବିକାଶଶୀଳ ଦେଶଗୁଡ଼ିକରେ କପା ଚାଷ ସାମାଜିକ-ଆର୍ଥିକ ବିକାଶର ଏକ ମୁଖ୍ୟ ସ୍ତମ୍ଭ ସଦୃଶ ଛିଡ଼ା ହୋଇଛି। କୃତ୍ରିମ ତନ୍ତୁର ବୃଦ୍ଧି, ଜଳବାୟୁ ପରିବର୍ତ୍ତନ ଏବଂ କୀଟନାଶକର ବ୍ୟବହାର ଭଳି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ, ଜୈବିକ କପା ଉତ୍ପାଦନ, ସ୍ଥାୟୀ କୃଷି ପ୍ରଣାଳୀ ଓ ଉଚିତ ବାଣିଜ୍ୟ ନୀତି ଆପଣାଇବା ପାଇଁ ଏହି ଦିବସ ସଚେତନତା ସୃଷ୍ଟି କରେ।

## ପୋଷା କୁକୁରଙ୍କ ପାଇଁ ନବରାତ୍ର ଉତ୍ସବ



ନବରାତ୍ରି ଆରମ୍ଭ ପୂର୍ବରୁ ଅହମ୍ମଦାବାଦଠାରେ ପୋଷା କୁକୁରମାନଙ୍କ ପାଇଁ 'ପୱରାତ୍ରି' ନାମକ ଏକ ସ୍ୱତନ୍ତ୍ର ଓ ଆକର୍ଷଣୀୟ ଉତ୍ସବର ଆୟୋଜନ କରାଯାଇଛି। ଏକ 'ଡଗ୍ ହୋଟେଲ' ପକ୍ଷରୁ ଆୟୋଜିତ ଏହି ଚତୁର୍ଥ ସଂସ୍କରଣ କାର୍ଯ୍ୟକ୍ରମରେ କୁକୁରମାନେ ଚନିୟା-ଚୋଲି ଓ ପାରମ୍ପରିକ ଗୁଜରାଟୀ ପୋଷାକ ପରିଧାନ କରି ଭାଗ ନେଇଛନ୍ତି। ସେମାନେ ଏଠାରେ ପେଟ୍-ଫ୍ରେଣ୍ଡଲି ଗରବା, ଡାଣ୍ଡିଆ, ସଙ୍ଗୀତ, ଖେଳକୁଦ ଓ ସେଲଫି ଚ୍ୟାଲେଞ୍ଜ ଭଳି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହାସହ ଶ୍ରେଷ୍ଠ ପୋଷାକଧାରୀ କୁକୁର, ସର୍ବୋତ୍ତମ ମ୍ୟାଚିଂ ପରିବାର, ଏବଂ ସବୁଠାରୁ କୌତୂହଳୀ ପୋଷା ଜୀବ ପାଇଁ ସ୍ୱତନ୍ତ୍ର ପ୍ରତିଯୋଗିତା ସହ ସେମାନଙ୍କର ମାଲିକମାନଙ୍କ ପାଇଁ ଶର୍ଫ, ଖାଦ୍ୟ ଓ ଗରବାର ବ୍ୟବସ୍ଥା କରାଯାଇଥିଲା। ପୋଷା ପ୍ରାଣୀ ଓ ସେମାନଙ୍କ ମାଲିକମାନଙ୍କୁ ଏକାଠି ଆଣି ନବରାତ୍ରି ପାଳନ କରିବା ଉଦ୍ଦେଶ୍ୟରେ ଏହି ନିଆରା କାର୍ଯ୍ୟକ୍ରମଟିର ଆୟୋଜନ କରାଯାଇଥିଲା। ଯେଉଁଥିରେ ମାଲିକମାନେ ନିଜ ନିଜ କୁକୁରଙ୍କୁ ପାରମ୍ପରିକ ପୋଷାକ ପିନ୍ଧାଇ ବେଶ୍ ଉତ୍ସାହର ସହ ଯୋଗଦେଇଥିଲେ। ସୋସିଆଲ ମିଡିଆରେ ଏହାର ଖୁବ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳୁଛି।

## ସୋସିଆଲ କୋଟ୍ସ



ମୋର ଇରାଦା କେବେ ବି କାହାକୁ ଦୁଃଖ ଦେବା ନଥିଲା। ମୁଁ କୌଣସି ଜାତି, କମ୍ୟୁନିଟିକୁ ଟାର୍ଗେଟ କରି ମୋ ଷ୍ଟେଟମେଣ୍ଟ ଦେଇ ନାହିଁ।

**ସଞ୍ଜୟ ଦତ୍ତ, ଅଭିନେତା**



ନାସିରୁଦ୍ଦିନ ଶାହ ପାଇଲଟ ସ୍ମିଥଙ୍କ ଘଟଣାରେ କାହିଁକି ମୁହଁ ଖୋଲୁ ନାହାନ୍ତି। ଜଣେ ନାଗରିକ ଓ ସେଲିବ୍ରିଟି ହିସାବରେ ତାଙ୍କୁ ମଧ୍ୟ ଏହି ଘଟଣାରେ କିଛି କହିବାର ଅଛି।

**ପିୟୁସ ମିଶ୍ର, ଅଭିନେତା**



ମୋତେ ମୋ ଇଭେଣ୍ଟ ସମ୍ପର୍କରେ ପ୍ରଶ୍ନ ପଚାରନ୍ତୁ। ମୋର ପର୍ସନାଲ ଲାଇଫକୁ ନେଇ ମୁଁ ମିଡିଆରେ କିଛି କହିବାକୁ ଚାହୁଁନାହିଁ।

**ଟିନା, ଗୋବିନ୍ଦାଙ୍କ ଝିଅ**

# ଅସୁରକ୍ଷିତ ହେଉଛି ପୃଥିବୀ

ମାନବ ସମାଜର ନିରାପଦ ଓ ସୁସ୍ଥ ଜୀବନଯାପନ ପାଇଁ ଉଦ୍ଦିଷ୍ଟ ପୃଥିବୀର ୯ଟି ସୁରକ୍ଷା ସୀମା ମଧ୍ୟରୁ ୭ଟି ସୀମାରେଖା ଅତିକ୍ରମ କରିସାରିଛି। 'ପୋଟ୍ସଡାମ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ'ର ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରକାଶିତ '୨୦୨୬ ପ୍ଲାନେଟାରୀ ହେଲ୍‌ଥ ଚେକ୍' ରିପୋର୍ଟରୁ ଏହି ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ ଜଳବାୟୁ ପରିବର୍ତ୍ତନ, ଜୈବବିବିଧତା ହ୍ରାସ, ଜଙ୍ଗଲ କ୍ଷୟ, ମଧୁର ଜଳର ସଙ୍କଟ, ପ୍ରଦୂଷଣ, ପ୍ଲାଷ୍ଟିକ୍ ଓ କେମିକାଲ୍ ବ୍ୟବହାର ଏବଂ ସମୁଦ୍ରରେ ଅମ୍ଳ ବୃଦ୍ଧି ଭଳି ୭ଟି ବଡ଼ ନିୟମ ଅତିକ୍ରମ ହୋଇସାରିଛି। କେବଳ ବାୟୁମଣ୍ଡଳର ଓଜୋନ୍ ସ୍ତର ଏବଂ ବାୟୁ ପ୍ରଦୂଷଣ କେତେକାଂଶରେ ନିୟନ୍ତ୍ରଣ ମଧ୍ୟରେ ରହିଛି। ଅମାଜନ୍ ଜଙ୍ଗଲ, ନଦୀ, ହ୍ରଦ ଓ ସମୁଦ୍ର ଉପରେ କ୍ରମାଗତ ଚାପ ବଢ଼ୁଥିବାରୁ ଏହା ଆମର ଖାଦ୍ୟ, ପାଣି ଓ ପାଣିପାଗ ଉପରେ ଗମ୍ଭୀର ପ୍ରଭାବ ପକାଉଛି। ତେବେ ପରିବେଶ ପ୍ରଦୂଷଣ ଓ ଜଙ୍ଗଲ ନଷ୍ଟ ରୋକିବା ପାଇଁ ତୁରନ୍ତ କଠୋର ପଦକ୍ଷେପ ନେଲେ ପୃଥିବୀକୁ ପୁଣି ସୁରକ୍ଷିତ କରିହେବ ବୋଲି ବୈଜ୍ଞାନିକମାନେ କହିଛନ୍ତି।



## ପାର୍କରୁ ମିଳିଲା ୯ କୋଟିର ହୀରା

ଆମେରିକାର ଆରକାନସାସସ୍ଥିତ 'କ୍ରାଟର ଅଫ୍ ଡାଇମଣ୍ଡସ ଷ୍ଟେଟ ପାର୍କ'ରେ ଜଣେ ବ୍ୟକ୍ତି ମାତ୍ର ୧୫ ଡଲାର (ପ୍ରାୟ ୧,୪୦୦ ଟଙ୍କା) ପ୍ରବେଶ ଫି' ଦେଇ ୬.୦୩ କେରଟର ଏକ ଦାମୀ ହଳଦିଆ ହୀରା ପାଇବା ଘଟଣା ସମଗ୍ର ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୧ ନିୟୁତ ଡଲାର (ପ୍ରାୟ ୯ କୋଟି ଟଙ୍କା) ବୋଲି ଆକଳନ କରାଯାଇଛି। ଜ୍ୟାକ୍ ପିଏରାଡିନ୍ ନାମକ ଏହି ବ୍ୟକ୍ତିଜଣକ ୨୦୧୩ ମସିହାରୁ ଦୀର୍ଘ ୧୨ ବର୍ଷ ଧରି ଏହି ପାର୍କକୁ ଆସି ହୀରା ଖୋଜୁଛନ୍ତି। ଏପର୍ଯ୍ୟନ୍ତ ସେଠାରୁ ୩୦୦ରୁ ଅଧିକ ମୂଲ୍ୟବାନ ପଥର ସଂଗ୍ରହ କରିସାରିଛନ୍ତି। ନିକଟରେ ସେ ଜଣେ ସାଙ୍ଗଙ୍କ ସହ ମିଶି ୫-ଗ୍ୟାଲେନ୍ ବାଲଟିରେ ଗୋଡ଼ି ଏବଂ ପଥର ଛାଣୁଥିବା ସମୟରେ ଏହି ଚମକପ୍ରଦ ହଳଦିଆ ହୀରାଟି ପାଇଥିଲେ। ଏହାର ନାମ 'ଆମେରିକାନ୍ ଡ୍ରିମ୍' ରଖିଛନ୍ତି। ସୂଚନାଯୋଗ୍ୟ ଯେ, ୧୯୭୨ ମସିହାରୁ ଏହି ପାର୍କରୁ ୩୭,୦୦୦ରୁ ଅଧିକ ହୀରା ମିଳିସାରିଥିବା ବେଳେ ୧୯୨୪ ମସିହାରେ ସେଠାରୁ ଆମେରିକାର ସବୁଠାରୁ ବଡ଼ ୪୦.୨୩ କେରଟର 'ଅଙ୍କଲ ସାମ୍' ହୀରା ଆବିଷ୍କୃତ ହୋଇଥିଲା।



## ଇତିହାସ

୧୫୮୬- ଚକ୍ ରାଜବଂଶର ଶାସକ ୟୁସୁଫ୍ ଶାହ ଚକ୍‌ଙ୍କ ଆତ୍ମସମର୍ପଣ ପରେ କଶ୍ମୀର ଉପରେ ମୋଗଲଙ୍କ କବଜା।

୧୭୦୮- ଛୁରି ଦ୍ୱାରା ଆକ୍ରମଣ କରାଯିବା ପରେ ଶିଖ୍ ଗୁରୁ ଗୋବିନ୍ଦ ସିଂହଙ୍କ ଦେହାନ୍ତ।

୧୯୩୧- ଦକ୍ଷିଣ ଆଫ୍ରିକାରେ ରଙ୍ଗଭେଦ ବିରୋଧରେ ଅଭିଯାନ ଚଳାଇଥିବା ତଥା ନୋବେଲ ଶାନ୍ତି ପୁରସ୍କାରରେ ସମ୍ମାନିତ ଦେସମଣ୍ଡ ଟୁଟୁଙ୍କ ଜନ୍ମ।

୧୯୫୦- ମଦର ଟେରେସାଙ୍କୁ ମିସିଓନାରୀଜ୍ ଅଫ୍ ଚାରିଟିର ସ୍ଥାପନା କରିବା ଲାଗି ଅନୁମତି ମିଳିଲା ଏବଂ ସେ କଲିକତାରୁ ଏହାର ଶୁଭାରମ୍ଭ କଲେ।

୧୯୫୨- ଚଣ୍ଡିଗଡ଼ ପଞ୍ଜାବର ରାଜଧାନୀ ହେଲା।

୧୯୯୬- ଆମେରିକାରେ କେବଲ ନ୍ୟୁଜ୍ ନେଟ୍‌ୱର୍କ ଫକ୍ସ ନ୍ୟୁଜ୍ ଚାନେଲ୍‌ର ଶୁଭାରମ୍ଭ।

୨୦୦୦- ଭାରତକୁ ପ୍ରଥମ ରାଜୀବ ଗାନ୍ଧୀ ବନ୍ୟଜନ୍ତୁ ସଂରକ୍ଷଣ ପୁରସ୍କାର ପ୍ରାପ୍ତ ହେଲା।

୨୦୦୦- ଜାପାନରେ ମାନବ କ୍ଲୋନିଙ୍ଗ୍ ଦଣ୍ଡନୀୟ ଅପରାଧ ଘୋଷିତ ହେଲା।

## ଆୟକର ରେଡ଼କୁ ରକୁଲଙ୍କ ଖଣ୍ଡନ



ବଲିଉଡ୍ ଅଭିନେତ୍ରୀ ରକୁଲ ପ୍ରୀତ ସିଂହ ନିଜ ବାସଭବନରେ ଆୟକର ବିଭାଗ ଚଢ଼ାଉ କରିଥିବା ନେଇ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଦୃଢ଼ ଭାବେ ଖଣ୍ଡନ କରିଛନ୍ତି। ଏହାକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଉଦ୍ଦେଶ୍ୟମୂଳକ ବୋଲି ସେ ମତ ରଖିଛନ୍ତି। ନିକଟରେ ଚଳଚ୍ଚିତ୍ର ଇନଭେଷ୍ଟମେଣ୍ଟ ଓ ବେଆଇନ ବୈଦେଶିକ କାରବାର ଅଭିଯୋଗକୁ ନେଇ ରକୁଲ ଓ ତାଙ୍କ ଶ୍ୱଶୁର ତଥା ପ୍ରଖ୍ୟାତ ପ୍ରଯୋଜକ ବାସୁ ଭଗନାନୀଙ୍କ ସହ ଜଡ଼ିତ ୧୨ଟି ସ୍ଥାନରେ ଆୟକର ଚଢ଼ାଉ ହୋଇଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା। ସୋସିଆଲ ମିଡିଆରେ ପୋଷ୍ଟ କରି ରକୁଲ ସ୍ପଷ୍ଟ କରିଛନ୍ତି ଯେ ଏହି ତଦନ୍ତ କିମ୍ବା ଚଢ଼ାଉ ସହ ତାଙ୍କର କୌଣସି ସମ୍ପର୍କ ନାହିଁ। ସତକଣ ନଜାଣି କେବଳ ସେନ୍ସେସନ୍ ପାଇଁ ଏଭଳି ଗୁଜବ ପ୍ରଚାର କରାଯାଉଥିବାରୁ ଗଣମାଧ୍ୟମର ଦାୟିତ୍ୱହୀନତାକୁ କଡ଼ା ଭାଷାରେ ସେ ସମାଲୋଚନା କରିଛନ୍ତି। ସେ ୨୦ ବର୍ଷ ବୟସରୁ ଜଣେ ଦାୟିତ୍ୱବାନ୍ ନାଗରିକ ଭାବେ ନିୟମିତ କର ପରିଶୋଧ କରି ନିଜ ପରିଶ୍ରମ ବଳରେ ଏଠାରେ ପହଞ୍ଚିଛନ୍ତି ବୋଲି ରକୁଲ ମତ ଦେଇଛନ୍ତି। କୌଣସି ବେଆଇନ ଆର୍ଥିକ କାରବାର, ବେନାମୀ ସମ୍ପତ୍ତି କିମ୍ବା ମୂଲ୍ୟବାନ୍ ଉପହାର କାରବାରରେ ସେ ଆଦୌ ସଂପୃକ୍ତ ନୁହନ୍ତି ବୋଲି ସ୍ପଷ୍ଟ କରିଛନ୍ତି। ଏହାସହ ବ୍ୟବସାୟିକ ଚାପ ଆଳରେ କାହାର ପ୍ରତିଷ୍ଠା ଓ ଜୀବିକାକୁ ଆଘାତ ନପହଞ୍ଚାଇବାକୁ ସେ ଗଣମାଧ୍ୟମଗୁଡ଼ିକୁ ନିବେଦନ କରିଛନ୍ତି। ଅନ୍ୟପଟେ, ପୂର୍ବରୁ ସୁଶାନ୍ତ ସିଂହ ରାଜପୁତ ମାମଲା, ଟଲିଉଡ୍ ଡ୍ରଗ୍ସ ମାମଲାରେ ଇଡିର ପଚରାଉଚରା ଏବଂ ନିକଟରେ ୨୦୨୫ ଡିସେମ୍ବରରେ ତାଙ୍କ ଭାଇ ଅମନ ପ୍ରୀତ ସିଂହଙ୍କ ଡ୍ରଗ୍ସ ମାମଲାରେ ଗିରଫଦାରୀ ପରି ବିବାଦ ସହ ତାଙ୍କ ନାମ ଯୋଡ଼ି ହୋଇଥିବା ଦେଖିବାକୁ ମିଳିଥିଲା। ବର୍ତ୍ତମାନର ଆୟକର ଚଢ଼ାଉ ଖବରକୁ ସେ ସମ୍ପୂର୍ଣ୍ଣ ଗୁଜବ ବୋଲି ଦର୍ଶାଇଛନ୍ତି।

## ରୋବଟଙ୍କ ଆତ୍ମହତ୍ୟା

ଆମେରିକୀୟ ରୋବୋଟିକ୍ସ କମ୍ପାନୀ 'ଫିଗର ଏଆଇ' ନିଜର ପୁରୁଣା 'ଏଫ୍.୦୨' ମଡେଲ ରୋବୋଟଗୁଡ଼ିକୁ ସେବାରୁ ହଟାଇବା ପାଇଁ ଏକ ଅଜବ ପ୍ରକ୍ରିୟାର ଆରମ୍ଭ କରିଛି। ସୂଚନା ଅନୁସାରେ ତରଳ ନିଆଁ କୁଣ୍ଡକୁ ଡେଇଁ ନିଜକୁ ନଷ୍ଟ କରିବାକୁ ଉକ୍ତ ରୋବଟ ଗୁଡିକୁ ପ୍ରୋଗ୍ରାମିଂ କରାଯାଇଛି। କମ୍ପାନୀରେ ନୂତନ ପିଢ଼ିର 'ଏଫ୍.୦୩' ରୋବୋଟ୍ ସଂଖ୍ୟା ବୃଦ୍ଧି ପାଇବା ପରେ ଏହି ପୁରୁଣା ରୋବୋଟଗୁଡ଼ିକ ଅନାବଶ୍ୟକ ହୋଇପଡ଼ିଥିଲେ। କମ୍ପାନୀର ଗୁପ୍ତ ପ୍ରଯୁକ୍ତିବିଦ୍ୟା ସୁରକ୍ଷିତ ରଖିବା ପାଇଁ ଏଗୁଡ଼ିକୁ ଅନ୍ୟ କୌଣସି ସଂସ୍ଥାକୁ ହସ୍ତାନ୍ତର କରାଯାଇପାରିନଥିଲା। ସେହିଭଳି ହାତରେ ଅଲଗା କରି ଭାଙ୍ଗିବା ପାଇଁ ଅଧିକ କର୍ମଚାରୀ ଓ ସମୟର ଆବଶ୍ୟକତା ଥିବାରୁ ଏଭଳି ଅଜବ କୋଡିଂ ପ୍ରସ୍ତୁତ କରାଯାଇଛି। ଏହି ସମସ୍ୟାର ସମାଧାନ ପାଇଁ କମ୍ପାନୀର ସିଇଓ ବ୍ରେଟ୍ ଆଡକକ୍ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପରାମର୍ଶ ମାଗିବାରୁ ହଲିଉଡ୍ ଅଭିନେତା ଆର୍ନୋଲ୍ଡ ଶ୍ୱାର୍ଜନେଗର "ସେଗୁଡ଼ିକୁ ତରଳାଇ ଦିଅ" ବୋଲି ଅଜବ ପରାମର୍ଶ ଦେଇଥିଲେ। ଏହି ପରାମର୍ଶକୁ ଗ୍ରହଣ କରି କମ୍ପାନୀ ପକ୍ଷରୁ ଏଫ୍.୦୨ ରୋବୋଟଗୁଡ଼ିକୁ ଫିନଲ୍ୟାଣ୍ଡସ୍ଥିତ ଏକ ଫାଉଣ୍ଡ୍ରିକୁ ନିଆଯାଇ ୭୫ ଟନ୍ ଅଗ୍ନିକୁଣ୍ଡକୁ ଡେଇଁ ନିଜକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଯାହା ବର୍ତ୍ତମାନ ସୋସିଆଲ ମିଡିଆରେ ରୋବୋଟଙ୍କ ଆତ୍ମହତ୍ୟା ନାମରେ ଚର୍ଚ୍ଚାର ବିଷୟ ପାଲଟିଛି।



## ମେ



**ମେଷ:** ଅର୍ଥଲାଭ, ଦେବଦର୍ଶନ, ପିଲାଙ୍କ ଚିନ୍ତା, ଉତ୍ସବକୁ ନେଇ ଦୂରଯାତ୍ରା, ସମ୍ମାନ ପ୍ରାପ୍ତି, ନୂତନ ଚୁକ୍ତି ସମ୍ପାଦନ, ଶରୀର ସୁସ୍ଥ, ଅଯଥା ମାନସିକ ଅବସାଦ। ଅଶ୍ୱିନୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ମହାଲକ୍ଷ୍ମୀ।

**ବୃଷ:** ସମ୍ପତ୍ତି ଜନିତ ସମସ୍ୟା, ଅର୍ଥଚିନ୍ତା, ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ, ଦୂରଯାତ୍ରା, ଗାଡ଼ିଚାଳନାରେ ସାବଧାନ, ଶରୀର ସୁସ୍ଥ, ପାରିବାରିକ ସହଯୋଗ। ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୪, ଆରାଧନା-ବିଷ୍ଣୁ ଭଗବାନ।

**ମିଥୁନ:** ବିଶିଷ୍ଟ କାର୍ଯ୍ୟରେ ଧନଲାଭ, ଦେବଦର୍ଶନ, କର୍ମକ୍ଷେତ୍ରେ ସଫଳତା, ଅର୍ଥଲାଭ, ସମସ୍ୟା ସମାଧାନ, ସମ୍ମାନପ୍ରାପ୍ତି, ଶରୀର ସୁସ୍ଥ, ପାରିବାରିକ ସହଯୋଗ। ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୮, ଆରାଧନା-ଶଙ୍କର ଭଗବାନ।

**କର୍କଟ:** ବ୍ୟବସାୟରେ ସ୍ୱଳ୍ପ ଲାଭ, ଅଯଥା ଖର୍ଚ୍ଚାନ୍ତ, ପାରିବାରିକ ସାହାଯ୍ୟ, ବନ୍ଧୁଲାଭ, ଦାମ୍ପତ୍ୟଖୁସି, ବିଦ୍ୟାରେ ସଫଳ, ସମ୍ପତ୍ତି ବିବାଦ, ହେବାକାର୍ଯ୍ୟ ବିଳମ୍ବ। ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା- ୯, ଆରାଧନା-ମା' ଦକ୍ଷିଣକାଳୀ।

**ସିଂହ:** ବିଶିଷ୍ଟ କାର୍ଯ୍ୟରେ ଧନଲାଭ, ଶତ୍ରୁ ପରାଜିତ, ବିବାଦ ସମାଧାନ, ନୂତନ ଚୁକ୍ତି ସମ୍ପାଦନ, ସମ୍ମାନ ପ୍ରାପ୍ତି, ଶୁଭଖବର, ବନ୍ଧୁଲାଭ, କର୍ମକ୍ଷେତ୍ରେ ପଦବୀଲାଭ। ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୦, ଆରାଧନା-ମା' ଭଗବତୀ।

**କନ୍ୟା:** ମନସ୍ତାପ, ବିଭିନ୍ନ କାର୍ଯ୍ୟକୁ ନେଇ ସମାଲୋଚିତ, ପରିଭ୍ରମଣଯୋଗ, ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ସମ୍ପର୍କବୃଦ୍ଧି, ସମ୍ପତ୍ତି ସମସ୍ୟା, ଶରୀର ସୁସ୍ଥ, ଦାମ୍ପତ୍ୟ ସୁଖ। ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୭, ଆରାଧନା- ମା' ବଗଳାମୁଖୀ।

**ତୁଳା:** ଦୂରଯାତ୍ରା ସଫଳ, ଶୁଭଖବର, ବିବାଦ ସମାଧାନ, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ଉନ୍ନତି, ଦାମ୍ପତ୍ୟଖୁସି, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ସନ୍ତାନଖୁସି। ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା- ୯, ଆରାଧନା-ପ୍ରଭୁ ଲୋକନାଥ।

**ବିଛା:** ଶତ୍ରୁସମସ୍ୟା, ବ୍ୟବସାୟରେ ଉନ୍ନତି, ଅର୍ଥଲାଭ, ବିଶିଷ୍ଟ କାର୍ଯ୍ୟରେ ଖୁସି, ଦାମ୍ପତ୍ୟସୁଖ, ଲୋକସମ୍ପର୍କ ବୃଦ୍ଧି, ଅଯଥା ଚିନ୍ତା, ବିଦ୍ୟାରେ ସଫଳ। ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୮, ଆରାଧନା- ପ୍ରଭୁ ଜଗନ୍ନାଥ।

**ଧନୁ:** କରିଥିବା କାର୍ଯ୍ୟକୁ ନେଇ ଅନୁତାପ, ସ୍ୱଳ୍ପ ଅର୍ଥ ଲାଭ, ପାରିବାରିକ ଖୁସି, ଦାମ୍ପତ୍ୟ କଳହ, ଶରୀର ଅସୁସ୍ଥ, ଶୁଭଖବର, ନୂତନ କର୍ମ ଆରମ୍ଭ, ସନ୍ତାନଚିନ୍ତା। ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ, ସଂଖ୍ୟା-୮, ଆରାଧନା- ପିତାମାତାଙ୍କ ସେବା କରନ୍ତୁ।

**ମକର:** କିଛି କାର୍ଯ୍ୟରେ ସମସ୍ୟା, ଅର୍ଥଲାଭ, ଲୋକସମ୍ପର୍କ ବୃଦ୍ଧି, ସ୍ୱାସ୍ଥ୍ୟଚିନ୍ତା, ବ୍ୟବସାୟରେ ମାନ୍ଦା ସ୍ଥିତ, ସନ୍ତାନଖୁସି, ଦୂରଯାତ୍ରା ସଫଳ, ଅନୁଷ୍ଠାନରୁ ଲାଭ, ଶୁଭଖବର। ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୫, ଆରାଧନା- ମା' ଅନ୍ନପୂର୍ଣ୍ଣା।

**କୁମ୍ଭ:** ଶୁଭଖବର, ଯାତ୍ରା ସଫଳ, ଲୋକସମ୍ପର୍କ ବୃଦ୍ଧି, ଶୁଭ ଆଲୋଚନା, ଶରୀର ସୁସ୍ଥ, ବନ୍ଧୁଲାଭ, ବିବାଦ ସମାଧାନ, ଦେବକାର୍ଯ୍ୟକୁ ନେଇ ଚିନ୍ତିତ, ସମ୍ମାନ ମିଳିବ। ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୯, ଆରାଧନା- ମା' ଭୁବନେଶ୍ୱରୀ।

**ମୀନ:** ନୂତନ ଆୟ କିଛି କାର୍ଯ୍ୟରେ ବିଳମ୍ବ, ଯାତ୍ରାରେ ସତର୍କ, ଲୋକସମ୍ପର୍କ ବୃଦ୍ଧି, ପାରିବାରିକ ଖୁସି, ସନ୍ତାନ ଚିନ୍ତା, ଅଯଥା ଖର୍ଚ୍ଚାନ୍ତ, ମାନସିକ ଶାନ୍ତି, ଦାମ୍ପତ୍ୟଖୁସି। ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା- ମା' ବାଟମଙ୍ଗଳା।

**ଆଶ୍ୱିନ କୃଷ୍ଣ ପକ୍ଷ ଦ୍ୱାଦଶୀ**
**୭.୧୦.୨୦୨୬, ବୁଧବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮





କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ହାଲ୍', ସୁନାବେଡା ଠାରେ ଶକ୍ତି ମାନୁଫାକ୍ଚରିଂ ଲାଇନ୍ ଉଦ୍‌ଘାଟନ କରୁଛନ୍ତି ଏବଂ ଏହି ମାନୁଫାକ୍ଚରିଙ୍ଗ କମ୍ପ୍ଲେକ୍ସ ପରିଦର୍ଶନ କରୁଛନ୍ତି

## ଗୋମାଂସ ବୋଝେଇ ପିକଅପ୍ ଜବତ : ଜଣେ ଗିରଫ

ଖୋର୍ଦ୍ଧା, ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ର ଓସିସି ଛକଠାରେ ଚଢଉ କରି ପୁଲିସ ଏକ ଗୋମାଂସ ବୋଝେଇ ପିକଅପ୍ ଭ୍ୟାନ୍ କୁ ଜବତ କରିଛି। ଗାଡି ଭିତରୁ ୨୦ ଟନ୍ ଓଜନର ଗୋମାଂସ କୁ ଜବତ କରିଛି। ଏହି ଘଟଣାରେ ପୁଲିସ ଚାଳକ ତାମିଲନାଡୁ ନାଗାପାଟିନମ୍ ଜିଲ୍ଲା କେଶିନ୍ ଗାଁ ର ହରିବନ୍ଧୁ କମରାଜ (୨୩) କୁ ଗିରଫ କରିଛି।

ସୂଚନାନୁସାରେ, ଏକ ବୋଲେରୋ ପିକ୍‌ଅପ୍ ରେ ମାଂସ ଚାଲାଣ ହେଉଥିବା ଖବର ପାଇ ପୁଲିସ ଗାଡ଼ିଟିକୁ ପିଛା କରିଥିଲା। ଜାତୀୟ ରାଜପଥ ର ଓସିସି ଛକ ନିକଟ ରେ ଗାଡ଼ିଟିକୁ ଅଟକାଇ ଯାଂଚ କରାଯାଇଥିଲା। ଗାଡି ଭିତରେ ହେନ୍‌ପ୍ରୋ ଓ କ୍ୟାଟେଲ ଫିଡ୍ ଲେଖାଥିବା ବସ୍ତାରେ ମାଂସ ପ୍ୟାକିଂ କରାଯାଇଥିବା ପୁଲିସ ଦେଖିବାକୁ ପାଇଥିଲା। ଘଟଣାସ୍ଥଳରୁ ପୁଲିସ ଗାଡିକୁ ଜବତ୍ କରିଛି। ଗାଡି ଟି ଗୋପ ରୁ ଆନ୍ଧ୍ର ଅଭିମୁଖେ ଯାଉଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏନେଇ ୪୮୮/୨୬ରେ ଏକ ମାମଲା ରୁଜୁ କରି ଗିରଫ ଚାଳକ ହରିବନ୍ଧୁ କୁ ପୁଲିସ କୋର୍ଟ ଚାଲାଣ କରିଛି।

### ସଚିବସ୍ତରୀୟ ବୈଠକରେ ଆର୍ଥିକ ପରିଚାଳନା ଉପରେ ଆଲୋଚନା

## ଯୋଗାଯୋଗ, ପର୍ଯ୍ୟଟନ, ଶିଳ୍ପ, କୃଷି ଓ ଜନସେବା ଭିତ୍ତିଭୂମିର ହେବ ସୁଦୃଢ଼ୀକରଣ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟର ବିଭିନ୍ନ କ୍ଷେତ୍ରରେ ହାସଲ ହୋଇଥିବା ପ୍ରମୁଖ ସଫଳତା ଓ ଅଗ୍ରଗତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସଚିବସ୍ତରୀୟ ବୈଠକରେ ଆଲୋକପାତ କରିଥିଲେ । ପର୍ଯ୍ୟଟନ, ଶିଳ୍ପ ଓ ନିବେଶ, ପରିବେଶ ସୁରକ୍ଷା, ମହିଳା ସଶକ୍ତିକରଣ, ଦକ୍ଷତା ବିକାଶ, ନିଯୁକ୍ତି, କୃଷି ଓ ଶିକ୍ଷା କ୍ଷେତ୍ରରେ ସଫଳତା ସଂପର୍କରେ ଆଲୋଚନା କରି ଆଗାମୀ ପଦକ୍ଷେପ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ ।

ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ମଙ୍ଗଳବାର ସଚିବସ୍ତରୀୟ ବୈଠକରେ ରାଜ୍ୟର ଆର୍ଥିକ ପରିଚାଳନା, ବ୍ୟୟ ଅଗ୍ରଗତି, କର୍ମଚାରୀ ସାମାଜିକ ସୁରକ୍ଷା, ନ୍ୟାୟିକ ଆଦେଶର ଅନୁପାଳନ ଓ ଶୀଘ୍ର କାର୍ଯ୍ୟକାରିତା ଏବଂ ନୟାଗଡ଼ ଜିଲ୍ଲାର ପ୍ରମୁଖ ବିକାଶମୂଳକ ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହୋଇଥିଲା । ବୈଠକରେ ନୟାଗଡ଼ ଜିଲ୍ଲାପାଳ ମଧୁସ୍ମିତା ରଥ ଆଭାସୀ ମାଧ୍ୟମରେ ଯୋଗଦେଇ ବିକଶିତ ଓଡ଼ିଶା-୨୦୩୬ ତଥା ବିକଶିତ ଭାରତ-୨୦୪୭ ଅଭିମୁଖ୍ୟରେ ନୟାଗଡ଼ ଜିଲ୍ଲାକୁ ସମୃଦ୍ଧ କରିବା ଲକ୍ଷ୍ୟରେ ବିକାଶ ପଥେ ନୟାଗଡ଼ ସମ୍ପର୍କିତ ଏକ ଉପସ୍ଥାପନାରେ ୨୫ଟି ପ୍ରମୁଖ ପ୍ରକଳ୍ପ କାର୍ଯ୍ୟକାରିତା ନେଇ କାର୍ଯ୍ୟପନ୍ଥା(ରୋଡ୍ ମ୍ୟାପ୍) ଉପସ୍ଥାପନ କରିଥିଲେ । ଜିଲ୍ଲାରେ ସଡ଼କ, ରେଳ ଯୋଗାଯୋଗ, ପାନୀୟଜଳ, ବିଦ୍ୟୁତ, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଓ ଐତିହ୍ୟ ସୁରକ୍ଷା ଭଳି ବିଭିନ୍ନ କ୍ଷେତ୍ରର ଚାଲୁ ରହିଥିବା ଏବଂ ପ୍ରସ୍ତାବିତ ପ୍ରକଳ୍ପର ଅଗ୍ରଗତି ଉପରେ ସେ ଆଲୋକପାତ କରିଥିଲେ । ଖୋର୍ଦ୍ଧା-ନୟାଗଡ଼ ଜାତୀୟ ରାଜପଥର ଉନ୍ନତିକରଣ, ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ସମ୍ପୂର୍ଣ୍ଣ କରାଯିବା, ଭାପୁରରେ ହେଲିପ୍ୟାଡ୍, ସମଗ୍ର ଜିଲ୍ଲାରେ ମୋବାଇଲ ଓ ଇଣ୍ଟରନେଟ ସଂଯୋଗ, ଯାତାୟାତ ପରିଚାଳନା ବ୍ୟବସ୍ଥା ଏବଂ ସମସ୍ତଙ୍କ ପାଇଁ ପାନୀୟଜଳ ଯୋଗାଣ ଭଳି ପ୍ରକଳ୍ପ ମାଧ୍ୟମରେ ଜିଲ୍ଲାର ଯୋଗାଯୋଗ ଓ ମୌଳିକ ସୁବିଧାକୁ ସୁଦୃଢ଼ କରାଯିବା ନେଇ ସେ ଆଲୋଚନା କରିଥିଲେ ।

ରାଜ୍ୟର ଆର୍ଥିକ ପ୍ରଦର୍ଶନ ସଂପର୍କିତ ସମୀକ୍ଷାରେ ମୁଖ୍ୟ ଶାସନ ସଚିବ ବଜେଟ୍ ପ୍ରାବଧାନ ଅନୁସାରେ କାର୍ଯ୍ୟ ଅଗ୍ରଗତି, ରାଜସ୍ୱ ଆଦାୟ ବୃଦ୍ଧି ଓ ତଦନୁସାରେ ବ୍ୟୟ ହାର ବୃଦ୍ଧି କରିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେବା ସହ ନିୟମିତ ବିଭାଗୀୟ ସମୀକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ । ବୈଠକରେ ସର୍ବୋଚ୍ଚ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶର ତ୍ୱରିତ ଓ ପ୍ରଭାବୀ କାର୍ଯ୍ୟକାରିତା ତଥା ଅନୁପାଳନ ମାଧ୍ୟମରେ ଅବମାନନା ମାମଲା ହ୍ରାସ କରିବା, ଅନାବଶ୍ୟକ ବିଳମ୍ବ ରୋକିବା ଏବଂ ଦାୟିତ୍ୱ ନିର୍ଦ୍ଧାରଣ ଉପରେ ଆଇନ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା ।

### ଆଗାମୀ ପଞ୍ଚାୟତ, ପୌର ନିର୍ବାଚନ-୨୦୨୭

## ୨୬ରୁ ଆରମ୍ଭ ହେବ ଘରକୁ ଘର ସର୍ଭେ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ-୨୦୨୭ ପାଇଁ ସ୍ୱଚ୍ଛ, ନିରପେକ୍ଷ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ମଙ୍ଗଳବାର ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି ।

ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ମାନ୍ୟତାପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇ ଆଗାମୀ ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ ନିଜ ନିଜ ମତାମତ ଓ ପରାମର୍ଶ ରଖିଥିଲେ । ଚଳିତମାସ ୨୬ ତାରିଖରୁ ଆରମ୍ଭ ହେବାକୁ ଥିବା ଘରକୁ ଘର ସର୍ଭେ ସମ୍ପର୍କରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା । ଏହି ସର୍ଭେ ମାଧ୍ୟମରେ ଭୋଟର ତାଲିକାକୁ ଅଧିକ ସଠିକ, ଅଦ୍ୟତନ ଓ ତ୍ରୁଟିଶୂନ୍ୟ କରିବା ସହ ଯୋଗ୍ୟ ଭୋଟରମାନଙ୍କ ନାମ





ତାଲିକାରେ ସଠିକ ଭାବେ ସ୍ଥାନ ପାଇବା ଏବଂ ଅଯୋଗ୍ୟ, ସ୍ଥାନାନ୍ତରିତ କିମ୍ବା ମୃତ ଭୋଟରଙ୍କ ସମ୍ପର୍କିତ ତଥ୍ୟ ଯାଞ୍ଚ କରାଯିବ ।

ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସମସ୍ତ ରାଜନୈତିକ ଦଳକୁ ଏହି ଘରକୁ ଘର ସର୍ଭେ ପ୍ରକ୍ରିୟାରେ ସକ୍ରିୟ ଭାବେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି । ବିଶେଷକରି ସହ ସର୍ଭେ ସମୟରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ଆୟୋଗ ପକ୍ଷରୁ ଅନୁରୋଧ କରାଯାଇଛି । ସମସ୍ତ ରାଜନୈତିକ ଦଳମାନଙ୍କୁ ଅକେଟାବର ୧୫ ତାରିଖ ସୁଦ୍ଧା ବିଏଲଏଙ୍କ ତଥ୍ୟ ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ତଥା ଗ୍ରାମାଞ୍ଚଳ ପାଇଁ ବିଡିଓଙ୍କ ପାଖରେ ସହରାଞ୍ଚଳ ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ମହାନଗର ନିଗମ ପାଇଁ ଡେପୁଟି କମିଶନର /ଆସିଷ୍ଟାଣ୍ଟ ସର୍ଭେ ଦଳଙ୍କ ଦ୍ୱାରା ତଥ୍ୟ ସଂଗ୍ରହ, ଭୋଟର ତାଲିକାରେ ନାମ ଯୋଗ, ବାଦ୍ ଓ ସଂଶୋଧନ ଭଳି ବିଭିନ୍ନ ବିଷୟ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଭୋଟର ତାଲିକା ପ୍ରସ୍ତୁତି ପ୍ରକ୍ରିୟାରେ କୌଣସି ଯୋଗ୍ୟ ବ୍ୟକ୍ତିଙ୍କ ନାମ ଯେପରି ବାଦ୍ ନପଡ଼େ ଏବଂ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ଯେପରି ତାଲିକାରେ ଅନ୍ତର୍ଭୁକ୍ତ ନହୁଏ, ସେଥିପାଇଁ ସମସ୍ତ ସମ୍ପୃକ୍ତ ପକ୍ଷଙ୍କୁ ସଚେତନ ଓ ସହଯୋଗୀ ଭୂମିକା ଗ୍ରହଣ କରିବାକୁ ଆୟୋଗ ପକ୍ଷରୁ ଆହ୍ୱାନ କରାଯାଇଛି । ଏହି ବୈଠକରେ ଆୟୋଗର

▸▸ ବୁଥସ୍ତରୀୟ ଏଜେଣ୍ଟ ନିୟୋଜନ ଲାଗି ରାଜନୈତିକ ଦଳକୁ ପରାମର୍ଶ

▸▸ ସଠିକ୍, ତ୍ରୁଟିଶୂନ୍ୟ ଭୋଟର ତାଲିକା ଉପରେ ଆୟୋଗଙ୍କ ଗୁରୁତ୍ୱ

ପ୍ରତ୍ୟେକ ରାଜନୈତିକ ଦଳ ନିଜର ବୁଥସ୍ତରୀୟ ଏଜେଣ୍ଟ (ବିଏଲଏ) ମାନଙ୍କୁ ରାଜ୍ୟର ସମସ୍ତ ମତଦାନ କେନ୍ଦ୍ର ଗୁଡ଼ିକରେ ନିୟୋଜିତ କରିବା କମିଶନରଙ୍କ ପାଖରେ ଦାଖଲ କରିବା ପାଇଁ ଅନୁରୋଧ କରାଯାଇଛି । ବୈଠକରେ ଘରକୁ ଘର ସର୍ଭେ ସମୟରେ ଭୋଟରମାନଙ୍କ ସହଯୋଗ, ସଚିବ ସନ୍ତୋଷ କୁମାର ଦାଶ, ଉପସଚିବ ଦୁର୍ଗା ଚରଣ ମୁର୍ମୁ ଓ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

### ୭୫୦ ଜିଲ୍ଲା ମୁଖ୍ୟାଳୟରେ ହେବ "ବିକଶିତ ଭାରତ ସଂକଳ୍ପ ସଭା

## ଭାରତର ଗଣତାନ୍ତ୍ରିକ ଇତିହାସରେ ଗୌରବମୟ ଦିନ : ମନମୋହନ

ଭୁବନେଶ୍ୱର, (ସବ୍ୟୁ): ସରକାରଙ୍କ ମୁଖ୍ୟ ଭାବରେ ନିରବଚ୍ଛିନ୍ନ ୨୫ ବର୍ଷର ଗୌରବମୟ ନେତୃତ୍ୱ ପୂରଣ କରିଥିବାରୁ କେନ୍ଦ୍ର କ୍ୟାବିନେଟ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କୁ ଅଭିନନ୍ଦନ ଜଣାଇ ଏକ ଐତିହାସିକ ସଂକଳ୍ପ ପାରିତ କରିଛି। ଗୁଜରାଟରେ ତିନୋଟି ପୂର୍ଣ୍ଣ ବହୁମତ ଏବଂ କ୍ରମାଗତ ତିନୋଟି ଲୋକସଭା ନିର୍ବାଚନରେ ଜନସାଧାରଣଙ୍କ ସମର୍ଥନ, ମୋଦୀଜୀଙ୍କ ଉପରେ ଦେଶବାସୀଙ୍କ ନିରନ୍ତର ବିଶ୍ୱାସର ପ୍ରତୀକ। ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଶାସନ ଭାର ଗ୍ରହଣ କରିବାଠାରୁ ଆରମ୍ଭ କରି ଆଜି ଦେଶର ପ୍ରଧାନମନ୍ତ୍ରୀ ଭାବେ ଭାରତକୁ ନୂତନ ଉଚ୍ଚତାକୁ ନେବା ପର୍ଯ୍ୟନ୍ତ ତାଙ୍କ ନେତୃତ୍ୱର ୧୦ଟି ମୁଖ୍ୟ କାର୍ଯ୍ୟକୁ କେନ୍ଦ୍ର କ୍ୟାବିନେଟର ସଂକଳ୍ପରେ ସ୍ଥାନିତ କରାଯାଇଛି । ଆଜି ଭାରତର ଗଣତାନ୍ତ୍ରିକ ଇତିହାସରେ ଏକ ଅତ୍ୟନ୍ତ ଗୌରବମୟ ଦିନ ବୋଲି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ, ଦେଶରେ ୩.୫ କୋଟି "ଲକ୍ଷପତି ଦିଦି', "ନାରୀଶକ୍ତି ବନ୍ଦନ ଅଧିନିୟମ' ମାଧ୍ୟମରେ ମହିଳା ସଂରକ୍ଷଣ, ପିଏମ-କିଷାନ ମାଧ୍ୟମରେ ୪ ଲକ୍ଷ କୋଟିରୁ ଅଧିକ ଟଙ୍କାର କୃଷକ ସହାୟତା ଏବଂ ପିଏମ-ଜନମନ ମାଧ୍ୟମରେ ଅତି ଦୁର୍ବଳ ଜନଜାତି ସମ୍ପ୍ରଦାୟ ନିକଟରେ ବିକାଶ ପହଞ୍ଚାଯାଇପାରିଛି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି । ଜି-୨୦ ଏବଂ ବ୍ରିକ୍ସ ସମ୍ମିଳନୀରେ ସହମତି, ଗ୍ଲୋବାଲ





ସାଉଥ୍ ଓ ଆଫ୍ରିକୀୟ ୟୁନିଅନ୍‌କୁ ସାମିଲ କରିବା, ଏବଂ "ଭାକ୍ସିନ୍ ମୈତ୍ରୀ' ଦ୍ୱାରା ଭାରତର ପ୍ରଭାବ ବିଶ୍ୱ ସ୍ତରରେ ବୃଦ୍ଧି ପାଇଛି। ମୋଦିଜୀଙ୍କୁ ୩୬ଟି ଦେଶରୁ ମିଳିଥିବା ସର୍ବୋଚ୍ଚ ସମ୍ମାନ ଏହାର ପ୍ରମାଣ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ଜୀବନ ଓ ଜନସେବାର ସଫଳ ୨୫ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା କାଲି ଅକ୍ଟୋବର ୭ ତାରିଖ ଦିନ ଦେଶର ୭୫୦ ଜିଲ୍ଲା ମୁଖ୍ୟାଳୟରେ "ବିକଶିତ ଭାରତ ସଂକଳ୍ପ ସଭା"ଅନୁଷ୍ଠିତ ହେବାକୁ ଯାଉଛି । ଏହି ଅବସରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୪୦ କୋଟି ଦେଶବାସୀଙ୍କ ସହ ସିଧାସଳଖ ବାର୍ତ୍ତାଳାପ କରିବେ । ଓଡ଼ିଶାରେ ୩୧ ଟି ରାଜସ୍ୱ ଜିଲ୍ଲା ସହ ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ଲୋକଙ୍କ ସହ କଥା ହେବେ ମୋଦିଜୀ । ଖୋର୍ଦ୍ଧାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେବେ । ସେହିଭଳି ଅନ୍ୟ ସମସ୍ତ ଜିଲ୍ଲାରେ ଗୁଡ଼ିକରେ ରାଜ୍ୟର ଦୁଇ ଉପ ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରିମଣ୍ଡଳ ସମସ୍ତ ମନ୍ତ୍ରୀ, ସାଂସଦଙ୍କ ଏବଂ ବିଧାୟକମାନେ ସାମିଲ ହେବେ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ତଥା ରାଜ୍ୟ ପ୍ରକୋଷ୍ଠ ସମୂହ ସହ ସଂଯୋଜକ ଶ୍ରୀ ସୁଦୀପ୍ତ ରାୟ ଏବଂ ରାଜ୍ୟ ଗଣମାଧ୍ୟମ ସଂଯୋଜକ ଶ୍ରୀ ସୁଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

### ୭୧ତମ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଘାଟିତ

## ବୃତ୍ତିଗତ ଦକ୍ଷତା ଓ ପ୍ରଯୁକ୍ତିଗତ କୌଶଳର ଉନ୍ନତି ଉପରେ ଡିଜିପିଙ୍କ ଫୋକସ୍

କଟକ, (ସବ୍ୟୁ) :ରାଜ୍ୟ ପୋଲିସ ବାହିନୀରେ କନଷ୍ଟେବଲ ଠାରୁ ଇନ୍ସପେକ୍ଟର ପାହ୍ୟା ପର୍ଯ୍ୟନ୍ତ କର୍ମଚାରୀଙ୍କର ବୃତ୍ତିଗତ ସ୍ତରରେ ଦକ୍ଷତା ବୃଦ୍ଧି ଲାଗି କଟକସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡ ପରିସରରେ ୭୧ତମ ବୃତ୍ତିଗତ ପ୍ରତିଯୋଗିତା ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ବୃତ୍ତିଗତ ପ୍ରତିଯୋଗିତାରେ ରାଜ୍ୟର ୩୯ ଟି ପୋଲିସ ୟୁନିଟରୁ ୩୧୯ ଜଣ ପ୍ରତିଯୋଗୀ, ୪୫ଟି ଶ୍ୱାନ, ୪୫ ଜଣ ହ୍ୟାଣ୍ଡେଲର ଅଂଶ ଗ୍ରହଣ କରିଛନ୍ତି । ୪୪ ଜଣ ଇନ୍ସପେକ୍ଟର, ୫୨ ଜଣ ଏସ.ଆଇ, ୫୪ ଜଣ ଏ.ଏସ.ଆଇ, ୧୭ ଜଣ ହାବିଲଦାର, ୧୫୨ ଜଣ କନଷ୍ଟେବଲ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି ।

ଏହି ଅବସରରେ ଡ଼ିଜିପି ଶ୍ରୀ ମିଶ୍ର କହିଥିଲେ ଯେ, ଅପରାଧ ନିରାକରଣ, ସଠିକ୍ ତଦନ୍ତ ଏବଂ ଆଇନର ଶାସନ ସୁନିଶ୍ଚିତ କରିବା ପୋଲିସର ମୁଖ୍ୟ ଦାୟିତ୍ୱ। ଆଧୁନିକ ଅପରାଧର ପରିବର୍ତ୍ତିତ ସ୍ୱରୂପକୁ ଦୃଷ୍ଟିରେ ରଖି ସାଇବର ଅପରାଧ, ଅନଲାଇନ୍ ଠକେଇ, ନାରୀ ଓ ଶିଶୁଙ୍କ ବିରୋଧରେ ଅପରାଧ ଭଳି ନୂଆ ଚ୍ୟାଲେଞ୍ଜର ମୁକାବିଲା ପାଇଁ ପୋଲିସ କର୍ମଚାରୀଙ୍କ ବୃତ୍ତିଗତ ଦକ୍ଷତା, ବୈଜ୍ଞାନିକ ଜ୍ଞାନ ଓ ପ୍ରଯୁକ୍ତିଗତ କୌଶଳକୁ ନିରନ୍ତର ଉନ୍ନତ କରିବା ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ।

ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ଲାଗୁ ହେବା ପରେ ବୈଜ୍ଞାନିକ ତଦନ୍ତ, ଫରେନସିକ୍ ପ୍ରମାଣ ଓ ଡିଜିଟାଲ୍ ପ୍ରମାଣର ସଠିକ୍ ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ଡିଜିପି କହିଥିଲେ। ଏହି ଡ୍ୟୁଟି ମିଟ୍ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ଜ୍ଞାନ, ଦକ୍ଷତା ଓ ଅଭିଜ୍ଞତାକୁ ପରଖିବା ସହ ପରସ୍ପରଠାରୁ ଶିଖିବାର ଏକ ଉତ୍ତମ ମଞ୍ଚ ବୋଲି ଡିଜିପି ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ।

ଓଡ଼ିଶା ପୋଲିସ ଗତ କିଛି ବର୍ଷ ମଧ୍ୟରେ ସଂଗଠିତ ଅପରାଧ, ଉଗ୍ରବାଦ, ନିଶାଦ୍ରବ୍ୟ ଚୋରାଚାଲାଣ, ଅବୈଧ ଅସ୍ତ୍ର କାରବାର ଓ ମାନବ ଚାଲାଣ ବିରୋଧରେ ଦୃଢ଼ ପଦକ୍ଷେପ ନେଇଛି ବୋଲି ଡିଜିପି କହିଥିଲେ। ପୋକ୍ସ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ମାମଲାରେ ଦ୍ରୁତ ତଦନ୍ତ ଓ ଦୋଷୀ ସାବ୍ୟସ୍ତ କରାଇବା ଦିଗରେ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ନିକଟରେ ଝାରସୁଗୁଡ଼ାର ଏକ ଚୋରି ମାମଲାରେ ମାତ୍ର ୧୭ ଦିନ ମଧ୍ୟରେ ଦୋଷୀ ସାବ୍ୟସ୍ତ ହେବା ଏହାର ଏକ ଉଦାହରଣ ବୋଲି ସେ କହିବା ସହ ଝାରସୁଗୁଡ଼ା ଏସ୍‌ପି ଓ ତାଙ୍କ ଟିମ୍‌କୁ ଅଭିନନ୍ଦନ ଜଣାଇଥିଲେ।

ନାଗରିକଙ୍କ ସୁରକ୍ଷା, ମହିଳା ଓ ଶିଶୁଙ୍କ ସୁରକ୍ଷା, ସାମ୍ପ୍ରଦାୟିକ ସୌହାର୍ଦ୍ଦ ବଜାୟ ରଖିବା ଏବଂ ହିଂସା ରୋକିବା ପୋଲିସର ସର୍ବୋଚ୍ଚ ପ୍ରାଥମିକତା ବୋଲି ଡିଜିପି କହିଥିଲେ। ଜନସାଧାରଣଙ୍କ ଆସ୍ଥା ହେଉଛି ପୋଲିସର ସବୁଠାରୁ ବଡ଼ ଶକ୍ତି ଏବଂ ସତ୍ୟ, ନ୍ୟାୟ, ସମ୍ବେଦନଶୀଳତା ଓ ନିଷ୍ଠାର ସହିତ ପୋଲିସ କର୍ମଚାରୀମାନେ ଜନସେବା ଜାରି ରଖିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ଆଇଜିପି, କ୍ରାଇମବ୍ରାଞ୍ଚ ଡ଼ଃ ସାର୍ଥକ ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେଉଛି । ଏହି ଅବସରରେ ଡ଼ଃ ସାର୍ଥକ ଷଡଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡି.ଆଇ.ଜି, କ୍ରାଇମବ୍ରାଞ୍ଚ, ସନ୍ଦୀପ ସମ୍ପଦ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉଦଘାଟନୀ ଉତ୍ସବରେ ରାଜ୍ୟ ପୋଲିସର ବହୁ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ନୟାପଲ୍ଲୀ ଦୁଷ୍କର୍ମ ମାମଲା

## ଅଭିଯୁକ୍ତ ସମ୍ପର୍କୀୟଙ୍କ ଘରୁ ଖେଳନା ବନ୍ଧୁକ, ୬ ଫୋନ୍, ପୋଷାକ ଜବତ

ଭୁବନେଶ୍ୱର, (ସବ୍ୟୁ) : ନୟାପଲ୍ଲୀ ଦୁଷ୍କର୍ମ ମାମଲାର ଅଭିଯୁକ୍ତ ସନ୍ତୋଷ ଓରଫ ଶ୍ରୀଧର ପଣ୍ଡାର ଜଗତସିଂହପୁର ସମ୍ପର୍କୀୟଙ୍କ ଘରୁ



ତଦନ୍ତକାରୀ ପୋଲିସ ଟିମ୍ ଏକ ବ୍ୟାଗ୍‌ରେ ଥିବା ହ୍ୟାପ୍‌ପ୍ୟାଣ୍ଟ, ଟି'ସାର୍ଟ, ୬ଫୋନ୍, ଖେଳନା ବନ୍ଧୁକ ପ୍ରଭୃତି ଜବତ କରିଥିବା ସୂଚନା ମିଳିଛି । ଘଟଣା ପରେ ସନ୍ତୋଷ ଚକେଇସିହାଣୀ ଭଡା ଘରକୁ ଆସି ସେଠାରୁ ଜଗତସିଂହପୁର ଯାଇଥିଲା । ଜଗତସିଂହପୁରଯେଉଁସମ୍ପର୍କୀୟଙ୍କ ଘରକୁ ସେ ଯାଇଥିଲା ତଦନ୍ତକାରୀ ପୋଲିସ ଟିମ୍ ସେଠାରେ ଚଢାଉ କରି ବ୍ୟାଗ୍‌ରେ ଥିବା ଏସବୁ ଜିନିଷ ଜବତ କରିଛି । ଜବତ ହୋଇଥିବା ୬ଫୋନ୍ ସେ ବନ୍ଧୁକ ଦେଖାଇ ଲୁଟ୍ କରିଥିବା ପୋଲିସ କହିଛି । ଯେଉଁ ଖେଳନା ବନ୍ଧୁକ ଜବତ ହୋଇଛି, ଦୁଷ୍କର୍ମ ସମୟରେ ତାହା ବ୍ୟବହାର କରିଥିବା ପୋଲିସ କହିଛି । ସନ୍ତୋଷକୁ ପୋଲିସ କୋର୍ଟଚାଲାଣ କରିବା ପରେ ପ୍ରମାଣ ସଂଗ୍ରହ ପାଇଁ ତଦନ୍ତ ଜାରି ରହିଛି । ସନ୍ତୋଷ ଜଣେ ପେସାଦାର ଲୁଟେରା । ଦୁଷ୍କର୍ମ ଦିନ କ୍ୟାପିଟାଲ ଥାନା ଅଞ୍ଚଳରୁ ବାଇକ୍ ଚୋରି କରି ଭଡା ଘରକୁ ଆସିବା ପରେ ତାହାକୁ ଗ୍ୟାରେଜରେ ବିକ୍ରି କରିଥିଲା । ଯାହାକୁ ପୋଲିସ ଜବତ କରିବା ସହ ଚୋରା ବାଇକ୍ କିଣିଥିବା ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଏ ସମ୍ପର୍କରେ ଏସିପି ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ।

### ୧୦୦ ବର୍ଷର 'ଚଉରା' ଭଙ୍ଗାଯିବା ନିଷ୍ପତ୍ତି ମାମଲା

## କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଆଦେଶ ରଦ୍ଦ

କଟକ, (ସବ୍ୟୁ): କେନ୍ଦ୍ରାପଡ଼ା ଜିଲ୍ଲା ଇଶ୍ୱରପୁର ଗ୍ରାମରେ ଥିବା ଏକ ୧୦୦ ବର୍ଷର 'ଚଉରା' ଭଙ୍ଗାଯିବାରୁ ବର୍ତ୍ତି ଯାଇଛି । ଏହି ଚଉରାକୁ ଭାଙ୍ଗିବା ଲାଗି କେନ୍ଦ୍ରାପଡ଼ା ଜିଲ୍ଲାପାଳ ଦେଇଥିବା ଆଦେଶକୁ ହାଇକୋର୍ଟ ରଦ୍ଦ କରି ଦେଇଛନ୍ତି । ଏଥିସହ ଏହି ଅଭିଯୋଗକୁ ହାଇକୋର୍ଟ କେନ୍ଦ୍ରାପଡ଼ା ତହସିଲଦାରଙ୍କ ନିକଟକୁ ପୁନର୍ବିଚାର ପାଇଁ ପଠାଇ ଦେଇଛନ୍ତି। ଉଭୟପକ୍ଷଙ୍କୁ ଡାକି ତହସିଲ୍ଦାର ଏହା ଉପରେ ନିଷ୍ପତ୍ତି ନେବେ। ଉଭୟ ପକ୍ଷ ତହସିଲ୍ଦାରଙ୍କ ନିକଟରେ ହାଜର ହେବାର ୩୦ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ କରିବେ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଗୌରୀଶଙ୍କର କର ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏହି ଆଦେଶ ଦେଇଛନ୍ତି। ମାମଲାରୁ ଜଣାଯାଇଛି ଯେ, ଇଶ୍ୱରପୁର ଗ୍ରାମରେ ମ୍ୟୁନିସିପାଲଟି ଜାଗାରେ ଏକ ୧୦୦ ବର୍ଷ ପୁରୁଣା ଚଉରା ରହିଛି। ଏହି ଚଉରାକୁ ଉଚ୍ଛେଦ କରିବା ଲାଗି କନକଲତା ମଲ୍ଲ ନାମକ ଜଣେ ମହିଳା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲା ଉପରେ ଶୁଣାଣି କରି ଆବେଦନକାରିଣୀଙ୍କୁ ପ୍ରାଧିକୃତ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇ ମାମଲାର ଅନ୍ତ ଘଟାଇଥିଲେ। ଏହାପରେ ଆବେଦନକାରିଣୀ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ । କେନ୍ଦ୍ରାପଡ଼ା ଜିଲ୍ଲାପାଳ ଏହି ସ୍ମାରକପତ୍ର ଉପରେ ବିଚାର କରି ଚଉରାକୁ ଉଚ୍ଛେଦ ଲାଗି ନିର୍ଦ୍ଦେଶ ଦେଇଥିଲେ । ଏହି ଆଦେଶକୁ ଚ୍ୟାଲେଞ୍ଜ କରି ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ଅଭିଯୋଗ ଥିଲା ଯେ, ଉଚ୍ଛେଦ ଆଦେଶ ଜିଲ୍ଲାପାଳ ଦେଇପାରିବେ ନାହିଁ । ଉଚ୍ଛେଦ ଆଦେଶ ଦେବାର କ୍ଷମତା କେବଳ ତହସିଲ୍ଦାରଙ୍କର ରହିଛି। ହାଇକୋର୍ଟ ଏହି ଯୁକ୍ତିକୁ ଗ୍ରହଣ କରି ଜିଲ୍ଲାପାଳଙ୍କ ଉଚ୍ଛେଦ ସଂକ୍ରାନ୍ତ ଆଦେଶକୁ ରଦ୍ଦ କରି ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦୟାନନ୍ଦ ମହାପାତ୍ର, ଆଇନଜୀବୀ ଅଭିଷେକ ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ଦାଦାବଟି ଅଭିଯୋଗରେ ୫ ଗିରଫ

ପୁରୀ, (ସବ୍ୟୁ): ଅପରାଧୀଙ୍କ ବିରୋଧରେ ବାସେଳି ସାହି ଥାନା ପୁଲିସ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି । ଦାଦା ବଟି ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ଅଭିଯୋଗରେ ପୁଲିସ ୫ ଜଣଙ୍କୁ ଗିରଫ କରିଛି । ଗୀନାରୀବନ୍ତ ଆଶ୍ରମ ନିକଟ ଏକ ପରିତ୍ୟକ୍ତ ସ୍ଥାନରେ ଅଭିଯୁକ୍ତମାନେ ଏକତ୍ରିତ ହୋଇ ମାରଣାସ୍ତ୍ର ସହ ଦାଦାବଟି କରିବାକୁ ଯୋଜନା କରୁଥିବା ପୁଲିସ କହିଛି । ଗିରଫ ଅଭିଯୁକ୍ତମାନେ ହେଲେ ପାର୍ବତୀପୁର ଭୁଆ ଓରଫ ଦାମ୍ବରୁଧର ଖଟେଇ (୨୬), ଗଣେଶ ସ୍ୱାଇଁ (୨୦), ଦିନବନ୍ଧୁ ପାଲେଇ ଓରଫ ଦିଲୁ (୨୬), ପ୍ରଦୀପ ପାଢ଼ୀ ଓରଫ ଟୁବୁଲା (୩୦) ଏବଂ ଦିଲ୍ଲୀପ କୁମାର ପାଲେଇ ଓରଫ ଶିବା (୨୬) । ସମସ୍ତେ ପୁରୀ ଜିଲ୍ଲାର ବାସେଳିସାହି ଥାନା ଅଧୀନ ପାର୍ବତୀପୁର ଅଞ୍ଚଳର ବୋଲି ପୁଲିସ ସୂଚନା ଦେଇଛି। ପୁଲିସ





ସେମାନଙ୍କ ଠାରୁ ୧,୩୫୦ ଟଙ୍କା ନଗଦ, ୨ଟି ଲୁହା ରଡ୍, ୨ଟି ଲୁହା ଖଣ୍ଡା, ଗୋଟିଏ ଛୁରି ଏବଂ ୫ଟି ଖାଲି ବିୟର ବୋତଲ ଜବତ କରିଛି। ଏନେଇ ବାସେଳିସାହି ଥାନାରେ କେସ୍ ନଂ-୩୫୫/୨୦୨୬ ରୁଜୁ ହୋଇଛି । ବିଏନଏସର ଧାରା ୩୧୦(୪), ୩୧୦(୫), ୧୧୧(୨)(b) ଏବଂ ଆର୍ମସ ଆକ୍ଟର ଧାରା ୨୫(୬) ଅନୁଯାୟୀ ମାମଲା ରୁଜୁ କରାଯାଇ ଗିରଫ ୫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅପରାଧ ନିୟନ୍ତ୍ରଣ ପାଇଁ ପୁଲିସର ଏଭଳି ସ୍ୱତନ୍ତ୍ର ଚଢ଼ାଉ ଜାରି ରହିବ ବୋଲି ଜଣାପଡ଼ିଛି ।

# ଏମ୍‌ଓୟୁ ସହଭାଗିତା ମାଧ୍ୟମରେ ସୁଦୃଢ଼ ହେଉଛି ଓଡ଼ିଶାର ଦକ୍ଷତା ଇକୋସିଷ୍ଟମ

ଭୁବନେଶ୍ୱର, (ସବ୍ୟୁ): ଭବିଷ୍ୟତ ପାଇଁ ଏକ ଦକ୍ଷ କାର୍ଯ୍ୟବଳ ପ୍ରସ୍ତୁତ କରିବା ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ଓଡ଼ିଶାର ନେତୃତ୍ୱକୁ ଅଧିକ ସୁଦୃଢ଼ କରିବା ଦିଗରେ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଆଜି ଭୁବନେଶ୍ୱରସ୍ଥିତ 'ୱାର୍ଲ୍ଡ ସ୍କିଲ ସେଣ୍ଟର'ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ବିଭିନ୍ନ ରଣନୈତିକ ଅଂଶୀଦାରଙ୍କ ସହିତ ଏମଓୟୁ ଆଦାନପ୍ରଦାନ କରାଯାଇଛି। ଏହି ସହଯୋଗିତା ରାଜ୍ୟର ଯୁବବର୍ଗଙ୍କ ପାଇଁ ଦକ୍ଷତା ବୃଦ୍ଧି, ଶିଳ୍ପ ଆବଶ୍ୟକତା ସହ ଯୋଡ଼ିହେବା, ବୈଷୟିକ ଶିକ୍ଷା, ଉତ୍କର୍ଷ କେନ୍ଦ୍ର, ଇନୋଭେସନ ଏବଂ ନିଯୁକ୍ତି ସୁଯୋଗକୁ ସୁଦୃଢ଼ କରିବ। ସମାବେଶକୁ ସମ୍ବୋଧିତ କରି ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏସବୁ ବୁଝାମଣାପତ୍ରଗୁଡ଼ିକୁ ମାନବ ସମ୍ବଳରେ ଗୁରୁତ୍ୱପୂର୍ଣ୍ଣ ନିବେଶ ବୋଲି କହିଥିଲେ। ସେ କହିଥିଲେ ଯେ, ଏହି ସହଭାଗିତା ଓଡ଼ିଶାର ସମ୍ପ୍ରସାରିତ ହେଉଥିବା ଶିଳ୍ପ ଇକୋସିଷ୍ଟମ ପାଇଁ ଆବଶ୍ୟକ ଦକ୍ଷ କାର୍ଯ୍ୟବଳ ପ୍ରସ୍ତୁତ କରିବା ସହ ଯୁବପିଢ଼ିଙ୍କୁ ଗୁଣାତ୍ମକ ତାଲିମ, ନିଯୁକ୍ତି ଏବଂ କ୍ୟାରିୟରର ଅଗ୍ରଗତି ପାଇଁ ସୁଯୋଗ ପ୍ରଦାନ କରିବ।



ଏହି ଏମଓୟୁଗୁଡିକ ଉତ୍କର୍ଷ କେନ୍ଦ୍ରଗୁଡ଼ିକୁ ସହାୟତା କରିବା ସହ ଶିଳ୍ପ-ଭିତ୍ତିକ ତାଲିମ, ପାଠ୍ୟକ୍ରମର ସଂସ୍କାର, ପ୍ରଶିକ୍ଷକଙ୍କ ଦକ୍ଷତା ବୃଦ୍ଧି, ଜ୍ଞାନ ଆଦାନପ୍ରଦାନ, ଆପ୍ରେଣ୍ଟିସସିପ୍ ଏବଂ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ସହଯୋଗ କରିବ। ପ୍ରଶିକ୍ଷାର୍ଥୀମାନେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଶିଳ୍ପର ଶ୍ରେଷ୍ଠ ପ୍ରକ୍ରିୟାଗୁଡ଼ିକ ସହ ଜଡ଼ିତ ହେବାର ଅଧିକ ସୁଯୋଗ ପାଇବେ, ଯାହା ତାଲିମକୁ ବଜାରର ଆବଶ୍ୟକତା ସହ ସମନ୍ୱୟ ରଖିବାରେ ସାହାଯ୍ୟ କରିବ। ଏହି ସହଯୋଗୀ ପ୍ରତିଷ୍ଠାନଗୁଡ଼ିକ ହେଉଛନ୍ତି: ୱାନ୍ ଏମ୍ ୱାନ୍ ବି ଫାଉଣ୍ଡେସନ୍, କାଲଡେରିସ୍ (ଫ୍ରାନ୍ସ), ସିଆଇଇଏଲ୍ ଏଚ୍‌ଆର୍ ସର୍ଭିସେସ୍ ଲିମିଟେଡ୍, କ୍ଲସ୍ ଇଣ୍ଡିଆ (ଜର୍ମାନୀ), ଡେଲଫି-ଟିଭିଏସ୍ ଟେକ୍ନୋଲୋଜିସ୍ ଲିମିଟେଡ୍, ଏଫ୍‌୫ ଇଣ୍ଡିଆ (ଆମେରିକା), ଗୋଦ୍ରେଜ୍ କନ୍‌ଜ୍ୟୁମର ପ୍ରୋଡକ୍ଟସ ଲିମିଟେଡ୍, ହେଟିଚ୍ ପୋଦାର ଉଡ୍ ୱର୍କ ଇନ୍‌ଷ୍ଟିଚ୍ୟୁଟ୍, ଆଇ ଫରେଷ୍ଟ, ମହିନ୍ଦ୍ରା ହଲିଡେଜ୍ ଆଣ୍ଡ ରିସୋର୍ଟସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ଓସ୍‌ମେ, ସେମାଣ୍ଟିକ୍ସ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଟିଏଚ୍‌କେ ଇଣ୍ଡିଆ (ଜାପାନ) ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ। କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀଙ୍କ ସହ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଚକ୍ରବର୍ତ୍ତୀ ସିଂହ ରାଠୋର, ୱାର୍ଲ୍ଡ ସ୍କିଲ ସେଣ୍ଟରର ସିଇଓ ରଶ୍ମି ରଞ୍ଜନ ମହାପାତ୍ର ଏବଂ ଶିଳ୍ପ ଜଗତର ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ନିଲମ୍ବିତ ଜେଲ୍ ଅଧୀକ୍ଷକ ସୁଜିତ ରାଉଳଙ୍କ ହାଇକୋର୍ଟରେ ଜାମିନ ଆବେଦନ

କଟକ,(ସବ୍ୟୁ ): ଚୌଦ୍ୱାର ସର୍କଲ ଜେଲ୍‌ର ନିଲମ୍ବିତ ବରିଷ୍ଠ ଅଧୀକ୍ଷକ ସୁଜିତ କୁମାର ରାଉଳ ହାଇକୋର୍ଟରେ ଜାମିନ ଆବେଦନ କରିଛନ୍ତି। ସେପ୍ଟେମ୍ବର ୩୦ରେ କଟକ ଅତିରିକ୍ତ ଦୌରା ଜଜ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଶ୍ରୀ ରାଉଳଙ୍କ ନିୟମିତ ଜାମିନ ଆବେଦନକୁ ଖାରଜ କରିବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ସେପ୍ଟେମ୍ବର ୨୧ରେ ଶ୍ରୀ ରାଉଳଙ୍କୁ ଗିରଫ କରି ଚୌଦ୍ୱାର ପୁଲିସ କୋର୍ଟ ଚାଲାଣ କରିଥିଲା। ଚୌଦ୍ୱାର ଜେଲରୁ ଦୁଇ ଦୁର୍ଦ୍ଦାନ୍ତ କଏଦୀ ଫେରାର ଘଟଣା ପରେ ବରିଷ୍ଠ ଅଧୀକ୍ଷକ ଶ୍ରୀ ରାଉଳଙ୍କ ବିରୋଧରେ ଚୌଦ୍ୱାର ଥାନାରେ ଚୌଦ୍ୱାର ଜେଲ୍‌ର ପୂର୍ବତନ ଜେଲର୍ ଗୁରୁତର ଅଭିଯୋଗ ଆଣି ଏତଲା ଦେଇଥିଲେ। ସରକାରୀ ରେକର୍ଡ ହେରଫେର ଓ ସରକାରୀ ଡ୍ୟୁଟିରେ ଥାଇ ଅପରାଧୀକ ବ୍ୟବହାର ଭଳି ସଂଗିନ କାର୍ଯ୍ୟରେ ସଂପୃକ୍ତ ଥିବା ନେଇ ଶ୍ରୀ ରାଉଳଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଗତ ଅଗଷ୍ଟ ୨୯ରେ ଶ୍ରୀ ରାଉଳଙ୍କୁ ଆଗୁଆ ଜାମିନ ଦେବାକୁ ହାଇକୋର୍ଟ ମନା କରିଥିଲେ।

# ସ୍ୱାଧୀନତା ସଂଗ୍ରାମରେ ପ୍ରାଣନାଥଙ୍କ ଅବଦାନ ଅବିସ୍ମରଣୀୟ : ଉପ ମୁଖ୍ୟମନ୍ତ୍ରୀ ସିଂହଦେଓ

ଭୁବନେଶ୍ୱର, (ସବ୍ୟୁ): ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକଙ୍କ ସମଗ୍ର ଜୀବନ ସେବା ଓ ସଂଗ୍ରାମ ପାଇଁ ସମର୍ପିତ ଥିଲା । ସମାଜର ଅଗଣିତ ଗରିବ ଓ ଅବହେଳିତ ଜନସାଧାରଣଙ୍କ ମୁହଁରେ ହସ ଫୁଟାଇବାକୁ ସେ ଆଜୀବନ ପ୍ରୟାସ ଜାରି ରଖିଥିଲେ ବୋଲି ରାଜ୍ୟସ୍ତରୀୟ ସ୍ମୃତି ସମାରୋହରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ବର୍ତ୍ତମାନ ପିଢି ତାଙ୍କର ସେବା, ତ୍ୟାଗ ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ସେମାନେ ଆହ୍ୱାନ ଦେଇଛନ୍ତି ।

ସ୍ୱାଧୀନତା ସଂଗ୍ରାମର ଅଗ୍ରଗଣ୍ୟ ଯୋଦ୍ଧା, ସାମ୍ୟବାଦୀ ଓ କୃଷକ ଆନ୍ଦୋଳନର ଅନ୍ୟତମ ଆଦ୍ୟ ପୁରୋଧା, ଶିକ୍ଷା ପ୍ରସାରରେ ଅଗ୍ରଣୀ ଶିକ୍ଷାବିତ୍, ସାହିତ୍ୟିକ, ବିଧାୟକ ତଥା ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକଙ୍କ ୫୬ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଜୟଦେବ ଭବନଠାରେ ଅନୁଷ୍ଠିତ ସ୍ମୃତି ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସ୍ୱାଧୀନତା ସଂଗ୍ରାମରେ ପ୍ରାଣନାଥଙ୍କ ଅନବଦ୍ୟ ଅବଦାନ ସମ୍ପର୍କରେ ଆଲୋଚନା କରି ତାଙ୍କର ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସ୍ୱର୍ଗତ ପଟ୍ଟନାୟକଙ୍କୁ ବୈପ୍ଳବିକ ଚେତନାର ଅନ୍ୟତମ ଅଗ୍ରଦୂତ ରୂପେ ବର୍ଣ୍ଣନା କରି ସେ ତାଙ୍କର ଉତ୍ସର୍ଗୀକୃତ ଜନସେବା ଓ ଶିକ୍ଷାର ପ୍ରସାର ପାଇଁ ନିଷ୍ଠାପର ପ୍ରଚେଷ୍ଟାର ପ୍ରଶଂସା କରିଥିଲେ । ଏହି ଉତ୍ସବରେ "ଆମ ଓଡ଼ିଶା' ଓ "ସମ୍ବାଦ'ର ଅଧ୍ୟକ୍ଷ ସୌମ୍ୟରଂଜନ ପଟ୍ଟନାୟକ ମୁଖ୍ୟବକ୍ତା ରୂପେ ଯୋଗଦେଇ ପ୍ରାଣନାଥଙ୍କ ବୈପ୍ଳବିକ କର୍ମମୟ ଜୀବନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଉତ୍ସବରେ ବରେଣ୍ୟ ଅତିଥି ରୂପେ ଯୋଗଦେଇ "କିଟ୍' ଓ "କିସ୍'ର ପ୍ରତିଷ୍ଠାତା ତଥା ଶିକ୍ଷାବିତ୍ ଡ. ଅଚ୍ୟୁତ



ସାମନ୍ତ, ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଦୀପକ ମାଲବ୍ୟ ଏବଂ ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ପ୍ରମୁଖ ପ୍ରାଣନାଥଙ୍କ ଜନସେବା, ରାଜ୍ୟରେ ଶିକ୍ଷା ପ୍ରସାର ଦିଗରେ ନିଷ୍ଠାପର ପ୍ରଚେଷ୍ଟା ଏବଂ ସାହିତ୍ୟ ସାଧନା ସମ୍ପର୍କରେ ବିଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା କରିଥିଲେ । ସ୍ମୃତି ସମିତିର ସଭାପତି ତଥା ବିଶିଷ୍ଟ ଲେଖିକା ଡ. ଅର୍ଚ୍ଚନା ନାୟକ ଉତ୍ସବରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ବରିଷ୍ଠ ସିନେ ସମୀକ୍ଷକ ଦିଲ୍ଲୀପ ହାଲି ବିବରଣୀ ପ୍ରଦାନ କରିଥିଲେ ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ପାଞ୍ଚ'ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'ପ୍ରାଣନାଥ ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା । ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ ହେଲେ - ଐତିହାସିକ ଓ ଗବେଷକ ପ୍ରଫେସର ବସନ୍ତ କୁମାର ମଲ୍ଲିକ, ବରିଷ୍ଠ ନାଟ୍ୟକାର ଓ ଗଣମାଧ୍ୟମ ବ୍ୟକ୍ତିତ୍ୱ ଗୋପୀନାଥ ବାରିକ, ଶିକ୍ଷାବିତ୍ ଡ. ବିନ୍ଦୁଶ୍ରୀ ମିଶ୍ର, ଲୋକପ୍ରିୟ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ଏବଂ ଲେଖିକା ଓ ଅନୁବାଦିକା ରଜନିମାଳା ସ୍ୱାଇଁ । ଏହି କାର୍ଯ୍ୟକ୍ରମକୁ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ ।

# ଡାକ୍ତର ଗାୟତ୍ରୀ ମହାରଣାଙ୍କୁ ମାକ୍ସିଲୋଫେସିଆଲ୍ ସର୍ଜରୀରେ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, (ସବ୍ୟୁ): କିଟ୍ ବିଶ୍ୱବିଦ୍ୟାଳୟରୁ ମାଷ୍ଟର ଅଫ୍ ଡେଣ୍ଟାଲ୍ ସର୍ଜରୀ ଅନ୍ତର୍ଗତ ଓରାଲ୍ ଆଣ୍ଡ ମାକ୍ସିଲୋଫେସିଆଲ୍ ସର୍ଜରୀ ବିଭାଗରେ ଡାକ୍ତର ଗାୟତ୍ରୀ ମହାରଣା ଉଲ୍ଲେଖନୀୟ କୃତିତ୍ୱ ହାସଲ କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି । ସେ ରମେଶ ଚନ୍ଦ୍ର ମହାରଣାଙ୍କ ସୁକନ୍ୟା ତଥା ପ୍ରିୟରଞ୍ଜନ ପରିଡ଼ାଙ୍କ ଧର୍ମପତ୍ନୀ । ଡାକ୍ତର ଗାୟତ୍ରୀ ନିଜ ଅଧ୍ୟୟନ କାଳରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ବିଶ୍ୱବିଦ୍ୟାଳୟ ତରଫରୁ ଏହି ଗୌରବଜନକ ଡିଗ୍ରୀ ଓ ସ୍ୱର୍ଣ୍ଣ ପଦକ ପ୍ରାପ୍ତ କରିଛନ୍ତି । ଏହି ସଫଳତା ପାଇଁ ସେ ନିଜ ପିତାମାତା, ତଥା ଅଧ୍ୟାପକ-ଅଧ୍ୟାପିକାମାନଙ୍କୁ କୃତଜ୍ଞତା ଜଣାଇଛନ୍ତି । ଡାକ୍ତର ଗାୟତ୍ରୀଙ୍କ ଏହି ସଫଳତାରେ ତାଙ୍କ ପରିବାର, ବନ୍ଧୁବର୍ଗ ଏବଂ କିଟ୍ ପରିବାର ତରଫରୁ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି ।



# ଠାକୁରାଣୀଙ୍କ ମନ୍ଦିରରୁ ଲୁଟପାଟ ଘଟଣାରେ ଦୁଇ ଗିରଫ

ଜଟଣୀ, (ସବ୍ୟୁ) : ସ୍ଥାନୀୟ ଷଣ୍ଡପୁର ସ୍ଥିତ ଗ୍ରାମଦେବୀ ମା' ବାରଡ଼ଙ୍ଗା ମନ୍ଦିରରୁ ଚୋରି ଘଟଣାରେ ପୁଲିସ ୨ ଜଣ ଅଭିଯୁକ୍ତଙ୍କୁ କେଶ ନମ୍ବର ୫୨୫/୨୬ ଆଧାରରେ ଗିରଫ କରି ଚୋରି ହୋଇଥିବା ମନ୍ଦିର ଘଣ୍ଟି, ବାଲ୍ଟି, ବାସନକୁସନ, ଦାନବାକ୍ସ ଆଦି ଜବତ କରିଥିବା ଜଣାପଡିଛି । ସୂଚନା ମୁତାବକଗତ ୫ ତାରିଖ ରାତି ପ୍ରାୟ ୯.୩୩ ସମୟରେ ଷଣ୍ଡପୁର ଗ୍ରାମର ମା' କାଳିକା ୟୁଥ୍ କ୍ଲବର ସମ୍ପାଦକ ଲକ୍ଷ୍ମୀକାନ୍ତ ରାଉତ (୪୧) ଜଟଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ କି ତା ୩ ତାରିଖ ରାତିରେ କିଛି ଦୁର୍ବୃତ୍ତ ମନ୍ଦିରର ଗ୍ରିଲ୍ ତାଲା ଭାଙ୍ଗି ଘଣ୍ଟି, ବାଲ୍ଟି, ବାସନକୁସନ, ଦାନବାକ୍ସ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଛନ୍ତି ।ଘଟଣାର ତଦନ୍ତ ସମୟରେ ପୁଲିସ ଜାଣିବାକୁ ପାଇଥିଲା ଯେ, ଅଭିଯୁକ୍ତ ମାନେ ରାତି ପ୍ରାୟ ୩.୩୦ ସମୟରେ ମନ୍ଦିରର ଗ୍ରିଲ୍ ତାଲାକୁ ପଥରରେ ଭାଙ୍ଗି ଭିତରକୁ ପ୍ରବେଶ କରି ଉକ୍ତ ସାମଗ୍ରୀଗୁଡ଼ିକ ଚୋରି କରିଥିଲେ । ତଦନ୍ତ ଆଧାରରେ ପୁଲିସ ସେହି ଗ୍ରାମର ଭୋଇ ସାହିର ସଞ୍ଜିତ ବେହେରା (୨୮) ଓରଫ ସଞ୍ଜୁ ଏବଂ ଅନିଲ ବେହେରା (୨୮) ଓରଫ ସାହେବଙ୍କୁ ଗିରଫ କରିଥିଲେ । ସେମାନଙ୍କୁ ପଚରାଉଚରାରୁ ଘଟଣାରେ ବଳରାମ ରାଉତ ନାମକ ଅନ୍ୟ ଜଣେ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି । ବଳରାମ ରାଉତ ବର୍ତ୍ତମାନ ଫେରାର ଥିବାବେଳେ, ତାଙ୍କୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ପ୍ରୟାସ ଜାରି ରହିଛି । ଗିରଫ ଅଭିଯୁକ୍ତ ମାନଙ୍କ ସୂଚନା ଆଧାରରେ ଚୋରି ହୋଇଥିବା ମନ୍ଦିର ଘଣ୍ଟି, ବାଲ୍ଟି, ବାସନକୁସନ ଓ ଦାନବାକ୍ସ ଜବତ କରାଯାଇଛି । ଚୋରି ସାମଗ୍ରୀ ବିକ୍ରିକରି ପ୍ରାପ୍ତ ଟଙ୍କାକୁ ନିଶା ସେବନରେ ବ୍ୟବହାର କରିଥିବା ନେଇ ଦୁଇ ଅଭିଯୁକ୍ତ ପ୍ରକାଶ କରିଛନ୍ତି ।

# ବାପୁଜୀନଗର ରାସ୍ତା, ଡ୍ରେନ କାର୍ଯ୍ୟକୁ ତ୍ୱରାନ୍ୱିତ ଲାଗି ଦାବି

ଭୁବନେଶ୍ୱର(ସବ୍ୟୁ): ବାପୁଜୀନଗର ଅଞ୍ଚଳର ରାସ୍ତା ଓ ଡ୍ରେନେଜ୍‌ର ଉନ୍ନତିକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମଙ୍ଗଳବାର ବାପୁଜୀନଗର ନାଗରିକ କମିଟିର ସଦସ୍ୟମାନେ ଏକ ଦାବି ପତ୍ର ବିଜେପିର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ସ୍ଥାନୀୟ ବାସିନ୍ଦାଙ୍କ ସମସ୍ତ ବିଷୟରେ ପ୍ରତ୍ୟକ୍ଷ ଆଲୋଚନା କରିଥିଲେ । ପ୍ରାଥମିକତାରେ ବାପୁଜୀନଗର ରାସ୍ତା ବିଷୟରେ ତାଙ୍କୁ ଅବଗତ କରାଯାଇଥିଲା । କମିଟିର ସଦସ୍ୟ ଜୟନ୍ତ କୁମାର ଜେନାଙ୍କ ନେତୃତ୍ୱରେ କମିଟିର ସଦସ୍ୟଗଣ ରାସ୍ତା ଗୁଡ଼ିକର ପରିଦର୍ଶନ କରିଥିଲେ । ଏହାସହ ଆରଆଣ୍ଡବି ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ସହ ସମସ୍ତ ବିଷ ରେ ଆଲୋଚନା ହୋଇଥିଲା । ତାଙ୍କର ଏକ ଟିମ୍ ଗଠନ କରି କାର୍ଯ୍ୟ କିପରି ହୋଇପାରିବ, ସେ ବିଷୟରେ ବାପୁଜୀନଗର ନାଗରିକ କମିଟିର ପରାମର୍ଶ ନେଇ ସୁଚାରୁ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । କମିଟି ତରଫରୁ କୁହାଯାଇଥିଲା ଅଞ୍ଚଳର କେତୋଟି



ଗ୍ରୀଲ୍ କାମ ଆଉ ରାସ୍ତା ଓ ପେଭର ବ୍ଲକ୍‌ର ନିର୍ମାଣ କରିବା ସହ ନିର୍ମାଣ ଥିବା କେତୋଟି ଡ୍ରେନ୍‌ର ଉନ୍ନତିକରଣ ଶୀଘ୍ର ଧ୍ୟାନ ଦିଆଯାଉଥିବା ଅନୁରୋଧକ୍ରମେ ତ୍ୱରିତ ପଦକ୍ଷେପ ନିଆଯିବା ଆବଶ୍ୟକ ରହିଛି । ବାପୁଜୀନଗର ଏକ ପୁରାତନ ଆବାସିକ ଅଞ୍ଚଳ ହୋଇଥିବାରୁ ଏଠାରେ ନାଗରିକ ମାନଙ୍କର ମୌଳିକ ସୁବିଧା ପ୍ରତି ପ୍ରଶାସନ ଧ୍ୟାନ ଦେବା ଆବଶ୍ୟକ । ଶେଷରେ ସମସ୍ତ ବିଷୟରେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସମସ୍ୟାର ଶୀଘ୍ର ସମାଧାନ କରିବେ ବୋଲି ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ । ଆଲୋଚନାରେ କମିଟିର ବରିଷ୍ଠ ସଦସ୍ୟ ଜୟନ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ୪୮୦ କିଲୋୱାଟ୍ ପିକ୍‌ରୁ ଅଧିକ ସୌର ଶକ୍ତି କ୍ଷମତା ସହ ସବୁଜ ଶକ୍ତିର ବ୍ୟବହାରକୁ ସୁଦୃଢ଼ କରୁଛି ପୂର୍ବତଟ ରେଳପଥ

ଭୁବନେଶ୍ୱର, (ସବ୍ୟୁ): ପୂର୍ବତଟ ରେଳପଥ ସ୍ୱଚ୍ଛ ଓ ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାରକୁ ପ୍ରୋତ୍ସାହନ ଦେବା ସହ ଶକ୍ତି ସଂରକ୍ଷଣ ଓ କାର୍ବନ ନିର୍ଗମନ ହ୍ରାସ ଦିଗରେ ନିରନ୍ତର ପଦକ୍ଷେପ ଗ୍ରହଣ କରୁଛି। ଏହି କ୍ରମରେ, ପୂର୍ବତଟ ରେଳପଥର ବିଭିନ୍ନ ରେଳ ପ୍ରତିଷ୍ଠାନରେ ମୋଟ ୪୮୬.୮୪ କିଲୋୱାଟ୍ ପିକ୍ ସୌର ଶକ୍ତି କ୍ଷମତା ସ୍ଥାପନ କରାଯାଇଛି। ଏହି ପଦକ୍ଷେପ ରେଳ ପରିଚାଳନାରେ ସ୍ୱଚ୍ଛ ଶକ୍ତିର ବ୍ୟବହାର ବୃଦ୍ଧି ସହିତ ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶ ଦିଗରେ ପୂର୍ବ ତଟ ରେଳପଥର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଖୋର୍ଦ୍ଧା ରୋଡ, ସମ୍ବଲପୁର ଓ ରାୟଗଡା ଡିଭିଜନର ବିଭିନ୍ନ ସ୍ଥାନରେ ଏହି ସୌର ଶକ୍ତି କ୍ଷମତା ସ୍ଥାପନ କରାଯାଇଛି। ଖୋର୍ଦ୍ଧା ରୋଡ ଡିଭିଜନରେ ସର୍ବାଧିକ ୩୨୬.୮୪ kWp, ସମ୍ବଲପୁର ଡିଭିଜନରେ ୧୫୦ kWp ଏବଂ ରାୟଗଡା ଡିଭିଜନରେ ୧୦



kWp ସୌର ଶକ୍ତି କ୍ଷମତା ସ୍ଥାପନ କରାଯାଇଛି । ଏହା ବ୍ୟତୀତ, ପୂର୍ବ ତଟ ରେଳପଥର ୨୩୨ଟି ରେଳ ଷ୍ଟେସନରେ ରୁଫଟପ୍ ସୋଲାର ବ୍ୟବସ୍ଥା କରାଯାଇଛି। ଏଥିମଧ୍ୟରେ ଖୋର୍ଦ୍ଧା ରୋଡ ଡିଭିଜନର ୧୧୦ଟି, ସମ୍ବଲପୁର ଡିଭିଜନର ୬୮ଟି ଏବଂ ରାୟଗଡା ଡିଭିଜନର ୫୪ଟି ଷ୍ଟେସନ ରହିଛି। ଷ୍ଟେସନଗୁଡିକରେ ସୌର ଶକ୍ତିର ବ୍ୟବହାର ଦ୍ୱାରା ରେଳ ପରିଚାଳନାରେ ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାର ବୃଦ୍ଧି ସହିତ ଶକ୍ତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ଦିଗରେ ପୂର୍ବ ତଟ ରେଳପଥର ପ୍ରୟାସକୁ ଆହୁରି ସୁଦୃଢ଼ କରୁଛି।

ଏହି ସୌର ଶକ୍ତି ବ୍ୟବସ୍ଥାଗୁଡିକ ନବୀକରଣଯୋଗ୍ୟ ଶକ୍ତି ଉତ୍ପାଦନରେ ମଧ୍ୟ ଉଲ୍ଲେଖନୀୟ ଅବଦାନ ରଖୁଛି। ୨୦୨୬-୨୭ ଆର୍ଥିକ ବର୍ଷରେ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ୬୭,୦୨,୭୦୭.୯୮ ୟୁନିଟ୍ ସୌର ଶକ୍ତି ଉତ୍ପାଦନ ରେକର୍ଡ କରାଯାଇଛି। ସୌର ଶକ୍ତିର ଏହି ବର୍ଦ୍ଧିତ ବ୍ୟବହାର ପାରମ୍ପରିକ ବିଦ୍ୟୁତ ଉତ୍ସ ଉପରେ ପୂର୍ବ ତଟ ରେଳପଥର ନିର୍ଭରଶୀଳତା ହ୍ରାସ କରିବା ସହିତ ଏହାର ବିଭିନ୍ନ ପ୍ରତିଷ୍ଠାନରେ ସ୍ୱଚ୍ଛ ଶକ୍ତି ବ୍ୟବହାରକୁ ପ୍ରୋତ୍ସାହିତ କରୁଛି। ସୌର ଶକ୍ତିର ବ୍ୟବହାର ଦ୍ୱାରା ପୂର୍ବତଟ ରେଳପଥ ଉଲ୍ଲେଖନୀୟ ଆର୍ଥିକ ସଞ୍ଚୟ ହାସଲ କରୁଛି। ୨୦୨୬-୨୭ ଆର୍ଥିକ ବର୍ଷରେ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ସୌର ଶକ୍ତି ଉତ୍ପାଦନ ଯୋଗୁଁ ପ୍ରାୟ ୪.୫୧ କୋଟି ଟଙ୍କା ସଞ୍ଚୟ ହୋଇଛି। ସୌର ଶକ୍ତିର ବ୍ୟବହାର ଦ୍ୱାରା ପାରମ୍ପରିକ ଶକ୍ତି ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ ପାଇବା ସହିତ ଶକ୍ତି ବ୍ୟୟ ହ୍ରାସ ଓ ପରିବେଶ ସୁରକ୍ଷା ଦିଗରେ ମଧ୍ୟ ଉଲ୍ଲେଖନୀୟ ଲାଭ ମିଳୁଛି। ପୂର୍ବତଟ ରେଳପଥ ଏହାର ଷ୍ଟେସନ, କାର୍ଯ୍ୟାଳୟ, କାରଖାନା ଏବଂ ଅନ୍ୟାନ୍ୟ ରେଳ ପ୍ରତିଷ୍ଠାନରେ ନବୀକରଣଯୋଗ୍ୟ ଶକ୍ତି ଭିତ୍ତିଭୂମି ସମ୍ପ୍ରସାରଣ ପାଇଁ ନିରନ୍ତର ଭାବେ ନୂତନ ସୁଯୋଗ ଅନ୍ୱେଷଣ କରୁଛି। ସୌର ଶକ୍ତିର ବର୍ଦ୍ଧିତ ବ୍ୟବହାର ଶକ୍ତି ଦକ୍ଷତା ବୃଦ୍ଧି, କାର୍ବନ ନିର୍ଗମନ ହ୍ରାସ ଏବଂ ଅଧିକ ସ୍ଥାୟୀ ରେଳ ବ୍ୟବସ୍ଥା ଗଠନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ସମସ୍ତ ପଦକ୍ଷେପ ଶକ୍ତି ଦକ୍ଷତା, ପରିବେଶଗତ ସ୍ଥାୟିତ୍ୱ ଏବଂ ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାର ବୃଦ୍ଧି ନିମନ୍ତେ ଭାରତୀୟ ରେଳବାଇର ବ୍ୟାପକ ଦୂରଦୃଷ୍ଟି ସହ ସମ୍ପୂର୍ଣ୍ଣ ଆବଦ୍ଧ।

# ନାଟ୍ୟ ନିର୍ଦ୍ଦେଶକ, ଅଭିନେତା ପଦ୍ମନାଭ ପୃଷ୍ଟିଙ୍କ ପରଲୋକ

ଭୁବନେଶ୍ୱର (ସବ୍ୟୁ): ବାଲିଚନ୍ଦ୍ରପୁର ବାଲିପଡିଆ ଯୁବକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା, ନାଟ୍ୟ ନିର୍ଦ୍ଦେଶକ, ଲେଖକ ଓ ଅଭିନେତା ତଥା ସୁଗାୟକ ପଦ୍ମନାଭ ପୃଷ୍ଟିଙ୍କର ସୋମବାର ବିଳମ୍ବିତ ରାତିରେ ହୃଦଘାତରେ ପରଲୋକ ଘଟିଛି । ୧୬ ବର୍ଷ ବୟସରୁ ପଦ୍ମନାଭ ପୃଷ୍ଟି ଗ୍ରାମ୍ୟ ନାଟକ, ଗୀତିନାଟ୍ୟ ଓ ଯାତ୍ରାରେ ଅଭିନୟ ଆରମ୍ଭ କରିଥିଲେ । ବଳିଷ୍ଠ ଅଭିନୟ ସାଙ୍ଗକୁ କମ ବୟସରୁ ଗୀତିନାଟ୍ୟ ରଚନା ଓ ନାଟକ ନିର୍ଦ୍ଦେଶନା ଆରମ୍ଭ କରିଥିଲେ । ପ୍ରାୟ ୩୫ଟି ଗୀତିନାଟ୍ୟ ସେ ରଚନା କରିଥିବା ବେଳେ ତାହା ଅପ୍ରକାଶିତ ହୋଇ ରହିଯାଇଛି । ପ୍ରାୟ ୨୦୦ରୁ ଅଧିକ ନାଟକରେ ସେ ଅଭିନୟ କରିଥିଲେ ।

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୃନ୍ଦାବନ ତ୍ରିପାଠୀ, ସରସ୍ୱତୀ ଦେବୀ, ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, ସାରଙ୍ଗଧର ସାମଲ ପ୍ରଭୃତିଙ୍କ ସଂସ୍ପର୍ଶରେ ଆସି ପିଲାଟି ଦିନରୁ ସଂଗ୍ରାମୀପୀଠ ଠକ୍କରବାପା ଆଶ୍ରମ ସହିତ ସେ ଜଡିତ ରହିଥିଲେ । ସୋମବାର ବିଳମ୍ବିତ ରାତିରେ ବଡଚଣା ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଙ୍କର ପରଲୋକ ଘଟିବା ପରେ ତାଙ୍କୁ ବାଲିପଡିଆ ଅଣାଯାଇଥିଲା ଓ ସେଠାରେ ଗ୍ରାମବାସୀଙ୍କ ପକ୍ଷରୁ ଅନ୍ତିମ ଶ୍ରଦ୍ଧାଞ୍ଜଳି ଦିଆଯାଇ ଏକ ସଂକୀର୍ତ୍ତନ ଶୋଭାଯାତ୍ରାରେ ନିଆଯାଇଥିଲା । ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିବା ବେଳେ ପୁଅ ବିଶିଷ୍ଟ କବି ଓ ଲେଖକ ଗିରିଜା ପ୍ରସନ୍ନ ପୃଷ୍ଟି ମୁଖାଗ୍ନି ଦେଇଥିଲେ । ଅନ୍ତିମ ଶୋଭାଯାତ୍ରାରେ ବାଲିପଡିଆ ଯୁବକ ସଂଘର ଉପସଭାପତି ତଥା 'ପ୍ରଗତିବାଦୀ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ତଥା ପ୍ରକାଶକ ବିରୂପାକ୍ଷ ତ୍ରିପାଠୀ, ପରିକ୍ଷୀତ ପୃଷ୍ଟି, ପ୍ରବୋଧ କୁମାର ସାମଲ, ଜ୍ଞାନେନ୍ଦ୍ର ତ୍ରିପାଠୀ, ସୁବାଷ ଚନ୍ଦ୍ର ଦାଶ, ଗୋପାଳ ଚନ୍ଦ୍ର ଓଝା, କ୍ଷେତ୍ରବାସୀ ଓଝା ପ୍ରମୁଖ ସାମିଲ ହୋଇଥିଲେ ।



# ଏମ୍‌ଏମ୍‌ଡିଆର ଆଇନ ପ୍ରତ୍ୟାହାର ଦାବି ନେଇ କଂଗ୍ରେସର ରାଲି

ଜଟଣୀ, (ସବ୍ୟୁ) : ଇଣ୍ଡିଆ ମେଣ୍ଟ ,ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ




ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ସଭାପତି ରାଜୀବ ପଟ୍ଟନାୟକ ଓ ପୂର୍ବତନ ବିଧାୟକ ସୁରେଶ ରାଉତରାୟଙ୍କ ନେତୃତ୍ୱରେ ଏମଏମଡିଆର ଆଇନ ପ୍ରତ୍ୟାହାର ଦାବି,ଓ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଭୋଟ ଚୋରି ପ୍ରସଙ୍ଗକୁ ନେଇ ଇସ୍ତଫା ଦାବିରେ ଜଟଣୀ ମା ଡମୁଣେଇ ମନ୍ଦିର ନିକଟରୁ ବିରାଟ ଶୋଭାଯାତ୍ରା ବାହାରି ଜଟଣୀ ମୁଖ୍ୟ ରାସ୍ତା ଦେଇ ସହର ପରିକ୍ରମା କରି ସୀତାରାମ ଛକ ଦେଇ ହନୁମାନ ମନ୍ଦିର ଠାରେ ପହଞ୍ଚି ଥିଲା ଆସନ୍ତା ତା ୮ ତାରିଖ ଦିନ ଦୋକାନ ବଜାର, ସ୍କୁଲ, କଲେଜ, ସରକାରୀ ଅଫିସ,ଯାନବାହନ ସକାଳ ୬ ଘଟିକଠାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ପ୍ରଭାରୀ ପ୍ରିୟବ୍ରତ ସାମନ୍ତରାୟ,ପିସିସି ଉପସଭାପତି ବିଶ୍ୱ ରଞ୍ଜନ ମହାନ୍ତି,ପୂର୍ବତନ ଜିଲ୍ଲା ସଭାପତି ଜାନକୀ ପଟ୍ଟନାୟକ,ଜଟଣୀ ବିଧାୟକ ପ୍ରାର୍ଥୀ ସନ୍ତୋଷ ଜେନା,ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀନୀ ସୋନାଲି ସାହୁ, ଚିଲିକା ବିଧାୟକ ପ୍ରାର୍ଥୀ ପ୍ରଦୀପ ସ୍ୱାଇଁ,ପିସିସି ସାଧାରଣ ସମ୍ପାଦକ ରସିକ ପଟ୍ଟନାୟକ,ପିସିସି ସମ୍ପାଦକ ଅଶୋକ ମଙ୍ଗରାଜ,ସ୍ୱାଗତିକା ପଟ୍ଟନାୟକ,ଜିଲ୍ଲା କୋଷାଧ୍ୟକ୍ଷ ତପନ ଚକ୍ରବର୍ତ୍ତୀ,ବେଣୁ ଭୋଇ,ସଦାଶିବ ମହାପାତ୍ର, ରଞ୍ଜିତ ମହାପାତ୍ର,ଅମିତ୍ ମହାନ୍ତି, ଶୈଳେନ୍ଦୁ ଦାସ,ଶୁଭ୍ରାଂଶୁ ପଟ୍ଟନାୟକ,ପ୍ରତାପ ବେହେରା,ତାପସ ମିଶ୍ର, ସୁନୀଲ କୁମାର ରାଉତରାୟଙ୍କ ସମେତ ସମସ୍ତ ଜିଲ୍ଲା ପଦାଧିକାରୀ ଗଣ, ସମେତ ବହୁ ବରିଷ୍ଠ ନେତୃମଣ୍ଡଳୀ ଉପସ୍ଥିତ ଥିଲେ ।

# ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ

ଭୁବନେଶ୍ୱର, (ସବ୍ୟୁ): ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଗିରଫ ଦାବିରେ ମୁଖ୍ୟ ନିର୍ବାଚନ ଅଧିକାରୀ ଓଡ଼ିଶାଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଶ୍ରୀ ପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସର ଏକ ବିକ୍ଷୋଭ ଶୋଭାଯାତ୍ରା ବାହାରି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ପୋଲିସ ଏବଂ ଯୁବ କଂଗ୍ରେସ କର୍ମୀମାନଙ୍କ ମଧ୍ୟରେ ଏକ ପ୍ରକାର ଧସ୍ତାଧସ୍ତି ହେବାପରେ ଯୁବ କଂଗ୍ରେସ କର୍ମକର୍ତ୍ତାମାନଙ୍କୁ ପୋଲିସ ଘଟଣାସ୍ଥଳରୁ ଉଠାଇ ନେଇଥିଲା ।

ଏହି ଅବସରରେ ଶ୍ରୀ ପାତ୍ର କହିଛନ୍ତି ଯେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଜଣେ ଦେଶଦ୍ରୋହୀ । ବେଆଇନ ଭାବେ ସେ ଦେଶର ୧୩ କୋଟି ଓ ଓଡିଶାର ୨୭ ଲକ୍ଷ ଭୋଟରଙ୍କୁ ଭୋଟର ତାଲିକାରୁ ବାଦ ଦେଇଛନ୍ତି । ସେମାନଙ୍କର ଗଣତାନ୍ତ୍ରିକ ଅଧିକାରକୁ ଛଡ଼ାଇ ନେଇଛନ୍ତି । ଫର୍ମ-୬କୁ ବେଆଇନ ଭାବେ ପରିବର୍ତ୍ତନ କରାଯାଇଛି । କିଭଳି ଭାବରେ ଭୋଟରମାନଙ୍କୁ ତାଲିକାରୁ ବାଦ ଦେବାକୁ ହେବ ତାର ଷଡଯନ୍ତ୍ର ପରିବର୍ତ୍ତିତ ଫର୍ମ-୬ ମାଧ୍ୟମରେ କରାଯାଇଥିଲା । ଦେଶର ପ୍ରତିଷ୍ଠିତ ବ୍ୟକ୍ତି ବିଶେଷମାନଙ୍କୁ ନୋଟିସ କରି ନିର୍ବାଚନ କମିଶନର ଏସଆଇଆର ପ୍ରକ୍ରିୟାର ଅନାବଶ୍ୟକତାକୁ ସ୍ପଷ୍ଟ କରିଛନ୍ତି । କିଭଳି ଭାବରେ ଭାରତୀୟ ଜନତାପାର୍ଟି ଯନ୍ତ୍ରାଦେଶ ମାଧ୍ୟମରେ ସରକାର ଗଠନ କରିବ ତାର ଦାୟିତ୍ୱ ଜ୍ଞାନେଶ କୁମାରଙ୍କ ହାତରେ ବିଜେପି ନ୍ୟସ୍ତ କରିଥିଲା । ଜ୍ଞାନେଶ କୁମାର ଯେଉଁ ଅପରାଧ କରିଛନ୍ତି ତାହା ଅକ୍ଷମଣୀୟ । ବିଜେପିର ହାତବାରିସ ସାଜି ନିର୍ବାଚନ କମିଶନ ଦେଶର ନିର୍ବାଚନୀ ବ୍ୟବସ୍ଥାକୁ ଧୂଳିସାତ କରିଛନ୍ତି । ସୁତରାଂ ଯୁବ କଂଗ୍ରେସ ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଗିରଫ ଦାବି କରୁଛି ।




କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲ, ଅଭିଜିତ ଜେନା, ଗୋପନ ମାର୍ଥା, ସୁରଜ ବେହେରା, କେଦାର ଦଳାଇ, ଖୋର୍ଦ୍ଧା ଜିଲ୍ଲା ଯୁବ କଂଗ୍ରେସ ସଭାପତି ସ୍ୱାଗତ କର, କେନ୍ଦ୍ରାପଡ଼ା ଜିଲ୍ଲା ଯୁବ କଂଗ୍ରେସ ସଭାପତି ଲକ୍ଷ୍ମିପ୍ରିୟା ନାୟକ, ଭଦ୍ରକ ଜିଲ୍ଲା ଯୁବ କଂଗ୍ରେସ ସଭାପତି ବଳରାମ ରାଉତ, ମୟୁରଭଞ୍ଜ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସରୋଜ ନାୟକ, ସୁନିଲ ସାହୁ, ଅମରେଶ ପରିଡ଼ା, କାର୍ତ୍ତିକେଶ୍ୱର କାଣ୍ଡି, ରିତ ପାଇକରାୟ, ଆଶୁତୋଷ ପୃଷ୍ଟି, ବିରଞ୍ଚି ବାରିକଙ୍କ ସମେତ ଶତାଧିକ ଯୁବକଂଗ୍ରେସ କାର୍ଯ୍ୟକର୍ତ୍ତା ଏହି ବିକ୍ଷୋଭରେ ଯୋଗଦେଇଥିଲେ ।

# ଘଡ଼ିଆଳ ମୃତ୍ୟୁ , ବଢୁଛି ପ୍ରଶ୍ନ

ବାରଙ୍ଗ (ସବ୍ୟୁ): ନନ୍ଦନକାନନରେ ପୁଣି ଏକ ଘଡ଼ିଆଳ କୁମ୍ଭୀରର ମୃତ୍ୟୁ ହୋଇଛି । ଏହି ମୃତ୍ୟୁକୁ ନେଇ ଏବେ ପରିଚାଳନା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି । ଗତ ୨୪ ସେପେଫମ୍ବରରେ ମଧ୍ୟ ଏକ ତିନି ମାସର ଘଡ଼ିଆଳ ଛୁଆର ମୃତ୍ୟୁ ହୋଇଥିଲା । ତେବେ ବାରମ୍ବାର ଏଭଳି ମୃତ୍ୟୁ ହେଉଥିଲେ ଜଳ ପରୀକ୍ଷା, ଖାଦ୍ୟ ବ୍ୟବସ୍ଥା ଓ ନିୟମିତ ସଓ୍ୱାସ୍ଥ୍ୟ ନିରୀକ୍ଷଣ କେତେ ଫଳପ୍ରଦତାହା ନେଇ ପ୍ରଶ୍ନ ଉଠିଛି ।ବିଶେଷକରି ସଂରକ୍ଷଣ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଘଡ଼ିଆଳଙ୍କ ଲଗାତାର ମୃତ୍ୟୁ ଚିନ୍ତା ବଢ଼ାଇଛି । ଗତ ଦୁଇ ବର୍ଷରେ ନନ୍ଦନକାନନରେ କେତେ ଘଡ଼ିଆଳ ମରିଛନ୍ତି ଏବଂ ସେମାନଙ୍କ ମୃତ୍ୟୁର କାରଣ କ'ଣ ଥିଲା ବୋଲି ବିଭାଗ ଏହା ସ୍ପଷ୍ଟ କରିବା ଆବଶ୍ୟକ ବୋଲି ଦାବି ଉଠିଛି ।

# ବକେୟା ପାଉଣା ପାଇଁ ପୌର ଅବସରପ୍ରାପ୍ତ କର୍ମଚାରୀଙ୍କ ଦାବି



ବାରିପଦା, (ସବ୍ୟୁ) : ବାରିପଦା ପୌରପାଳିକାର ଅବସରପ୍ରାପ୍ତ କର୍ମଚାରୀଙ୍କ ବକେୟା ପାଉଣା ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ବାରିପଦା ପୌରପାଳିକା ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ପ୍ରତିନିଧି ଦଳ ମଙ୍ଗଳବାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସାକ୍ଷାତ କରି ଦାବି ଜଣାଇଛନ୍ତି। ସଂଘ ପକ୍ଷରୁ କୁହାଯାଇଛି ଯେ, ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ୍, ଗ୍ରାଚୁଇଟି ଓ ଅବ୍ୟବହୃତ ଛୁଟି ବାବଦରେ ଦେୟ ଅର୍ଥ ଅନୁମୋଦନ ହୋଇ ପୌରପାଳିକା ଆକାଉଣ୍ଟକୁ ଆସିସାରିଛି। ତଥାପି ସମ୍ପୃକ୍ତ ହିତାଧିକାରୀଙ୍କୁ ଏହି ଅର୍ଥ ପ୍ରଦାନ କରାଯାଉନାହିଁ। ଫଳରେ ଅବସରପ୍ରାପ୍ତ କର୍ମଚାରୀମାନେ ଆର୍ଥିକ ଅସୁବିଧାରେ ପଡ଼ିଥିବା ସଂଘ ଅଭିଯୋଗ କରିଛି। ଆଲୋଚନା ସମୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ଏନେଇ ତ୍ୱରିତ ପଦକ୍ଷେପ ନେଇ ବକେୟା ପାଉଣା ପ୍ରଦାନର ବ୍ୟବସ୍ଥା କରିବେ ବୋଲି ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିନିଧି ଦଳରେ ସଂଘର ସଭାପତି ତାରାମଣୀ ମହାପାତ୍ର, ଉପଦେଷ୍ଟା ନନ୍ଦ କୁମାର ମହାପାତ୍ର, ସମ୍ପାଦକ ଉଜ୍ଜଳ କୁମାର ବେହେରା ଓ କୋଷାଧକ୍ଷ ଅନୁପମ ଗିରି ଉପସ୍ଥିତ ଥିଲେ।

# ସାକ୍ଷୀଙ୍କୁ ଜେଲରୁ ଧମକ ମାମଲା, ପୂର୍ବତନ ବିଧାୟକ ବିକ୍ରମଙ୍କୁ ୪ଘଣ୍ଟା ଜେରା

ବ୍ରହ୍ମପୁର, (ସବ୍ୟୁ) : ଭାଜପା ନେତା ତଥା ଆଇନଜୀବୀ ପୀତବାସ ହତ୍ୟା ମାମଲାର ସାକ୍ଷୀଙ୍କୁ ଜେଲରେ ଭିତରୁ ଫୋନରେ ବ୍ରହ୍ମପୁର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ତାଙ୍କ ସହଯୋଗୀ ମଦନ ଦଳାଇ ଧମକ ଚମକ ଦେଇଥିବା ନେଇ ଗୋଶାଣି ନୂଆଗାଁ ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ହତ୍ୟା ମାମଲାରେ ଜାମିନରେ ଥିବା ବିକ୍ରମ ପଣ୍ଡାଙ୍କୁ ଥାନାରେ ହଜାର ପାଇଁ ପୋଲିସ ତାଙ୍କୁ ନୋଟିସ ଦେଇଥିଲା। ଏହି କ୍ରମରେ ବିକ୍ରମ ପଣ୍ଡା ତାଙ୍କ ଓକିଲଙ୍କ ସହ ଥାନାରେ ହାଜର ହୋଇଥିଲେ। ପୋଲସ ଉକ୍ତ ଅଭିଯୋଗ ଆଧାରରେ ତାଙ୍କୁ ଦୀର୍ଘ ୪ଘଣ୍ଟା ଧରି ଜେରା କରିଥିଲା। ଅନ୍ୟପଟେ ବିକ୍ରମ ପଣ୍ଡା ଥାନରୁ ବାହାରକୁ ଆସିବା ପରେ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ମୋ ନାମରେ ହୋଇଥିବା ଅଭିଯୋଗରେ ପୋଲିସ ମୋ ବିରୁଦ୍ଧରେ ଏକ ମାମଲା ରୁଜୁ କରିଛି। ମୋତେ ଥାନାରେ ହାଜର ପାଇଁ ପୋଲିସ ନୋଟିସ କରିଥିଲା। ଏଣୁ ମୁଁ ଆଜି ଥାନାରେ ହାଜର ହୋଇ ପୋଲିସର ସମସ୍ତ ପ୍ରଶ୍ନର ଉତ୍ତର ଦେଇଛି ବୋଲି ସେ ସାମ୍ବାଦକଙ୍କୁ ଥାନା ବାହାରେ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି ପୂର୍ବରୁ ଜେଲରେ କାର୍ଯ୍ୟରତ ଡାକ୍ତର ସୁଶାନ୍ତ କୁମାର ପାଣିଗ୍ରାହୀ ଗତ ମାସ ୧୭ ତାରିଖରେ ଥାନାରେ ହାଜର ହେବା ପରେ ପୋଲସ ତାଙ୍କୁ ଜେରା କରିଥିଲା। ଜେଲ ଭିତରେ ତାଙ୍କ ମୋବାଇଲ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ମଦନ ଦଳାଇ ବ୍ୟବହାର କରିଥିବା ଡା. ପାଣିଗ୍ରାହୀ ପୋଲିସ ନିକଟରେ ସ୍ୱୀକାର କରିଥିଲେ। ସେହିପରି ଡାକ୍ତର ପାଣଗ୍ରାହୀଙ୍କ ମୋବାଇଲ ଜବତ କରି ପୋଲିସ ଛାନବିନ କରୁଛି। ସେହିପରି ଥାନାରୁ ଡା.ପାଣିଗ୍ରାହୀଙ୍କୁ ନୋଟିସ ଦେଇ ପୋଲିସ ଛାଡ଼ିଥିଲା। ଏହି ମାମଲାରେ ନିକଟରେ ଜେଲରୁ ମୁକୁଳିଥିବା ବିଜେଡି ଜିଲ୍ଲା ସଭାପତି ତଥା ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଓ ବ୍ରହ୍ମପୁର ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଥିବା ମଦନ ଦଳାଇ ମଧ ଛନ୍ଦି ହୋଇଯାଇଛନ୍ତି। ପ୍ରକାଶ ଯେ ପୀତବାସ ପଣ୍ଡା ହତ୍ୟା ମାମଲାର ସାକ୍ଷୀ ତଥା ଆଇନଜୀବୀ ଲଳିତ ମୋହନ ମଙ୍ଗରାଜଙ୍କୁ ଗତ ଅଗଷ୍ଟ ୨୮ ତାରିଖରେ ଜେଲ ଭିତରୁ ବିକ୍ରମ, ମଦନ ଧମକ ଦେଇଥିଲେ। କୋର୍ଟରେ ସାକ୍ଷୀ ନଦେବାକୁ ସେମାନେ ଅଭିଯୋଗକାରୀ ମଙ୍ଗରାଜଙ୍କୁ ଧମକ ଦେଇଥିବା ନେଇ ସେ ଗୋଶାଣି ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଜେଲରେ ଭିତରୁ ସିସିଟିଭି ଫୁଟେଜ ଓ ଫୋନ କଲ ରେର୍କଡ ସଂଗ୍ରହ କରିଥିବା ନେଇ ତତ୍କାଳୀନ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ଖବରଦାତାଙ୍କୁ ସୂଚନା ଦେଇଥିଲେ। ଲଳିତ ମଙ୍ଗରାଜଙ୍କ ଅଭିଯୋଗ ଆଧାରରେ ପୋଲିସ ୩୫୫/୨୬ ରେ ମାମଲା ରୁଜୁ ହୋଇଥିଲା।



## ଛାତ୍ରଗୋଷ୍ଠୀ ଗଣ୍ଡଗୋଳ ମାମଲା

# ୯ ଛାତ୍ରଙ୍କୁ ତାଗିଦ କରି ଛାଡିଲା ପୋଲିସ

ବ୍ରହ୍ମପୁର, (ସବ୍ୟୁ) : ଖଲ୍ଲିକୋଟ କଲେଜରେ ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଖବର ପାଇ ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ନେଇଥିବା ବେଳେ ଉଭୟ ଗୋଷ୍ଠୀର ୯ ଜଣ ଛାତ୍ରଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା । ଏନେଇ ଦୁଇଟି ମାମଲା ହୋଇଥିବା ବେଳେ ସେମାନଙ୍କୁ ବିଶୃଙ୍ଖଳିତ ନହେବା ପାଇଁ ଚେତାବନୀ ଦେଇ ଛଡ଼ାଯାଇଛି ବୋଲି ଏସପି ଅଭିନବ ସୋନକର ସୂଚନା ଦେଇଛନ୍ତି। ଗଣତାନ୍ତ୍ରିକ ପଦ୍ଧତିରେ ଛାତ୍ରମାନେ ଉକ୍ତ ନିର୍ବାଚନକୁ ଶୃଙ୍ଖଳିତ ଭାବେ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ନିର୍ବାଚନ ସରିବା ଯାଏଁ କଲେଜ ନିକଟରେ ପୋଲିସ ଟିମ ରହିବେ, କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି। ସେହିପରି ବ୍ରହ୍ମପୁର ସହରର ଶାନ୍ତି, ଶୃଙ୍ଖଳା ଏବଂ ସୁରକ୍ଷାକୁ ପ୍ରାଥମିକତା ଦିଆଯିବା ସହ ଅପରାଧ ନିୟନ୍ତ୍ରଣକୁ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି । ଆଗକୁ ପାର୍ବଣ ଋତୁ ସହ କଲେଜ ନିର୍ବାଚନ ଥିବାରୁ ବ୍ରହ୍ମପୁର ପୋଲିସ ପାଇଁ ଆଇନଶୃଙ୍ଖଳା ବଜାୟ ରଖିବା ଏକ ବଡ଼ ଚ୍ୟାଲେଞ୍ଜ ହେବ। ଏଭଳି ସମୟରେ କୌଣସି ପ୍ରକାରର ରାଜନୈତିକ ଚାପକୁ ପ୍ରଭାବିତ ନହୋଇ ଆଇନ ଅନୁଯାୟୀ ନିରପେକ୍ଷ ଭାବରେ ପୋଲିସ ନିଜ କାର୍ଯ୍ୟଶୈଳୀ ବଜାୟ ରଖିବ ବୋଲି ସହରବାସୀ ଆଶା ପ୍ରକାଶ କରିଛନ୍ତି ।

# ଶିକାରୀ ଗିରଫ, ୧୪ ଫାଶ ଜବତ

ହିନ୍ଦୋଳ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ଓ ବନଖଣ୍ଡର ହିନ୍ଦୋଳ ବନାଞ୍ଚଳ ଦଣ୍ଡିରୀ ସେକ୍ସନ ଅନ୍ତର୍ଗତ କନ୍ଧରା ସଂରକ୍ଷିତ ଜଙ୍ଗଲ କମ୍ପାଟମେଣ୍ଟ ୧୦ ମଧ୍ୟରେ ଜଣେ ବେଆଇନ ଜନ୍ତୁ ଶିକାରୀ ଫାଶ ଜାଲ ବସାଇ ଜନ୍ତୁ ଶିକାର କରିବାକୁ ଉଦ୍ୟମ ଜାରି ରଖିଥିବା ବେଳେ କୌଣସି ସୁତ୍ରରୁ ଖବର ପାଇ ବନ ବିଭାଗୀୟ ଫ୍ଲାଇଙ୍ଗ ସ୍କାଡ଼ ଓ ଦଣ୍ଡିରି ସେକ୍ସନ ବିଭାଗୀୟ କର୍ମଚାରୀ ଅତର୍କିତ ଚଢ଼ାଉ କରି ମଙ୍ଗଳବାର ସକାଳେ ଜଙ୍ଗଲ ମଧ୍ୟରୁ ଜଣେ ବେଆଇନ ଜନ୍ତୁ ଶିକାରିଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ଦଣ୍ଡିରୀ ସେକ୍ସନ ଅନ୍ତର୍ଗତ କନ୍ଧରା ସଂରକ୍ଷିତ ଜଙ୍ଗଲ କମ୍ପାକ୍ଟମେଣ୍ଟ ୧୦ ଅଞ୍ଚଳରେ ବହୁ ସମୟରେ ବେଆଇନ ଶିକାରୀ ମାନେ ଗୁଳି ଚଳାଇ ଓ ଫାଶ ବସାଇ ଅବାଧରେ ଜନ୍ତୁ ଶିକାର କରୁଥିବା ଖବର ବିଭିନ୍ନ ସମୟରେ ବନବିଭାଗ ନିକଟରେ ପହଞ୍ଚିଥିଲା। ଏହାର ସୁଯୋଗ ନେଇ ମଙ୍ଗଳବାର ସକାଳୁ ଅତର୍କିତ ଚଢ଼ାଉ କରା ଯାଇଥିଲା। ଗିରଫ ଜନ୍ତୁ ଶିକାରୀ ଦଣ୍ଡିରି ଗ୍ରାମର ଡ୍ରାଇଭର ବେହେରା (୪୮) ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଗିରଫ ଅଭିଯୁକ୍ତଙ୍କୁ ହିନ୍ଦୋଳ ବନ ବିଭାଗୀୟ ହାଜତରେ ଅଟକ ରଖାଯାଇ ପଚରା ଉଚରା କରାଯାଉଛି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇ ଥିବା ବେଳେ ଅଭିଯୁକ୍ତ ଡ୍ରାଇଭର ବେହେରାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ହିନ୍ଦୋଳ ରେଞ୍ଜ ଅଧିକାରୀ ତ୍ରିଲୋଚନ ଦେହୁରୀ ପ୍ରକାଶ କରିଛନ୍ତି।

## ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ନିର୍ବାଚନ ତାତି

# ଚାରିଆଡେ ସାହାଣ ମେଳା, ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ

ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ପାଇଁ କ୍ୟାମ୍ପସ ବେଶ ସରଗରମ ହୋଇଉଠିଛି। ସରକାରଙ୍କ ତରଫରୁ ନିର୍ବାଚନ ତାରିଖ ଘୋଷଣା ପରେ କଲେଜ ତରଫରୁ ମଧ ତତ୍ପରତା ପ୍ରକାଶ ପାଇଛି। ବିଭିନ୍ନ ଛାତ୍ର ସଂଗଠନ ତରଫରୁ ନିର୍ବାଚନରେ ଅଂଶ ଗ୍ରହଣ ପାଇଁ ନିଷ୍ପତି ହୋଇଥିବାର ଜଣାପଡିଛି।ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ କଲେଜ ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ନିର୍ବାଚନ ପାଇଁ ୭ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଛାତ୍ରଛାତ୍ରୀ ମାନେ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିବେ। ଯେଉଁ ଛାତ୍ରଛାତ୍ରୀ ମାନଙ୍କର ୭୫ ପ୍ରତିଶତ ଉପସ୍ଥାନ ରହିଥିବ ଏବଂ ସେମାନଙ୍କର କୌଣସି ବକେୟା କଲେଜ ଦେୟ ବାକି ନଥିବ ସେହି ମାନେ ଏଥିରେ ଅଂଶ ଗ୍ରହଣ କରିପାରିବେ। ୯ ତାରିଖ ଦିନ ପ୍ରାର୍ଥୀପତ୍ର ଯାଞ୍ଚ ସହିତ ସେହି ଦିନ ଚୁଡାନ୍ତ ତାଲିକା ପ୍ରକାଶ ପାଇବ। ସେହିପରି ୧୦ ତାରିଖ ଦିନ ପ୍ରାର୍ଥୀପତ୍ର ପ୍ରତ୍ୟାହାର,୧୪ ତାରିଖ ଦିନ ହ୍ୱାଇ ଆଇ ଷ୍ଟାଣ୍ଡ ଫର ଏବଂ ୧୫ ତାରିଖ ଦିନ ନିର୍ବାଚନ ଏବଂ ୧୬ ତାରିଖ ଦିନ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ଏହି ନିର୍ବାଚନକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଛି। ଦିର୍ଘ ୮ ବର୍ଷପରେ ଏହି ନିର୍ବାଚନ କରାଯାଉଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ପୂର୍ଣ୍ଣଚନ୍ଦ୍ର ବରାଳଙ୍କଙ୍କ ସୂଚନା ଅନୁସାରେ ଏହି ଅନୁଷ୍ଠାନରେ ପାଖାପାଖି ୨୭ଶହ ଛାତ୍ରଛାତ୍ରୀ ଉଭୟ ୟୁଜି ଏବଂ ପିଜିରେ ଶିକ୍ଷାଲାଭ କରୁଛନ୍ତି। କିନ୍ତୁ ନିର୍ବାଚନ ସମୟରେ ଆମକୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ । ସରକାର ଗତ ମାର୍ଚ୍ଚ ୩୧ ତାରିଖରୁ ସମସ୍ତ ୧୮ଜଣ ଠିକା କର୍ମଚାରୀଙ୍କ ଛଟେଇ କରିଦେଇଥିବା ବେଳେ ନୂତନ ନିଯୁକ୍ତି ପ୍ରଦାନ କରାଯାଇନାହିଁ। ସେହିପରି କଲେଜରେ ତିନୋଟି ହଷ୍ଟେଲ ଥିବା ବେଳେ ୫ଟି ଗେଟ ରହିଛି। କୌଣସି ଗେଟରେ ସୁରକ୍ଷାକର୍ମୀ ନଥିବାରୁ ଅଣଛାତ୍ର ମାନେ କ୍ୟାମ୍ପସ ଭିତରକୁ ପ୍ରବେଶ କରି ବିଶୃଙ୍ଖଳା ସୃଷ୍ଟିକରିବାର ସମସ୍ୟା ହେବ। ଏହି ସମୟରେ ସମସ୍ତ ଛାତ୍ରଛାତ୍ରୀ ନିଜର ପରିଚୟ ପତ୍ର ସାଥୀରେ ଆଣିବାକୁ କହିବା ସହିତ ପୋଲିସର ସହାୟତା ନିଆଯିବ ବୋଲି କହିଛନ୍ତି। ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହିତ କରିବାକୁ ସେ ସମସ୍ତଙ୍କର ସହଯୋଗ ଲୋଡିଛନ୍ତି। ପୂର୍ବ ବର୍ଷ ଭଳି ଚଳିତ ଥର ନିର୍ବାଚନରେ ସମସ୍ତ ନିତୀ ନିୟମ ସମାନ ରହିଛି ବୋଲି କହିଛନ୍ତି।

## ବାରିପଦାରେ ଓଜେସିର କର୍ମୀ ସମାବେଶ ଓ ମିଶ୍ରଣ ପର୍ବ

# ଓଡ଼ିଶାର ବିକାଶ ପାଇଁ ବିକଳ୍ପ ରାଜନୈତିକ ଶକ୍ତି ଆବଶ୍ୟକ : ମୋକିମ



ବାରିପଦା, (ସବ୍ୟୁ) : ଓଡ଼ିଶାର ବିକାଶ ପାଇଁ ଏକ ବିକଳ୍ପ ରାଜନୈତିକ ଶକ୍ତିର ଆବଶ୍ୟକତା ରହିଛି ବୋଲି ଓଡ଼ିଶା ଜନତା କଂଗ୍ରେସ (ଓଜେସି)ର ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ବିଧାୟକ ଇଂ. ମହମ୍ମଦ ମୋକିମ କହିଛନ୍ତି। ବାରିପଦା ଶହୀଦ ସ୍ମୃତି ଭବନରେ ଆୟୋଜିତ ଓଜେସିର କର୍ମୀ ସମାବେଶ ଓ ମିଶ୍ରଣ ପର୍ବରେ ଯୋଗଦେଇ ସେ ଏହା କହିଥିଲେ। ମୟୂରଭଞ୍ଜ ଗସ୍ତର ପ୍ରଥମ ପର୍ଯ୍ୟାୟରେ ମୋକିମ ନିଜର ପୁରାତନ ଶିକ୍ଷାନୁଷ୍ଠାନ ମହାରାଜା କୃଷ୍ଣଚନ୍ଦ୍ର ହାଇସ୍କୁଲରେ ପହଞ୍ଚି ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ଶହୀଦ ସ୍ମୃତି ଭବନରେ ପହଞ୍ଚି କର୍ମୀ ସମାବେଶରେ ଯୋଗ ଦେଇଥିଲେ। ଏହି ଅବସରରେ ମୋକିମ ମୟୂରଭଞ୍ଜର ବିକାଶକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଦୀର୍ଘବର୍ଷ ଧରି ଜିଲ୍ଲା ବିଭିନ୍ନ କ୍ଷେତ୍ରରେ ଅବହେଳିତ ହୋଇଆସୁଥିବା ସେ ଅଭିଯୋଗ କରିଥିଲେ। ରାସ୍ତାଘାଟ, ଟ୍ରାଫିକ ଓ ସ୍ୱାସ୍ଥ୍ୟସେବା ଭଳି ମୌଳିକ ସମସ୍ୟାର ସମାଧାନରେ ଆଶାନୁରୂପ ପଦକ୍ଷେପ ନିଆଯାଇନଥିବା ସେ କହିଥିଲେ। ଜିଲ୍ଲାରୁ ସାଂସଦ ଓ ବିଧାୟକ ନିର୍ବାଚିତ ହୋଇଥିଲେ ମଧ ସାମଗ୍ରିକ ବିକାଶ ପାଇଁ ଠୋସ ପଦକ୍ଷେପର ଅଭାବ ରହିଛି ବୋଲି ସେ ମତ ଦେଇଥିଲେ। ଆଗାମୀ ଦିନରେ ମୟୂରଭଞ୍ଜ ଜିଲ୍ଲା ଓ ବାରିପଦା ସହରର ବିକାଶକୁ ଓଜେସି ମୁଖ୍ୟ ଏଜେଣ୍ଡା କରି କାର୍ଯ୍ୟ କରିବ ବୋଲି ମୋକିମ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ବାରିପଦା ପୌର ନିର୍ବାଚନକୁ ନଜରରେ ରଖି ଦଳ ପକ୍ଷରୁ ଆଗାମୀ ଦିନରେ ବିଭିନ୍ନ ରଣନୀତି ଓ ସାଂଗଠନିକ ପଦକ୍ଷେପ ନିଆଯିବ ବୋଲି ମଧ ସେ କହିଥିଲେ। ଓଜେସିର ରାଜ୍ୟ ସମ୍ପାଦକ ତଥା ପ୍ରତିଷ୍ଠାତା ସଦସ୍ୟ ଅଂଶୁମାନ ଦାସଙ୍କ ନେତୃତ୍ୱରେ ଆୟୋଜିତ ସମାବେଶରେ ଉପସଭାପତି ନିକୁଞ୍ଜ ପଶାୟତ, ପ୍ରଦୀପ ପ୍ରଧାନ, କୃଷକ ମୋର୍ଚ୍ଚା ସଭାପତି ସଂଗ୍ରାମ ମାଝୀ, ଯୁବ ଜନତା କଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କା, ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ବକ୍ତାମାନେ ରାଜ୍ୟର ବିକାଶ ପାଇଁ ବିକଳ୍ପ ରାଜନୈତିକ ଶକ୍ତିର ଆବଶ୍ୟକତା ଉପରେ ମତ ରଖିଥିଲେ। ଏହି ଅବସରରେ ସଂଜୀବ ପଟ୍ଟନାୟକ, ୱାସୀମ ଇମାମ, କନ୍ୟାକୁମାରୀ ଧଡ଼ା, ମହମ୍ମଦ ଆକିଲ, ମାନସ ରଞ୍ଜନ କବାଟ, ଆକ୍ରମ ଖାନ ଓ ଦେବନାରାୟଣ ଧଡ଼ା ପ୍ରମୁଖ ଓଜେସିରେ ଯୋଗଦେଇଥିଲେ।

# ୮ରେ ଓଡ଼ିଶା ବନ୍ଦ ପାଇଁ ଇଣ୍ଡିଆ ମେଣ୍ଟର ପଥପ୍ରାନ୍ତ ସଭା

## ୭ରେ ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ ପଦଯାତ୍ରା

ବାରିପଦା, (ସବ୍ୟୁ) : ବିଭିନ୍ନ ଦାବି ନେଇ ଆସନ୍ତା ୮ ତାରିଖ ଗୁରୁବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ଓଡ଼ିଶା ବନ୍ଦ ପାଇଁ ଇଣ୍ଡିଆ ମେଣ୍ଟ ପକ୍ଷରୁ ଆହ୍ୱାନ ଦିଆଯାଇଛି। ବନ୍ଦକୁ ସଫଳ କରିବା ପାଇଁ ମଙ୍ଗଳବାର ବାରିପଦା ସହରର ବିଭିନ୍ନ ସ୍ଥାନରେ ମେଣ୍ଟ ପକ୍ଷରୁ ପଥପ୍ରାନ୍ତ ସଭା ଆୟୋଜିତ ହୋଇଥିଲା। ଏମ୍ଏମ୍ଡିଆର ସଂଶୋଧନ ଆଇନ, ୨୦୨୬ ରଦ୍ଦ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ବହିଷ୍କାର, ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା ପ୍ରଭାବିତଙ୍କୁ ଉପଯୁକ୍ତ କ୍ଷତିପୂରଣ ଓ ସହାୟତା ପ୍ରଦାନ ଦାବିରେ ଏହି ବନ୍ଦ ଡକରା ଦିଆଯାଇଥିବା ମେଣ୍ଟ ପକ୍ଷରୁ କୁହାଯାଇଛି। ବନ୍ଦକୁ ସମର୍ଥନ କରିବା ପାଇଁ ସହରର ବିଭିନ୍ନ ଅନୁଷ୍ଠାନ ଓ ସଂଗଠନକୁ ଅନୁରୋଧପତ୍ର ପ୍ରଦାନ କରାଯାଇଥିଲା। ପଥପ୍ରାନ୍ତ ସଭାରେ ସିପିଆଇ ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ସିପିଏମ୍ର ରବି ଗୋସ୍ୱାମୀ ଓ କଂଗ୍ରେସ ପକ୍ଷରୁ ଶାନ୍ତନୁ କୁମାର ପାଲ୍ଙ୍କ ସମେତ ମେଣ୍ଟର ବିଭିନ୍ନ ନେତା ଓ କର୍ମୀ ସାମିଲ ହୋଇଥିଲେ। ଏଥିସହ ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ ନାରାରେ ଆସନ୍ତା ୭ତାରିଖରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ମିଳିତ ପଦଯାତ୍ରା ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି।

# ୮ରେ ଓଡ଼ିଶା ବନ୍ଦ ସଫଳ କରିବାକୁ ସିପିଆଇର ଆହ୍ୱାନ

ଭଞ୍ଜନଗର, (ସବ୍ୟୁ): ଏମ୍ଏମ୍ ଡିଆର ସଂଶୋଧନ ଆଇନ୍ ୨୦୨୬, ଭୋଟର ତାଲିକାର ସ୍ପେସିଅଲ୍ ଇଣ୍ଟେନ୍ସିଭ୍ ରିଭିଜନ ଏବଂ ଗଣତାନ୍ତ୍ରିକ ଅଧିକାର ଉପରେ ଆକ୍ରମଣ ବିରୋଧରେ ଆସନ୍ତା ଅକ୍ଟୋବର ୮ ତାରିଖ 'ଓଡ଼ିଶା ବନ୍ଦ'କୁ ସଫଳ କରିବା ପାଇଁ ସିପିଆଇ(ଏମ୍ଏଲ୍) ପକ୍ଷରୁ ଆହ୍ୱାନ ଦିଆଯାଇଛି। ଦଳ ପକ୍ଷରୁ କୁହାଯାଇଛି ଯେ, ଏମ୍ଏମ୍ ଡିଆର୍ ସଂଶୋଧନ ଆଇନ୍ ମାଧ୍ୟମରେ ଦେଶର ମୂଲ୍ୟବାନ ଖଣିଜ ସମ୍ପଦ ଓ ଜଙ୍ଗଲ ଜମିକୁ କର୍ପୋରେଟ୍ ସ୍ୱାର୍ଥରେ ବ୍ୟବହାର କରିବାର ରାସ୍ତା ପ୍ରଶସ୍ତ କରାଯାଉଛି। ଏହା ଗ୍ରାମସଭା, ଜଙ୍ଗଲ ଅଧିକାର ଏବଂ ରାଜ୍ୟଗୁଡ଼ିକର ଅଧିକାରକୁ କ୍ଷୁଣ୍ଣ କରିବା ସହ ଓଡ଼ିଶାର ଖଣିଜ ସମ୍ପଦ ଲୁଟକୁ ତ୍ୱରାନ୍ୱିତ କରିବ ବୋଲି ଦଳ ଅଭିଯୋଗ କରିଛି । ଅନ୍ୟପକ୍ଷରେ, ଏସ୍ଆଇଆର୍ ନାମରେ ବହୁ ବୈଧ ନାଗରିକଙ୍କ ନାମ ଭୋଟର ତାଲିକାରୁ ବାଦ ପଡ଼ିବାର ଆଶଙ୍କା ପ୍ରକାଶ କରି ସିପିଆଇ(ଏମ୍ଏଲ୍) ଏହାକୁ ଗଣତାନ୍ତ୍ରିକ ଅଧିକାର ପ୍ରତି ବିପଦ ବୋଲି କହିଛି। ଏହି ପ୍ରକ୍ରିୟା ପାଇଁ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରାଯାଇଛି। ଜଳ-ଜଙ୍ଗଲ-ଜମିର ସୁରକ୍ଷା, ଖଣିଜ ସମ୍ପଦର ଲୁଟ୍ ବନ୍ଦ, ଆଦିବାସୀ ଓ କୃଷକଙ୍କ ଅଧିକାର ସୁରକ୍ଷା ଏବଂ ନାଗରିକଙ୍କ ମତାଧିକାର ରକ୍ଷା ପାଇଁ ଅକ୍ଟୋବର ୮ ତାରିଖର 'ଓଡ଼ିଶା ବନ୍ଦ' ଓ ହରତାଳକୁ ସଫଳ କରିବା ପାଇଁ ଶ୍ରମିକ, କୃଷକ, ଛାତ୍ର, ଯୁବକ, ଆଦିବାସୀ ଓ ସମସ୍ତ ଗଣତାନ୍ତ୍ରିକ ଶକ୍ତିଙ୍କୁ ସିପିଆଇ(ଏମ୍ଏଲ୍) ଗଞ୍ଜାମ ଜିଲ୍ଲା ପକ୍ଷରୁ ସମ୍ପାଦକ ନିରାକାର ନାୟକ ଆହ୍ୱାନ ଦେଇଛନ୍ତି ।

# ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଳାବନ୍ଧ ଗ୍ରାମର କାଶୀନାଥ ଜେନା (୭୮) ନାମକ ଜନୈକ ବୃଦ୍ଧ ବ୍ୟକ୍ତି ପୋଖରୀରେ ବୁଡି ମୃତ୍ୟୁ ବରଣ କରିଥିବା ଜଣାଯାଇଛି। ଏ ପୋଲିସ ଥାନାରେ କେସ୍ ନଂ ୩୩/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ବୃଦ୍ଧ ବିଲକାମ ସାରି ଶୌଚ ପାଇଁ ଗାଁ ପୋଖରୀକୁ ଯାଇଥିଲେ। ଅସାବଧାନତାବଶତଃ ସେ ପାଣିରେ ବୁଡି ଯାଇଥିଲେ। ତାଙ୍କୁ ସେଠାରୁ ଅଚେତ ଅବସ୍ଥାରେ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା। ଏବଂ ପରୀକ୍ଷା ନିରୀକ୍ଷା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ସୋମବାର ଦିନ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଏହି ଘଟଣାର ତଦନ୍ତ ଦାୟିତ୍ୱରେ ଏସ୍ଆଇ ଅଜୟ କୁମାର ମଲ୍ଲିକ ରହିଥିବା ଜଣାଯାଇଛି।

## 'ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ'ରେ ଯୋଡ଼ି ହେଲା 'ଫ୍ରି ଦି ଟ୍ରି' ଅଭିଯାନ

# ସହରକୁ ସବୁଜ ଓ ସୁନ୍ଦର କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା

ବ୍ରହ୍ମପୁର, (ସବ୍ୟୁ): 'ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ' ଅଭିଯାନରେ ପରିବେଶ ସୁରକ୍ଷାକୁ ସାମିଲ କରି 'ଫ୍ରି ଦି ଟ୍ରି' ଅଭିଯାନକୁ ମହାନଗର ନିଗମ ଓ ବ୍ରହ୍ମପୁର ସବୁଜ ବାହିନୀର ମିଳିତ ଆନୁକୂଲ୍ୟରେ ଆଜି ସ୍ଥାନୀୟ ପୁରୁଣା ବସ୍ଷ୍ଟାଣ୍ଡ ଠାରୁ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଛକ ପର୍ଯ୍ୟନ୍ତ ସ୍ୱଚ୍ଛତା ଓ ବୃକ୍ଷ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ରାସ୍ତାକଡ଼ର ବୃକ୍ଷ ଗୁଡ଼ିକରେ ଲାଗିଥିବା ଟ୍ରି ଗାର୍ଡ, କଣ୍ଟା ଓ ହୋର୍ଡିଂ ହଟାଯାଇଥିଲା। ପ୍ରାୟ ୧୭ଟି ଗଛରୁ ଟ୍ରି ଗାର୍ଡ ହଟାଯାଇଥିବା ବେଳେ ୩୦ରୁ ଅଧିକ ଗଛ ମୂଳରୁ ପ୍ଲାଷ୍ଟିକ ଓ କଂକ୍ରିଟ ହଟାଯାଇଥିଲା। ଏଥିସହ ଏକ ଦୋକାନରୁ ବିକ୍ରି ହେଉଥିବା ତମାଖୁ ଓ ଗୁଟଖା ସାମଗ୍ରୀ ମଧ ଜବତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ କେ. ଅନିଲ କୁମାର ଯୋଗଦେଇ ସହରକୁ ସବୁଜ, ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମସ୍ତେ ମିଳିତ ଭାବେ ବୃକ୍ଷର ସୁରକ୍ଷା କରିବା ସହ ଗଛ ଗୁଡ଼ିକରେ କଣ୍ଟା ଓ ହୋର୍ଡିଂ ନଲଗାଇବାକୁ ସେ ଆହ୍ୱାନ ଦେଇଥିଲେ। ଏଥିରେ ମେୟର ସଂଘମିତ୍ରା ଦଳେଇ, ଜିଲ୍ଲାପାଳ ଭି କୀର୍ତ୍ତି ଭାସନ୍, ଡିଏଫଓ ସନି ଖୋଖର, କମିଶନର ଏ ସସ୍ୟା ରେଡ୍ଡୀ ଓ ସ୍ଥାନୀୟ କର୍ପୋରେଟର ପ୍ରଦୀପ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ବୃକ୍ଷରେ କଣ୍ଟା ମାରିବା ଓ ହୋର୍ଡିଂ ଲଗାଇବା ଦ୍ୱାରା ଗଛରେ ସୃଷ୍ଟି ହେଉଥିବା କ୍ଷତି ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ସାଗର ପାତ୍ର, ବିଏମସି ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା, ଆସିଷ୍ଟାଣ୍ଟ କମିଶନର ରୋନିତ କୁମାର, ବ୍ରହ୍ମପୁର ରେଞ୍ଜର ବିମ୍ବାଧର ସାହୁ, ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର ପାତ୍ର, ପରିବେଶବିତ ସ୍ୱାଧୀନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ରାସ୍ତା ବିପର୍ଯ୍ୟସ୍ତକୁ ନେଇ ରାଜରାସ୍ତାକୁ ଓହ୍ଲାଇଲେ କଲେଜ ଛାତ୍ରଛାତ୍ରୀ



ତାଳଚେର,(ସବ୍ୟୁ) : ଅଭିଯୋଗ କରି କରି ଅଣାୟତ ହୋଇ ଆଜି ଶେଷରେ ରାସ୍ତାକୁ ଓହ୍ଲାଇଛନ୍ତି ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ । କଳାହାରା ସହରର ୧୪୯ନଂ ଜାତୀୟପଥ ପ୍ରାୟ ଦୀର୍ଘବର୍ଷ ହେବ ବିପର୍ଯ୍ୟସ୍ତ ହୋଇ ଏହି ରାସ୍ତାରେ ଯାତାୟତ କରିବା ସମ୍ଭବପର ହେଉନାହିଁ । ପ୍ରତ୍ୟେକ ଦିନ ଏହି ରାସ୍ତାରେ ଦୁର୍ଘଟଣା ମଧ ଘଟିବାରେ ଲାଗିଛି । ରାସ୍ତାର ଦୟନୀୟ ଅବସ୍ଥାକୁ ନେଇ ସ୍ଥାନୀୟବାସୀଙ୍କ ସମେତ ରାଜପଥ ଆଖାପାଖରେ ଥିବା ବିଭିନ୍ନ ଗ୍ରାମବାସୀମାନେ ମଧ ସରକାରୀଙ୍କୁ ଅବଗତ କରାଇଛନ୍ତି, କିନ୍ତୁ ଏଯାଏଁ କୌଣସି ପ୍ରଶାସନ ନା ଲୋକପ୍ରତିନିଧି କେହି ହେଲେ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରୁନାହାନ୍ତି । ଯାହାଫଳରେ ଆଜି ବାଧହୋଇ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ ଛାତ୍ରଛାତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହୋଇଛନ୍ତି । ଛାତ୍ରଛାତ୍ରୀଙ୍କ ଅଭିଯୋଗ କ୍ରମେ ରାସ୍ତାରେ ଭାରୀଯାନ ଚଳାଚଳ ଓ ଜାତୀୟ ରାଜପଥଟି ଖାଲଖମଣରେ ବିପର୍ଯ୍ୟସ୍ତ ହୋଇ ପ୍ରାୟ ସମୟରେ ଟ୍ରାଫିକ ଜାମ । ଏନଏଚଆଇ ପକ୍ଷରୁ ରାସ୍ତାକାର୍ଯ୍ୟ ଚାଲୁ ରହିଥିବାରୁ ଠିକାକମ୍ପାନୀ ରାସ୍ତାରେ ପାଉଁଶ ବିଛାଇବା ଦ୍ୱାରା ସାଂଘାତିକ ପାଉଁଶ ଧୂଳି ସହିତ କୋଇଲା ଗୁଣ୍ଡରେ ଛାତ୍ରଛାତ୍ରୀମାନେ ଅଣନିଶ୍ୱାସୀ ବୋଲି ଅଭିଯୋଗ କରୁଛନ୍ତି ।ଏଠି ପ୍ରଶ୍ନ ଉଠେ ଏତେ ଘଟଣା ଘଟି ଯାଉଥିଲେ ହେଁ କିପରି ସରକାର ଏନଏଚଆଇ ବିଭାଗକୁ ତାଗିଦ କରୁନାହିଁ ତାହା ବୁଦ୍ଧିଜିବୀ ମହଲରେ ଚର୍ଚ୍ଚା ଯୋରଧରିଛି । ଏନଏଚଆଇ ପକ୍ଷରୁ ୧୪୯ ନଂ ଜାତୀୟ ରାଜପଥ ୪ଥାକିଆ କରିବା ନେଇ ଠିକାକମ୍ପାନୀ ଦ୍ୱାରା କାର୍ଯ୍ୟ ଚାଲୁ ରହିଛି । ତେଣୁ ତୁରନ୍ତ ସରକାର ଏଦିଗରେ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ୪ଥାକିଆ ରାସ୍ତା ନହେବା ଯାଏଁ ପୂର୍ବନିୟମ ଅନୁଯାୟୀ ଏହି ରାଜପଥରେ ନୋଏଣ୍ଟ୍ରି ଲଗାଇବା ସହ ଲୋକଙ୍କ ଯାତାୟତକୁ ସୁଗମ କରାଯିବ ନେଇ ସର୍ବସାଧାରଣରେ ଦାବି ଯୋରଧରିଛି ।

# ଠିକା ଶ୍ରମିକଙ୍କୁ ଛଟେଇ, ପ୍ରତିବାଦରେ ଅନଶନ



ଓଡାପଡା,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ନିମିଦା ସ୍ଥିତ ଏମ୍ଜିଏମ କାରଖାନାକୁ ପ୍ରଶାସନ ତରଫରୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଛି ପ୍ରଶାସନ। ବିନାକାରଣରେ ପୂଜା ପୂର୍ବରୁ ଛଟେଇ କରାଯାଇଥିବା ଶ୍ରମିକ ମାନଙ୍କୁ ସୁରକ୍ଷା ଦେବା ତ ଦୂରର କଥା ଶ୍ରମିକ ମାନେ ଆନ୍ଦୋଳନ କରୁଥିଲେ ମଧ ତାର କୌଣସି ଫଳ ମିଳୁନାହିଁ । ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ନିମିଧା ସ୍ଥିତ ଏମ୍ଜିଏମ୍ ଷ୍ଟିଲ କାରଖାନାରେ ବେଆଇନ ଶ୍ରମିକ ଛଟେଇ ପ୍ରତିବାଦରେ ଆଜି ଶ୍ରମିକମାନେ ଆନ୍ଦୋଳନ କରିଥିବା ଜଣାପଡିଛି। ଖବର ନେବାରେ ଜଣାଗଲା ଯେ ଗତ ୩୦ ତାରିଖ ଦିନ କାରଖାନାରେ କାର୍ଯ୍ୟରତ ସତ୍ୟରଞ୍ଜନ ପଟ୍ଟନାୟକ,ବିଦେଶି ସିଂ ଓ ନିରଞ୍ଜନ ରାଉତ ନାମକ ତିନି ଜଣ ଶ୍ରମିକଙ୍କୁ କାରଖାନା କର୍ତ୍ତୃପକ୍ଷ ବିନା କାରଣରେ ଛଟେଇ କରିଥିଲେ। ଶ୍ରମିକମାନେ ଏହାର କାରଣ ପଚାରିବାରୁ କର୍ତ୍ତୃପକ୍ଷ ସେମାନଙ୍କୁ ଧମକ ଦେଇ ଆହୁରି ଅନେକଙ୍କୁ ବାହାର କରି ଦେବାକୁ ଧମକ ଦେଇଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଯାହା ଫଳରେ ଶ୍ରମିକ ମାନଙ୍କ ପକ୍ଷରୁ ଏହାର ସୁବିଚାର କରିବା ପାଇଁ ଲିଖିତ ଅଭିଯୋଗ ଜିଲ୍ଲା ଶ୍ରମ ଅଧିକାରୀ, ପ୍ରଶାସନ ଓ ପୋଲିସ ବିଭାଗକୁ ପ୍ରଦାନ କରିଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିଲା । ଆଜି ଏହାକୁ ନେଇ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଓ ପ୍ରଶାସନିକ ଅଧିକାରୀ ଶ୍ରମିକମାନଙ୍କ ଦାବି କୁ ନଶୁଣି କମ୍ପାନୀକୁ ସୁରକ୍ଷା ଦବାକୁ ପ୍ରଶାସନ ପକ୍ଷରୁ ୧୬୩ ଧାରା ଜାରି କରିଥିଲେ। ଶ୍ରମିକ ମାନେ କାରଖାନା ଗେଟ୍ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ ମଧ ପୋଲିସ ସେମାନଙ୍କୁ ବାରଣ କରିବାରୁ ଶ୍ରମିକମାନେ କାରଖାନା ସମ୍ମୁଖ ଜାତୀୟ ରାଜପଥ କଡ଼ରେ ବସି ପ୍ରତିବାଦ କରି ଅନଶନ ଆରମ୍ଭ କରିଥିବା ଜଣାପଡିଛି। ଶ୍ରମିକ ମାନେ ପ୍ରଶାସନର ଶ୍ରମିକ ମାରଣ ନିତିକୁ କଡା ସମାଲୋଚନା କରିବା ସହିତ ଶ୍ରମିକମାନଙ୍କୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଅନଶନ ଚାଲୁ ରହିବ ବୋଲି ଶ୍ରମିକ ମାନେ ଚେତାବନୀ ଦେଇଛନ୍ତି । ପ୍ରକାଶ ଥାଉ କି କାରଖାନା କର୍ତ୍ତୃପକ୍ଷ ସରକାରୀ ଜଙ୍ଗଲ ଜମି ଗୋଚର ଜମିକୁ ବେଆଇନ ଦଖଲ କରି କାରଖାନା କୋଠାବାଡ଼ି ନିର୍ମାଣ କରିଥିଲେ । ଏ ସମ୍ପର୍କରେ ଗ୍ରାମବାସୀମାନେ ଜିଲ୍ଲା ପ୍ରଶାସନକୁ ଲିଖିତ ଅଭିଯୋଗ କରିଥିଲେ ମଧ ପ୍ରଶାସନ କୌଣସି ପଦକ୍ଷେପ ନେଇ ନଥିଲେ । ଫଳରେ ଗ୍ରାମବାସୀ ମାନେ ଆନ୍ଦୋଳନକୁ ଓହ୍ଲାଇବା ପୂର୍ବରୁ ପ୍ରଶାସନ ପକ୍ଷରୁ ୧୪୪ ଧାରା ଲାଗୁ କରି ଲୋକମାନଙ୍କ ସ୍ୱରକୁ ଚାପି ଦେଇଥିଲେ। ଏହାକୁ ନେଇ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି ।

# ଓଡ଼ିଶା ସରକାର
# ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

24001/485/2627

## ଅଧିସୂଚନା

ନଂ. ୧୪୯୫ ତାରିଖ : ୨୩.୯.୨୦୨୬

ଯେହେତୁ ଓଡ଼ିଶା ସରକାରଙ୍କ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ **ମୟୂରଭଞ୍ଜ ଜିଲ୍ଲାର ସୋନୋ ବ୍ୟାରେଜ ପ୍ରକଳ୍ପ** ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା– ଧୂଳିଦା, ଥାନା–ଉଦଳା, ନଂ–୯୨ ତହସିଲ–ଉଦଳା, ଜିଲ୍ଲା–ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୧୧.୮୨ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act.2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ RFCTLAR & R Act.2013) ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

**୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ** - ସୋନୋ ବ୍ୟାରେଜ ପ୍ରକଳ୍ପ ନିର୍ମାଣ ନିମନ୍ତେ ।

**୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ** - ଅଧିକ୍ଷଣ ଯନ୍ତ୍ରୀ, ସୋନୋ ବ୍ୟାରେଜ ବିଭାଜନ, ଉଦଳା, ମୟୂରଭଞ୍ଜ ।

**୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ :** ସାର୍ବଜନୀନ ଉଦ୍ଦେଶ୍ୟରେ ସୋନୋ ବ୍ୟାରେଜ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।

**୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ** - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

**୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନଙ୍କ ବିବରଣୀ :** ଭୂ ଅର୍ଜନ ଅଧିକାରୀ ସୋନୋ ବ୍ୟାରେଜ ପ୍ରକଳ୍ପ ।

**୬. ଜମିର ବିବରଣୀ :**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ମୟୂରଭଞ୍ଜ | ଉଦଳା | ଧୂଳିଦା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୧୫.୪୩ ଡି. | ଏ. ୧୧.୮୨ ଡି. | ଏଥି ସହିତ ସଂଲଗ୍ନ |

**ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ମଣ୍ଡଳ ଅଧିକାରୀ ବାରିପଦା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା ସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।**

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବନାହିଁ ।

ଯଦି ସମ୍ପୃକ୍ତ ଜମିର କୌଣସି ସତ୍ତ୍ୱାଧିକାରୀ/ଜମିମାଲିକ ଜମି ଅଧିଗହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ଜିଲ୍ଲାପାଳ ମୟୂରଭଞ୍ଜ**

### ଭୂମି ଅନୁସୂଚୀ

**ଭୂଅର୍ଜନ ମାମଲା ସଂଖ୍ୟା - ୦୧/୨୦୨୬**
**ଏ. ୧୧.୮୨ ଡେ.ମି.**

**ସୋନୋ ବ୍ୟାରେଜ ପ୍ରକଳ୍ପ ନିମନ୍ତେ**
**ମୌଜା-ଧୂଳିଦା, ଥାନା-ଉଦଳା, ନଂ-୯୨, ତହସିଲ - ଉଦଳା, ଜିଲ୍ଲା-ମୟୂରଭଞ୍ଜ**

| ଖାତା ନଂ ଓ ସତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୨ | ୪୫ | ୦.୦୭ | ୦.୦୭ | ଆଶୁ | ଅଖିଳ ନାଏକ, ବାଇଧର ନାଏକ, ପ୍ରଫୁଲ କୁମାର ନାଏକ ପି: ଗୌର ନାଏକ, ଜା : ଅମାତ, ବା: ନିଜଗାଁ |
| | ୪୬ | ୦.୦୨ | ୦.୦୨ | ନଦୀ | |
| ୪ | ୧୧୩ | ୦.୨୮ | ୦.୨୮ | ନଦୀ | ଅଖିଳ ନାଏକ, ବାଇଧର ନାଏକ, ପ୍ରଫୁଲ କୁମାର ନାଏକ, ପି : ଗୌର ନାଏକ, ମଇନା ନାଏକ, ଟିମା ନାଏକ, ଚେମା ନାଏକ ପି: ବଂଶୀଧର ନାଏକ, ପୂର୍ଣ୍ଣ ନାଏକ, ସମ୍ଭୁ ନାଏକ, ଲେମ୍ବୁ ନାଏକ, ପି : କାଳିଆ ନାଏକ, ଧୁସା ନାଏକ, ପି: ଚିନ୍ତା ନାଏକ, ଜା: ଅମାତ, ବା: ନିଜଗାଁ |
| | ୧୧୪ | ୦.୫୪ | ୦.୫୪ | ଆଶୁ | |
| ୬ | ୭୩ | ୦.୪୫ | ୦.୪୫ | ଆଶୁ | ଅଜିତ ବେହେରା, ସତ୍ୟଜିତ ବେହେରା, ସତ୍ୟଭାମା ବେହେରା, ତିଳୋତ୍ତମା ବେହେରା, ପି : ଉପେନ୍ଦ୍ର ବେହେରା, ରାଧାମଣି ବେହେରା, ସ୍ୱା: ଉପେନ୍ଦ୍ର ବେହେରା, ଇଛାମଣି ବେହେରା, ପି: ମଦନ ମୋହନ ବେହେରା, ଜା: କୁମ୍ଭାର ବା : ବୈରାଟପୁର |
| ୧୧ | ୧୯ | ୦.୧୦ | ୦.୧୦ | ବଗାୟତ ତିନି | ଅଭି ନାଏକ, ସୁଦାମ ନାଏକ, ପି: ନରେନ୍ଦ୍ର ନାଏକ, ଶକୁନ୍ତଳା ନାଏକ, ସ୍ୱା: ନରେନ୍ଦ୍ର ନାଏକ, କଳି ଚରଣ ନାଏକ, ଲମ୍ବୋଦର ନାଏକ, ପି: ବୃନ୍ଦାବନ ନାଏକ, କଟୁମଣି ନାଏକ, ସ୍ୱା: ବୃନ୍ଦାବନ ନାଏକ, ଜା: ଅମାତ, ବା: ନିଜଗାଁ |
| | ୨୦ | ୦.୦୪ | ୦.୦୪ | ନଦୀ | |
| | ୧୦୪ | ୦.୧୨ | ୦.୧୨ | ଶାରଦ ତିନି | |
| | ୧୦୫ | ୦.୧୨ | ୦.୧୨ | ଶାରଦ ତିନି | |
| | ୧୦୮ | ୦.୨୭ | ୦.୨୭ | ଆଶୁ | |
| | ୧୧୧ | ୦.୦୩ | ୦.୦୩ | ନଦୀ | |
| ୧୩ | ୭୫ | ୦.୦୭ | ୦.୦୭ | ଆଶୁ | ଅଦିକନ୍ଦ ବେହେରା, ପି: ବୃନ୍ଦାବନ ବେହେରା, ଜା : କୁମ୍ଭାର, ବା: ବୈରାଟପୁର |
| ୧୫ | ୨ | ୦.୧୧ | ୦.୧୧ | ପାଳ ଦୁଇ | ସମନାଥ ଦେହୁରୀ, ପି: ଆର୍ତ୍ତ ଦେହୁରୀ, ଜା : ଅମାନ୍ତ, ବା: ଧୂଳିଦା |
| ୨୦ | ୭୧ | ୦.୪୦ | ୦.୨୨ | ଆଶୁ | ସନ୍ତୋଷ ଦେହୁରୀ, ପି: ଦୁଦର୍ଶନ ଦେହୁରୀ, ଜା: ଅମାତ ବା : ନିଜଗାଁ |
| | ୭୨ | ୦.୪୦ | ୦.୨୦ | ଆଶୁ | |
| ୨୧ | ୨୭ | ୦.୨୩ | ୦.୧୦ | ଘରବାରି | କରୁଣାକର ଦେହୁରୀ, ପି: ସୁବଳ ଦେହୁରୀ, ଜା : ଅମାତ, ବା: ନିଜଗାଁ |
| | ୨୮ | ୦.୦୨ | ୦.୦୨ | ନଦୀ | |
| ୨୪ | ୨୧୭ | ୦.୦୭ | ୦.୦୭ | ଘରବାରି | |
| | ୨୧୯ | ୦.୦୬ | ୦.୦୬ | ଘରବାରି | |
| | ୨୨୦ | ୦.୦୩ | ୦.୦୩ | ଘରବାରି | |
| | ୨୨୧ | ୦.୦୯ | ୦.୦୯ | ଘରବାରି | |
| | ୨୨୨ | ୦.୦୬ | ୦.୦୬ | ଘରବାରି | |
| | ୨୨୩ | ୦.୦୩ | ୦.୦୩ | ଘରବାରି | |
| ୩୬ | ୨୫ | ୦.୦୨ | ୦.୦୨ | ନଦୀ | ଗଜେନ୍ଦ୍ର ନାଥ ନାଏକ, ପି: ହଗରା ନାଏକ, ଭାସ୍କର ନାଏକ, ପି: ନୁକୁଆ ନାଏକ, ପର୍ଶୁ ନାଏକ, ପି: ନିଧୀଆ ନାଏକ, ଗୋପିନାଥ ନାଏକ, ପି: ଭାଗବତ ନାଏକ, ଜା: ଅମାତ, ବା: ନିଜଗାଁ |
| | ୨୬ | ୦.୨୩ | ୦.୦୮ | ଘରବାରି | |
| ୪୫ | ୬ | ୦.୧୨ | ୦.୧୨ | ପାଳ ଦୁଇ | ଗେଡା ଦେହୁରୀ, ପି: କେଶବ ଦେହୁରୀ, ଜା: ଅମାତ, ବା: ନିଜଗାଁ |
| ୪୯ | ୩୧ | ୦.୧୫ | ୦.୦୭ | ଘରବାରି | ଗୋବିନ୍ଦ ଦେହୁରୀ, ବାବାଜୀ ଦେହୁରୀ, ପି: ଖଇ ଦେହୁରୀ ଜା: ଅମାତ, ବା: ନିଜଗାଁ |
| | ୩୨ | ୦.୦୨ | ୦.୦୨ | ନଦୀ | |
| ୫୧ | ୧୨୩ | ୦.୧୦ | ୦.୧୦ | ପାଳ ଦୁଇ | ଘନଶ୍ୟାମ ସେଠୀ, ପି: ହାଡିବନ୍ଧୁ ସେଠୀ, ଜା: ଧୋବା, ବା: ନିଜଗାଁ |
| ୫୮ | ୨୪୬ | ୦.୧୨ | ୦.୦୩ | ଘରବାରି | ଜଗନ୍ନାଥ ମହାକୁଡ, ପି: ଭୋଳାନାଥ ମହାକୁଡ, ଜା: ଗୋପାଳ, ବା: ନିଜଗାଁ |
| | ୨୪୭ | ୦.୧୦ | ୦.୦୪ | ଘରବାରି | |
| ୬୫ | ୬୨ | ୦.୦୮ | ୦.୦୮ | ନଦୀ | ଡାଳିଆ ନାଏକ, ପି: ନାରଣ ନାଏକ, ଜା: ଅମାତ, ବା: ନିଜଗାଁ |
| | ୬୩ | ୦.୬୧ | ୦.୬୧ | ବଗାୟତ ତିନି | |
| ୬୯ | ୧୨୧ | ୦.୦୬ | ୦.୦୬ | ପାଳ ଦୁଇ | ଦୀନବନ୍ଧୁ ଦାସ, ପି: ଚିନ୍ତାମଣି ଦାସ, ଜାଁ କୈବର୍ତ୍ତ, ବା: ନିଜଗାଁ |
| ୭୩ | ୫୩ | ୦.୨୯ | ୦.୦୮ | ଆଶୁ | ଦିନବନ୍ଧୁ ବେହେରା, କୃପାସିନ୍ଧୁ ବେହେରା, ନୟନ ବେହେରା, ପଚି ବେହେରା, କୌଶଲ୍ୟା ବେହେରା, ପି: ବାମଦେବ ବେହେରା, ଜା: କୁମ୍ଭାର, ବା: ବୈରାଟପୁର |
| ୭୮ | ୧୭ | ୦.୦୬ | ୦.୦୬ | ବଗାୟତ ତିନି | ନନ୍ଦ ଦେହୁରୀ, ପି: ପାଣୁଆ ଦେହୁରୀ, ଜା: ଅମାତ, ବା: ନିଜଗାଁ |
| | ୪୯ | ୦.୦୫ | ୦.୦୫ | ବଗାୟତ ତିନି | |
| ୮୩ | ୨୨୭ | ୦.୧୧ | ୦.୧୧ | ନଦୀ | ନିନି ବେହେରା, ସୁଲୋଚନା ବେହେରା, ପି : ଲକ୍ଷ୍ମଣ ବେହେରା, ସନ୍ତୋଷ ବେହେରା, ରାଜ କୁଶୋର ବେହେରା, ରାଧା ବେହେରା, ବରଦା ବେହେରା, ଶାରଦା ବେହେରା, ପି: ଭରତ ବେହେରା, ଆଶାମଣି ବେହେରା, ସ୍ୱା: ଭରତ ବେହେରା, ହଗରା ବେହେରା, ନିଶା ବେହେରା, ଆଶା ବେହେରା, ପି: ମଣି ବେହେରା, ଜା: କୈବର୍ତ୍ତ, ବା: ନିଜଗାଁ |
| | ୨୨୮ | ୦.୦୯ | ୦.୦୯ | ପାଳ ଦୁଇ | |
| | ୨୩୯ | ୦.୦୫ | ୦.୦୫ | ପାଳ ଦୁଇ | |
| | ୨୪୦ | ୦.୦୨ | ୦.୦୨ | ନଦୀ | |
| ୯୦ | ୨୨୪ | ୦.୧୭ | ୦.୧୭ | ପାଳ ଦୁଇ | ପଦ୍ମଲୋଚନ ମାଝୀ, ପି: ଭିମ ମାଝୀ, ଜା: କୈବର୍ତ୍ତ, ବା: ନିଜଗାଁ |
| ୯୩ | ୭୮ | ୦.୧୬ | ୦.୧୬ | ନଦୀ | ପ୍ରତାପ ନାଏକ, ପ୍ରଶନ୍ନ ନାଏକ, ପି: ଦନା ନାଏକ, ଜା: ଅମାତ, ବା: ନିଜଗାଁ |
| | ୭୯ | ୦.୦୭ | ୦.୦୭ | ଆଶୁ | |
| ୧୦୦ | ୮୧ | ୦.୧୩ | ୦.୧୩ | ଆଶୁ | ପ୍ରଭାତ ବେହେରା, ନିର୍ମଳ ବେହେରା, ମାନସ ବେହେରା, ସାବିତ୍ରୀ ବେହେରା, ପି: ରଘୁନାଥ ବେହେରା, ରସମଣି ବେହେରା, ସ୍ୱା: ରଘୁନାଥ ବେହେରା, ଜା: କୁମ୍ଭାର, ବା: ବୈରାଟପୁର |
| ୧୦୧ | ୫୯ | ୦.୨୬ | ୦.୧୪ | ଶାରଦ ତିନି | ପ୍ରଭାକର ବେହେରା, ପି: ଉଦୟ ବେହେରା ଜା: କୁମ୍ଭାର, ବା: ବୈରାଟପୁର |
| | ୧୦୧ | ୦.୦୮ | ୦.୦୪ | ଶାରଦ ଦୁଇ | |
| | ୧୦୨ | ୦.୨୯ | ୦.୨୯ | ଶାରଦ ତିନି | |
| | ୧୦୩ | ୦.୨୩ | ୦.୨୩ | ଶାରଦ ଦୁଇ | |
| ୧୦୨ | ୧୧୯ | ୦.୨୬ | ୦.୧୯ | ଶାରଦ ଦୁଇ | ପ୍ରସନ୍ନ ଦାସ, ହରିହର ଦାସ, ପି: ବୈଷ୍ଣବ ଦାସ, ଜା: କୈବର୍ତ୍ତ, ବା: ନିଜଗାଁ |
| | ୧୨୦ | ୦.୦୭ | ୦.୦୭ | ପାଳ ଦୁଇ | |
| | ୨୧୫ | ୦.୧୧ | ୦.୦୩ | ଘରବାରି | |
| ୧୦୪ | ୨୩୭ | ୦.୧୨ | ୦.୧୨ | ନଦୀ | ପ୍ରଶନ୍ନ କୁମାର ପାଣିଗ୍ରାହୀ, ପ୍ରଦୀପ କୁମାର ପାଣିଗ୍ରାହୀ, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ପ୍ରଭାତ କୁମାର ପାଣିଗ୍ରାହୀ, ପି: ଚନ୍ଦ୍ର ଶେଖର ପାଣିଗ୍ରାହୀ, ପାର୍ବତୀ ପାଣିଗ୍ରାହୀ, ସ୍ୱା: ଚନ୍ଦ୍ର ଶେଖର ପାଣିଗ୍ରାହୀ, ସ୍ୱା: ଚନ୍ଦ୍ର ଶେଖର ପାଣିଗ୍ରାହୀ ଜା: ବ୍ରାହ୍ମଣ, ବା: ଖୁଣ୍ଟାପାଳ |
| | ୨୩୮ | ୦.୦୯ | ୦.୦୯ | ପାଳ ଦୁଇ | |
| ୧୦୮ | ୩୯ | ୦.୨୦ | ୦.୧୫ | ଆଶୁ | ପୂର୍ଣ୍ଣ ନାଏକ, ସମ୍ଭୁ ନାଏକ, ଲେମ୍ବୁ ନାଏକ, ପି: କାଳିଆ ନାଏକ, ଜା: ଅମାତ, ବା: ନିଜଗାଁ |
| | ୪୦ | ୦.୦୪ | ୦.୦୪ | ନଦୀ | |
| ୧୦୯ | ୧୮ | ୦.୦୫ | ୦.୦୫ | ବଗାୟତ ତିନି | ପଦରମାନନ୍ଦ ଦେହୁରୀ, ନାଛୁ ଦେହୁରୀ, ଝାମ୍ପ ମଲିକ, ପି: ପୂର୍ଣ୍ଣଚନ୍ଦ୍ର ଦେହୁରୀ, ସାବମଣି ଦେହୁରୀ, ସ୍ୱା: ପୂର୍ଣ୍ଣଚନ୍ଦ୍ର ଦେହୁରୀ, ଜା: ଅମାତ, ବା: ଧୂଳିଦା |
| | ୪୮ | ୦.୦୫ | ୦.୦୫ | ବଗାୟତ ତିନି | |
| | ୬୪ | ୦.୩୦ | ୦.୧୮ | ଆଶୁ | |
| ୧୧୪ | ୧୨୪ | ୦.୧୦ | ୦.୧୦ | ପାଳ ଦୁଇ | ପୂର୍ଣ୍ଣ ଚନ୍ଦ୍ର ସେଠୀ, ପି: ହାଡ଼ିବନ୍ଧୁ ସେଠୀ, ଜା: ଧୋବା, ବା: ନିଜଗାଁ |
| ୧୧୭ | ୧.୨୨ | ୦.୧୦ | ୦.୦୬ | ପାଳ ଦୁଇ | ବନମାଳି ସେଠୀ, ପି: ହାଡିବନ୍ଧୁ ସେଠୀ ଜା: ଧୋବା, ବା: ନିଜଗାଁ |
| ୧୨୦ | ୮୦ | ୦.୦୬ | ୦.୦୬ | ଆଶୁ | ବଂଧୀଧର ବେହେରା, ପି: ବୃନ୍ଦାବନ ବେହେରା, ଜା: କୁମ୍ଭାର, ବା: ବୈରାଟପୁର |
| ୧୨୨ | ୫୧ | ୦.୧୫ | ୦.୦୬ | ଆଶୁ | ବଂଧୀଧର ବେହେରା, ଲକ୍ଷ୍ମଣ ବେହେରା, ମୋହନ ବେହେରା, ଭୁକୁଲି ବେହେରା, ପି: ପୁରସ୍ତମ ବେହେରା, ଜା: କୁମ୍ଭାର, ବା: ବୈରାଟପୁର |
| ୧୨୮ | ୩୫ | ୦.୨୬ | ୦.୨୦ | ଘରବାରି | ବାୟା ଦେହୁରୀ, ପି: ଗୁନା ଦେହୁରୀ, ଜା: ଅମାତ, ବା: ନିଜଗାଁ |
| ୧୨୯ | ୯ | ୦.୦୯ | ୦.୦୯ | ନଦୀ | ବାୟା ଦେହୁରୀ, ପି: ଖୁସାଲ ଦେହୁରୀ, ସାନ ଦେହୁରୀ ନେତ୍ରୀ ଦେହୁରୀ, ଯାତ୍ରୀ ଦେହୁରୀ, ପି: ମାଧ ଦେହୁରୀ, ରମେଶ ଦେହୁରୀ, ଭାଗବତ ହେହୁରୀ, ପି: ବଂଶୀଧର ଦେହୁରୀ, ପୂର୍ଣ୍ଣ ଚନ୍ଦ୍ର ଦେହୁରୀ, ପି: ସାଦୁଆ ଦେହୁରୀ, ଜା: ଅମାତ, ବା: ନିଜଗାଁ |
| | ୧୦ | ୦.୧୯ | ୦.୧୫ | ଘରବାରି | |
| ୧୩୧ | ୨୧ | ୦.୦୨ | ୦.୦୨ | ନଦୀ | ବାଞ୍ଛାନିଧି ନାଏକ, ପି: ବୁଧିଆ ନାଏକ, ଜା: ଅମାତ, ବା: ନିଜଗାଁ |
| | ୨୨ | ୦.୨୨ | ୦.୧୧ | ଘରବାରି | |
| | ୧୦୬ | ୦.୧୨ | ୦.୧୨ | ପାଳ ଦୁଇ | |
| | ୧୦୭ | ୦.୨୮ | ୦.୨୮ | ପାଳ ଦୁଇ | |
| | ୧୧୨ | ୦.୦୫ | ୦.୦୫ | ନଦୀ | |
| ୧୪୭ | ୨.୪୯ | ୦.୧୦ | ୦.୦୬ | ଆଶୁ | ଭାଗବତ ମହାକୁଡ, ପି: ଭୋଳାନାଥ ମହାକୁଡ, ଜା: ଗୋପାଳ, ବା: ନିଜଗାଁ |
| ୧୪୮ | ୨୨୬ | ୦.୦୩ | ୦.୦୩ | ନଦୀ | ଭାଗବତ ମହାକୁଡ଼, ଜଗନ୍ନାଥ ମହାକୁଡ଼, ପି: ଭୋଳାନାଥ ମହାକୁ, ଜା: ଗୋପାଳ, ବା: ନିଜଗାଁ |
| ୧୫୭ | ୨୯ | ୦.୦୨ | ୦.୦୨ | ନଦୀ | ଭୋଳାନାଥ ଦେହୁରୀ, ପି: କ୍ଷେତ୍ରୀ ଦେହୁରୀ, ଅର୍ଜୁନା ଦେହୁରୀ, କୁନା ଦେହୁରୀ, ପି: ଘନ ଦେହୁରୀ, ଭୀମ ଦେହୁରୀ, ନକୁଳ ଦେହୁରୀ, ସହଦେବ ଦେହୁରୀ, ପି: ରାମ ଦେହୁରୀ, ଜା: ଅମାତ, ବା: ନିଜଗାଁ |
| | ୩୦ | ୦.୧୮ | ୦.୦୮ | ଘରବାରି | |
| ୧୫୯ | ୧.୨୬ | ୦.୩୦ | ୦.୧୨ | ପାଳ ଦୁଇ | ଭୋଳାନାଥ ସେଠୀ, ପି: ଚକ୍ରଧର ସେଠୀ, ଜା: ଧୋବା, ବା: ନିଜଗାଁ |
| ୧୬୦ | ୪୧ | ୦.୦୨ | ୦.୦୨ | ନଦୀ | ମଇନା ନାଏକ, ଟିମା ନାଏକ, ଚେମା ନାଏକ, ପି: ବଂଶୀଧର ନାଏକ, ଜା: ଅମାତ, ବା: ନିଜଗାଁ |
| | ୪୨ | ୦.୦୬ | ୦.୦୬ | ଆଶୁ | |
| ୧୬୧ | ୨୫୦ | ୦.୨୩ | ୦.୧୨ | ଆଶୁ | ମଙ୍ଗୁଲି ଦେହୁରୀ, ରଖିତା, ସ୍ୱା: କାଳି ଚରଣ ପଣ୍ଡା ଜା: ଭୂମିଜ, ବା: ନିଜଗାଁ |
| | ୨୫୧ | ୦.୫୭ | ୦.୨୮ | ଶାରଦ ଦୁଇ | |
| ୧୬୨ | ୩୩ | ୦.୦୨ | ୦.୦୨ | ନଦୀ | ପଣୁଆ ଦେହୁରୀ, ଶୁକୁରୀ ଦେହୁରୀ, ପି: ମଧୁସୂଦନ ଦେହୁରୀ, ଗୋପାଳ ଦେହୁରୀ, ପି: ଶରତ ଦେହୁରୀ, କଟି ଦେହୁରୀ, ସ୍ୱା: ଶରତ ଦେହୁରୀ, ଶିବ ଦେହୁରୀ, ପି: ବାଳକୃଷ୍ଣ ଦେହୁରୀ, ଗୌତମ ଦେହୁରୀ, ତପନ ଦେହୁରୀ, ମଲ୍ଲୀ ଦେହୁରୀ, କଲି ଦେହୁରୀ, ଲିଲି ଦେହୁରୀ, ମିଲି ଦେହୁରୀ, ପି: କାହ୍ନୁ ଦେହୁରୀ, ନିନି ଦେହୁରୀ, ପି: ବାଳକୃଷ୍ଣ ଦେହୁରୀ, ଜା: ଅମାତ, ବା: ଧୂଳିନ୍ଦା ଦୀନବନ୍ଧୁ ଦେହୁରୀ, ସୁଦର୍ଶନ ଦେହୁରୀ, ପି: କସ୍ତୁରୀ ଦେହୁରୀ, ଜା: ଅମାତ, ବା: ନିଜଗାଁ |
| | ୩୪ | ୦.୦୫ | ୦.୦୫ | ଘରବାରି | |
| | ୧୦୯ | ୦.୪୯ | ୦.୪୯ | ଆଶୁ | |
| | ୧୧୦ | ୦.୦୬ | ୦.୦୬ | ନଦୀ | |
| ୧୭୧ | ୨୩୦ | ୦.୧୬ | ୦.୦୫ | ମେଳନ ପଡିଆ | ଶ୍ରୀ ଗ୍ରାମଦେବତୀ ଷୋଳଭଉଣୀ ଠାକୁରାଣୀ ବିଜେ ନିଜଗାଁ ମାର୍ଫତ ବା: ମାତୁ ମଳିକ, ଗିରିଶ ମଳିକ, ଗିରିଶ ମଳିକ, ପି: ଦୁର୍ଗା ମଳିକ, ଜା: ଅମାତ, ବା: ଖୁଣ୍ଟାପାଳ |
| | ୨୪୮ | ୦.୨୩ | ୦.୧୧ | ଆଶୁ | |
| ୧୭୭ | ୮୩ | ୦.୧୫ | ୦.୧୫ | ଆଶୁ | ମୁରଲୀ ଦେହୁରୀ, ପି: ଲକ୍ଷ୍ମଣ ଦେହୁରୀ, କିସ୍ମତ ଚାରିଅଣା, କରୁଣା ଦେହୁରୀ, ପି: ସୁବଳ ଦେହୁରୀ, କିସ୍ମତ ଚାରିଅଣା, ନାବନ ଦେହୁରୀ, ପି: ଚନ୍ଦ୍ର ଦେହୁରୀ, କିସ୍ମତ ଆଠଅଣା, ଜା: ଅମାତ ବା: ନିଜଗାଁ |
| ୧୭୮ | ୮୨ | ୦.୧୯ | ୦.୧୯ | ଆଶୁ | ରଘୁନାଥ ଦେହୁରୀ, ପି: ଦୟା ଦେହୁରୀ, ଜା: ଅମାତ, ବା: ନିଜଗାଁ |
| ୧୯୨ | ୨୩୩ | ୦.୪ | ୦.୦୪ | ନଦୀ | ସଦାଶିବ ପଣ୍ଡା, ପି: କ୍ଷେତ୍ର ମୋହନ ପଣ୍ଡା, କିସ୍ମତ ଚାରିଅଣା, ଜା: ବ୍ରାହ୍ମଣ, ବା: ନିଜଗାଁ, ସାବିତ୍ରୀ ପଣ୍ଡା, ପି: ସୁନ୍ଦର ମୋହନ ପଣ୍ଡା କିସ୍ମତ ଚାରିଅଣା, ସନାତନ ପଣ୍ଡା, ସରସ୍ୱତୀ ପଣ୍ଡା, ପି: ତ୍ରିଲୋଚନ ପଣ୍ଡା, ବାସନ୍ତୀ ପଣ୍ଡା, ସ୍ୱା: ତ୍ରିଲୋଚନ ପଣ୍ଡା, ବାସନ୍ତୀ ପଣ୍ଡା, ସ୍ୱା: ତ୍ରିଲୋଚନ ପଣ୍ଡା କିସ୍ମତ ଆଠଅଣା ଜା: ବ୍ରାହ୍ମଣ, ବା: ଖୁଣ୍ଟାପାଳ |
| | ୨୪୩ | ୦.୦୫ | ୦.୦୫ | ଘରବାରି | |
| ୧୯୫ | ୨୧୬ | ୦.୧୦ | ୦.୦୬ | ଘରବାରି | ସନାତନ ଦାସ, ପି: ଚିନ୍ତାମଣି ଦାସ, ଜା: କୈବର୍ତ୍ତ, ବା: ନିଜଗାଁ |
| | ୨୧୮ | ୦.୦୭ | ୦.୦୭ | ଘରବାରି | |
| ୧୯୭ | ୨୩ | ୦.୧୬ | ୦.୦୮ | ଘରବାରି | ସନିଆ ନାଏକ, ମାର୍କଣ୍ଡ ନାଏକ, ପି: ବିଶୁ ନାଏକ, ଜା: ଅମାତ, ବା: ନିଜଗାଁ |
| | ୨୪ | ୦.୦୨ | ୦.୦୨ | ନଦୀ | |
| ୨୦୧ | ୨୩୪ | ୦.୦୯ | ୦.୦୯ | ପାଳ ଦୁଇ | ସଦାଶିବ ପଣ୍ଡା, ପି: କ୍ଷେତ୍ର ମୋହନ ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ ସାମିଲ କାଠପାଳ |
| ୨୦୯ | ୪୭ | ୦.୦୧ | ୦.୦୧ | ନଦୀ | ଶିବ ଦହେୁରୀ, ଝଡିଆ ଦେହୁରୀ, କାବାଲିଆ ଦେହୁରୀ, ପି: ଗଣିଆ ଦେହୁରୀ, ଜା: ଅମାତ, ବା: ନିଜଗାଁ |
| | ୫୦ | ୦.୦୭ | ୦.୦୭ | ବଗାୟତ ତିନି | |
| ୨୧୪ | ୧୨୫ | ୦.୧୧ | ୦.୧୧ | ପାଳ ଦୁଇ | ସୁରେନ୍ଦ୍ର ନାଥ ସେଠୀ, ପି: ହାଡ଼ିବନ୍ଧୁ ସେଠୀ, ଜା: ଧୋବା, ବା: ନିଜଗାଁ |
| ୨୨୪ | ୨୩୫ | ୦.୦୬ | ୦.୦୬ | ପାଳ ଦୁଇ | ହାଡିବନ୍ଧୁ ସାସ, ପି: ଗଦାଧର ଦାସ, ସରସ୍ୱତୀ ଦାସ, ସ୍ୱା: ଗଦାଧର ଦାସ, ଜା: କୈବର୍ତ୍ତ, ବା: ନିଜଗାଁ |
| | ୨୩୬ | ୦.୦୬ | ୦.୦୬ | ନଦୀ | |
| ୨୨୫ | ୬୯ | ୦.୪୨ | ୦.୦୮ | ଶାରଦ ଦୁଇ | ଶଶିଧର ରଣା, ନଗେଶ କୁମାର ରଣା, ମୁକେଶ କୁମାର ରଣା, ଭଗବତୀ ରଣା, ବୃନ୍ଦାବତୀ ରଣା, ପି: ହାଡିବନ୍ଧୁ ରଣା, ଜା: କୁମ୍ଭାର, ବା: ବୈରାଟପୁର |
| | ୭୬ | ୦.୨୦ | ୦.୨୦ | ଆଶୁ | |
| | ୭୭ | ୦.୦୬ | ୦.୦୬ | ନଦୀ | |
| ୨୨୭/୬ | ୮୭ | ୦.୧୦ | ୦୦୫ | ଶାରଦ ଦୁଇ | ଝଡିଆ ଦେହୁରୀ, ପି: ଗଣନାଥ ଦେହୁରୀ, ଜା: ଅମାତ, ବା: ନିଜଗାଁ |
| ୨୨୭/୧୦ | ୮୫ | ୦.୧୦ | ୦.୧୦ | ଶାରଦ ଦୁଇ | ଶିବ ପ୍ରସାଦ ଦେହୁରୀ, ପି: ଗଣନାଥ ଦେହୁରୀ, ଜା: ଅମାତ, ବା: ନିଜଗାଁ |
| ୨୨୭/୧୧ | ୮୬ | ୦.୧୦ | ୦.୧୦ | ଶାରଦ ତିନି | ପ୍ରଫୁଲ୍ଲ ଦେହୁରୀ, ପି: ଗଣ ନାଥ ଦେହୁରୀ, ଜା: ଅମାତ, ବା: ନିଜଗାଁ |
| ୨୨୭/୨୬ | ୭୪ | ୦.୧୩ | ୦.୧୩ | ଆଶୁ | ଶେଷଦେବ ଦେହୁରୀ, ସବିତା ଦେହୁରୀ, ପି: ପୁରୁଷୋତ୍ତମ ଦେହୁରୀ ଜା: ଅମାତ, ବା: ଦୂଳିଦା |
| ୨୨୭/୫୨ | ୫ | ୦.୦୫ | ୦.୦୫ | ଘରବାରି | ମଙ୍ଗଳା ଦେହୁରୀ, ପି: ଯଦୁନାଥ ଦେହୁରୀ, ଜା: ଅମାତ, ବା: ନିଜଗାଁ |
| | ୭ | ୦.୦୫ | ୦.୦୫ | ପତିତ | |
| | ୮ | ୦.୦୩ | ୦.୦୩ | ନଦୀ | |
| **ଗୋଚର ପ୍ରତିବଦଳ** | | | | | |
| ୧୦୧ | ୫୯ | ୦.୨୬ | ୦.୧୨ | ଶାରଦ ତିନି | ପ୍ରଭାକର ବେହେରା, ପି: ଉଦୟ ନାଥ ବେହେରା, ଜା: କୁମ୍ଭାର, ବା: ବୈରାଟପୁର |
| ୨୨୭/୫୨ | ୫୮ | ୦.୦୮ | ୦.୦୮ | ଶାରଦ ତିନି | ପରମା ଦେହୁରୀ, ପି: ପୂର୍ଣ୍ଣଚନ୍ଦ୍ର ଦେହୁରୀ, ଲକ୍ଷ୍ମମନ ଦେହୁରୀ, ପି: ପୂର୍ଣ୍ଣଚନ୍ଦ୍ର ଦେହୁରୀ, ଜା: ଅମାତ, ବା: ନିଜଗାଁ |
| ମୋଟ | ୧୧୧ ପ୍ଲଟ | ଏ. ୧୫.୪୩ ଡେ.ମି. | ଏ. ୧୧.୮୨ ଡେ.ମି. | | |

Sd/- AMIN Deuli Zone | Sd/- Revenue Inspector Deuli Zone | Sd/- Zone Officer-cum-L.A. Collector Deuli Zone | Sd/- Land Acquistion Officer S.I.P. BARIPADA

OIPR : 24001/24011/3/26-27/0001

# ଟ୍ରକ୍‌କୁ ଧକ୍କା ଦେଲା ପିକଅପ୍, ୨ ମୃତ



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର -ସମ୍ବଲପୁର ଏନଏଚ-୨୬ ଛୁଇଁବନ୍ଧ ନିକଟରେ ପୁଣି ଘଟିଛି ଏକ ସଡ଼କ ଦୁର୍ଘଟଣା। ମଙ୍ଗଳବାର ସକାଳୁ ଘଟିଥିବା ଏହି ଭୟଙ୍କର ଦୁର୍ଘଟଣାରେ ଦୁଇ ଜଣଙ୍କ ଜୀବନ ଯାଇଛି । ଏକ ଟ୍ରକକୁ ପଛପଟୁ ଧକ୍କା ଦେଇଥିଲା ଏକ ପିକଅପ ଗାଡ଼ି । ଧକ୍କା ଏତେ ଜୋରଦାର ଥିଲା ଯେ ପିକଅପ ଗାଡ଼ିଟି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିଲା ।

ସୂଚନା ଅନୁସାରେ ରାସ୍ତାରେ ଏକ ଟ୍ରକ ଯାଉଥିବା ବେଳେ ପଛପଟୁ ଆସୁଥିବା ଏକ ପିକଅପ ଗାଡ଼ି ଟ୍ରକ୍‌ଟିକୁ ଧକ୍କା ଦେଇଥିବା ପ୍ରାଥମିକ ଭାବେ ଜଣାପଡ଼ିଛି । ଦୁର୍ଘଟଣାରେ ପିକଅପ ଗାଡ଼ିରେ ଥିବା ଦୁଇ ଜଣ ଗୁରୁତର ଆହତ ହୋଇଥିଲେ । ପରେ ସେମାନଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଘଟଣା ପରେ ରାସ୍ତାରେ କିଛି ସମୟ ପାଇଁ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା । ଖବର ପାଇ ପୁଇଁତଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ଯାଞ୍ଚ କରିଥିଲା । ମୃତଦେହ ଉଦ୍ଧାର କରାଯାଇ ଆବଶ୍ୟକ ଆଇନଗତ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏଥିସହ ଟ୍ରକ ଡ୍ରାଇଭର୍‌ଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି । ପୋଲିସର ପ୍ରାଥମିକ ସୂଚନା ଅନୁସାରେ, ଟକଟି ରନିଂରେ ଥିବା ସମୟରେ ପଛପଟୁ ଆସି ପିକଅପ ଗାଡ଼ିଟି ଧକ୍କା ଦେଇଥିବା କୁହାଯାଉଛି। ତେବେ ପ୍ରକୃତରେ ଟ୍ରକଟି ଚଳନ୍ତା ଅବସ୍ଥାରେ ଥିଲା ନା ରାସ୍ତାରେ ଛିଡ଼ା ହୋଇଥିଲା, ସେନେଇ ଏବେ ସ୍ପଷ୍ଟତା ଆସିନାହିଁ। ଦୁର୍ଘଟଣାର ପ୍ରକୃତ କାରଣ ଓ ପରିସ୍ଥିତି ଜାଣିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି । ଗୋଟିଏ ଦୁର୍ଘଟଣା, ଦୁଇଟି ପରିବାରର ଜୀବନକୁ ଓଲଟପାଲଟ କରିଦେଇଛି। ଅକାଳରେ ଚାଲିଯାଇଛି ଦୁଇଟି ଅମୂଲ୍ୟ ଜୀବନ । ଏହି ଦୁଃଖଦ ଘଟଣା ପରେ ଏନଏଚ-୨୬ରେ ଯାତାୟାତ କରୁଥିବା ଗାଡ଼ି ଚାଳକମାନେ ଅଧିକ ସତର୍କ ରହିବା ସହ ଟ୍ରାଫିକ ନିୟମ ପାଳନ କରିବା ଉପରେ ପୁଣିଥରେ ଗୁରୁତ୍ୱ ଦିଆଯାଇଛି । ଘଟଣାକୁ ନେଇ ପୁଇଁତଲା ପୋଲିସ ତଦନ୍ତ ଜାରି ରଖିଛି । ତଦନ୍ତ ପରେ ହିଁ ଦୁର୍ଘଟଣାର ପ୍ରକୃତ କାରଣ ଏବଂ ଦାୟୀ କିଏ, ତାହା ସ୍ପଷ୍ଟ ହେବ ।

# ରୋଗୀଙ୍କୁ ସେବା ଯୋଗାଇବାରେ ବିଫଳ ଭୀମ ଭୋଇ ମେଡ଼ିକାଲ କଲେଜ

ବଲାଙ୍ଗିର,(ସବ୍ୟୁ) : ବଲାଙ୍ଗିର ଜିଲ୍ଲାରେ ରହିଛି ଭୀମ ଭୋଇ ମେଡ଼ିକାଲ କଲେଜ । ଏହି ଜିଲ୍ଲା ଭାରତ ସରକାରଙ୍କ ଗୋଟିଏ ଆକାଂକ୍ଷୀ ଜିଲ୍ଲା ଅର୍ନ୍ତଭୁକ୍ତ । ସେହିକ୍ରମରେ ଶିକ୍ଷା, ସ୍ୱାସ୍ଥ୍ୟ , ପିଇବା ପାଣି , ଚାଷ ଜମିରେ ଜଳସେଚନ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦିଆଯିବା କଥା । କିନ୍ତୁ ତାହା ହେଉନଥିବା ବାରମ୍ବାର ଅଭିଯୋଗ ହେଉଛି । ବିଶେଷ କରି ସ୍ୱାସ୍ଥ୍ୟ କ୍ଷେତ୍ରରେ ବହୁ ଅବହେଳିତ ଥିବା ବଲାଙ୍ଗିର ବାସୀ ଅଭିଯୋଗ କରିଛନ୍ତି । ଭୀମ ଭୋଇ ମେଡ଼ିକାଲ କଲେଜ ୩୧ ଅଗଷ୍ଟ ୨୦୧୮ରେ ଉଦଘାଟିତ ହୋଇ ଜନସେବାରେ ସରକାର ଉତ୍ସର୍ଗିକୃତ କରିଥିଲେ । ଫଳରେ ଲୋକଙ୍କ ଅନେକ ଆଶା ଓ ବିଶ୍ୱାସ ଥିଲା । ସ୍ୱାସ୍ଥ୍ୟ ସେବା ଟିକକ ହାତ ପାହାନ୍ତରେ ମିଳିବ ବୋଲି ଲୋକେ ଆଶା ବାନ୍ଧିଥିଲେ । କିନ୍ତୁ ଲୋକାର୍ପଣ ହେବାର ୭ ବର୍ଷ ରୁ ଉର୍ଦ୍ଧ ସମୟ ବିତି ଯାଇଥିଲେ ହେଁ ଏକ ପୂର୍ଣ୍ଣାଙ୍ଗ ମେଡ଼ିକାଲ କଲେଜ /ଡ଼ାକ୍ତରଖାନା ହୋଇପାରିଲା ନାହିଁ । ଆଜି ବି ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ବିଶେଷଜ୍ଞ ଡ଼ାକ୍ତର ପଦବୀ ଖାଲି ରହୁଛି । ଅନେକ ସମୟରେ ରେଫରାଲ ୟୁନିଟ ଭାବେ କାମ କରୁଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭରଶୀଳ ହୋଇପଡ଼ିଛି । ଏନେଇ ବଲାଙ୍ଗିର ସଦର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଗତ ୨୩.୨.୨୦୨୬ରେ ଲିଖି ପ୍ରଶ୍ନ କରିଥିଲେ । ବିଶେଷଜ୍ଞ ଡ଼ାକ୍ତର ସମେତ, ପୂର୍ଣ୍ଣାଙ୍ଗ ଓ ୨୪ ଘଣ୍ଟିଆ ରକ୍ତଭଣ୍ଡାର ସ୍ଥାପନ ନେଇ ପ୍ରଶ୍ନ କରିଥିଲେ । ଏହାର ଲିଖିତ ଉତ୍ତର ରଖି ସ୍ୱାସ୍ଥ୍ୟମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମସ୍ୟାର ସମାଧାନ ହେବ ବୋଲି ଉତ୍ତର ରଖିଥିଲେ । କିନ୍ତୁ ଆଜି ସୁଦ୍ଧା ସମସ୍ୟାର ସମାଧାନ ହୋଇନଥିବାରୁ ରୋଗୀ ମାନେ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ରାତି ସମୟରେ ବରିଷ୍ଠ ପ୍ରଫେସର ମାନେ ରହୁନଥିବା ବେଳେ କେବଳ ଜୁନିଅର ଡ଼ାକ୍ତର ଓ ହାଉସ ସର୍ଜନରେ କାମ ଚଳାଇ ଦିଆଯାଉଥିବା ସାମାଜିକ କର୍ମି ଦେବାଶିଷ ପାଣ୍ଡିଆ ଅଭିଯୋଗ କରିଛନ୍ତି । ଏନେଇ ସ୍ଥାନୀୟ ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କୁ ଅବଗତ କରାଯାଇଥିଲେ ହେଁ ଦୀର୍ଘ ଦିନ ଧରି ସମସ୍ୟା ସମାଧାନ ହେଉନଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି ଶ୍ରୀ ପାଣ୍ଡିଆ । କାର୍ଡ଼ିଓଲୋଜି, ନିୟୁରୋଲୋଜି ବିଭାଗରେ ବିଶେଷଜ୍ଞ ପ୍ରଫେସର ନଥିବାରୁ ରୋଗୀ ମାନେ ରାତି ଅଧରେ ହଇରାଣ ହେଉଛନ୍ତି । ରୋଗୀଙ୍କ ଆସ୍ଥା ବିଶ୍ୱାସ ଭାଜନ କରିବା ଦିଗରେ ଭୀମ ଭୋଇ ମେଡ଼ିକାଲ କଲେଜ ଏକପ୍ରକାର ବିଫଳ ହୋଇଥିବା ଅନେକ ସମୟରେ ମଧ୍ୟ ଅଭିଯୋଗ ହୋଇଛି । ଗୋଟିଏ ମେଡ଼ିକାଲ କଲେଜରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଯାହା କିଛି ସର୍ବନିମ୍ନ ସୁବିଧା ମିଳିବା କଥା ତାହା ମଧ୍ୟ ମିଳୁନଥିବାରୁ ରୋଗୀ ପଡ଼ୋଶୀ ରାଜ୍ୟର ବିଭିନ୍ନ ଘରୋଇ ଡ଼ାକ୍ତରଖାନା ଯାଇ ସର୍ବସ୍ୱାନ୍ତ ହେଉଛନ୍ତି । ଆଉ କିଛି ବଲାଙ୍ଗିରରର ବିଭିନ୍ନି ନର୍ସିଂହୋମରେ ଶୋଷିତ ହେଉଥିବା ଅଭିଯୋଗ ହେଉଛି ।



# ସାର ବୋଝେଇ ଟ୍ରକ୍ ଜବତ, ୩ ଅଟକ

କନ୍ଧମାଳ,(ସବ୍ୟୁ): ଗୋଟିଏ ପଟେ ଚାଷୀ ଚାଷ କାର୍ଯ୍ୟ ପାଇଁ ସାର ପାଉନଥିବା ବେଳେ କନ୍ଧମାଳ ବ୍ଲକ ରୁଣ୍ଡିମହୁଲ ଠାରେ ସାର କଳାବଜାର ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କନ୍ଧମାଳ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସାର ବୋଝେଇ ଟ୍ରକ କୁ ଜବତ କରିବା ସହ ସାର କଳାବଜାର କରୁଥିବା ଦୁଇ ଜଣ ବ୍ୟବସାୟୀ ଏବଂ ଟ୍ରକ ଡ୍ରାଇଭର କୁ ଅଟକ ରଖି ପଚରାଉଚରା କରୁଛି କନ୍ଧମାଳ ପୁଲିସ । ଟ୍ରକରେ ଥିବା ୨୬୦ ବସ୍ତା ସାରକୁ ରୁଣ୍ଡି ମହୁଲ ସେବା ସମବାୟ ସମିତିକୁ ହସ୍ତାନ୍ତର କରାଯାଇଛି ଏବଂ ଉପଯୁକ୍ତ କାଗଜ ପତ୍ର ଦେଖାଇ ନ ପାରିଲେ ବିହିତ ପଦକ୍ଷେପ ନିଆଯିବ ବୋଲି କନ୍ଧମାଳ ଥାନାଧିକାରୀ ଓମ ପ୍ରକାଶ ମହାନ୍ତି ସୂଚନା ଦେଇଛନ୍ତି ।

# ବିଷଧର ସାପ କାମୁଡାରେ ଜଣେ ମୃତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନା ଅନ୍ତର୍ଗତ ବସିଆପଡାର ଜଣେ ବ୍ୟକ୍ତିଙ୍କ ସାପ କାମୁଡାରେ ମୃତ୍ୟୁ ହୋଇଯାଇଛି । ମୃତକ ଜଣକ ସଚିନ୍ଦ୍ର ସିଂ(୪୮) ବୋଲି ଜଣାପଡିଛି । ଖବର ପାଇ ଯୁଯୋମୁରା ଥାନା ପୋଲିସ ୨୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ଜବତ କରିଛି । ଜବତ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ସୂଚନାଯୋଗ୍ୟ, ବସିଆପଡାର ସଚିନ୍ଦ୍ର ସିଂ ସୋମବାର ରାତିରେ ଘରେ ଶୋଇଥିବା ବେଳେ କୌଣସି ଏକ ବିଷଧର ସାପ କାମୁଡି ଦେଇଥିଲା। ତେବେ ସେ ପରବର୍ତ୍ତୀ ସମୟରେ ଅସୁସ୍ଥ ହୋଇ ପଡିଥିବା ବେଳେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଡାକ୍ତର ମୃତଘୋଷଣା କରିଥିଲେ।

# ଶତାଧିକ ଦେଶୀ କୁକୁଡ଼ା ମୃତ ! ଚିନ୍ତାରେ ଚାଷୀ



ନୂଆପଡ଼ା,(ସବ୍ୟୁ): ଖାଦ୍ୟ ଅନ୍ବେଷଣରେ ସକାଳୁ ଘରୁ ବାହାରିଥିଲେ ଦେଶୀ କୁକୁଡ଼ା । କିଛି ସମୟ ପରେ ହଠାତ୍ ଗୋଟିଏ ପରେ ଗୋଟିଏ କୁକୁଡ଼ା ଆଖି ବୁଜି ଭୂମିରେ ଢଳିପଡ଼ିବା ସହ ମୃତ୍ୟୁ ଘଟିବା ଘଟଣା ଏବେ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଟିକ୍ରାପଡ଼ା ପଞ୍ଚାୟତର ଟିକ୍ରାପଡ଼ା ଓ ଜଗନ୍ନାଥପାଲି ଗ୍ରାମରେ ଚର୍ଚ୍ଚାର ବିଷୟ ପାଲଟିଛି ।

ସୂଚନା ଅନୁସାରେ, ଗ୍ରାମର ଦେଶୀ କୁକୁଡ଼ାଗୁଡ଼ିକ ସକାଳୁ ଖାଦ୍ୟ ଅନ୍ବେଷଣରେ ବାହାରକୁ ଯାଇଥିଲେ । ତେବେ ସେମାନେ କ'ଣ ଖାଇଥିଲେ ତାହା ଜଣାପଡ଼ିନଥିବା ବେଳେ ହଠାତ୍ ଶହ ରୁ ଅଧିକ କୁକୁଡ଼ା ଅସୁସ୍ଥ ହୋଇ ଭୂମିରେ ଢଳିପଡ଼ିଥିଲେ । ଏହାପରେ ଅନେକ କୁକୁଡ଼ାର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଘଟଣା ଜଣାପଡ଼ିବା ପରେ ଗ୍ରାମରେ ଚହଳ ସୃଷ୍ଟି ହୋଇଥିଲା। ଏହି ଘଟଣାରେ ଟିକ୍ରାପଡ଼ା ଗ୍ରାମର ଶତ୍ରୁଘନ ଶବରଙ୍କ ୫ଟି, ପ୍ରେମ କୈବର୍ତ୍ତଙ୍କ ୨୦ଟି, ଲିଙ୍ଗରାଜ ଶବରଙ୍କ ୬ଟି, ଲିଙ୍ଗରାଜ ମେହେରଙ୍କ ୭ଟି, ସୁମନ୍ତ ବାଗଙ୍କ ୫୦ଟି ଓ ରୂପଧର ବାଗଙ୍କ ୩୦ଟି କୁକୁଡ଼ା ମରିଥିବା ଅଭିଯୋଗ ହୋଇଛି । ସେହିପରି ଜଗନ୍ନାଥପାଲି ଗ୍ରାମର ଚନ୍ଦ୍ର ବାଗଙ୍କ ୧୫ଟି, ଗଣେଶ ବାଗଙ୍କ ୨୦ଟି, ରତୁ ଦୀପଙ୍କ ୧୧ଟି, ବେଣୁଧର ଦୀପଙ୍କ ୧୬ଟି, ଗୋକୁଳ ବାଗଙ୍କ ୧୫ଟି ଓ କୀର୍ତ୍ତନ ଶବରଙ୍କ ୧୧ଟି କୁକୁଡ଼ା ମରିଥିବା ଅଭିଯୋଗ ରହିଛି । କୁକୁଡ଼ା ପାଳନ କରି ଜୀବିକା ନିର୍ବାହ କରୁଥିବା ଚାଷୀମାନେ ଗଭୀର ଦୁଃଖ ଓ ଚିନ୍ତାରେ ପଡ଼ିଛନ୍ତି । ଏହାଦ୍ୱାରା ହୋଇଥିବା କ୍ଷତି ପାଇଁ ସରକାରୀ ସହାୟତା ପ୍ରଦାନ କରିବା ସହ ଘଟଣାର ପ୍ରକୃତ କାରଣ ଖୋଜିବାକୁ ସେମାନେ ଦାବି କରିଛନ୍ତି । ଏଥିସହ ଯଦି କୌଣସି ବ୍ୟକ୍ତି ଏହି ଘଟଣା ପାଇଁ ଦାୟୀ ଥାଆନ୍ତି, ତେବେ ତାଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ମଧ୍ୟ ଚାଷୀମାନେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ, ଘଟଣା ସମ୍ପର୍କରେ ଖବର ପାଇ ପ୍ରାଣୀ ଚିକିତ୍ସା କେନ୍ଦ୍ରର ଅଧିକାରୀ ଗ୍ରାମରେ ପହଞ୍ଚି ମୃତ ଓ ଅସୁସ୍ଥ କୁକୁଡ଼ାଙ୍କୁ ଯାଞ୍ଚ କରିଥିଲେ । ଦୁଇଟି ମୃତ କୁକୁଡ଼ାକୁ କାର୍ଯ୍ୟାଳୟକୁ ନେଇ ପରୀକ୍ଷା କରାଯାଇଛି । ପରୀକ୍ଷା ରିପୋର୍ଟ ଆସିବା ପରେ କୁକୁଡ଼ାମାନଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଅଧିକାରୀ କହିଛନ୍ତି । ପ୍ରକୃତ କାରଣ କ'ଣ ବିଷାକ୍ତ ଖାଦ୍ୟ, ରୋଗ ନା ଅନ୍ୟ କିଛି? ଏବେ ପରୀକ୍ଷା ରିପୋର୍ଟ ଉପରେ ସମସ୍ତଙ୍କ ନଜର ରହିଛି ।

# ରୋଗପୋକ ଦମନରେ କାମ କରୁନି କୀଟନାଶକ
# ଚାଷଜମି ପ୍ରଭାବିତ, ଚିନ୍ତାରେ ଚାଷୀ

କୋକସରା,(ସବ୍ୟୁ): କେତେବେଳେ ଅନାବୃଷ୍ଟି ତ ଆଉ କେତେବେଳେ ଲଘୁଚାପ ବର୍ଷା ଓ ବନ୍ୟା, ଚାଷିଙ୍କ ସୁନାର ଫସଲକୁ ନଷ୍ଟ କରିଥିବା ବେଳେ ଏବେ ଚାଷିଙ୍କ ସମସ୍ୟା ଦ୍ୱିଗୁଣିତ କରିଛି ରୋଗପୋକ । କୋକସରା ବ୍ଲକର ୨୨ ପଞ୍ଚାୟତରେ ଏବେ ଧାନ ଗର୍ଭଣା ସମୟରେ ବିଭିନ୍ନ ପ୍ରକାରର ରୋଗ ପୋକ ବ୍ୟାପକ ଭାବେ ଧାନ ଚାଷରେ ଲାଗିଛି । କୃଷି କର୍ମଚାରୀଙ୍କ ପରାମର୍ଶ ନେଇ ରୋଗ ପୋକ ଦମନ ପାଇଁ ଆଣୁଥିବା କୀଟନାଶକ ଔଷଧ ଯେତେ ଛିଞ୍ଚିଲେ ମଧ୍ୟ କାଟୁ କରୁନଥିବା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି । କୃଷି ବିଭାଗ ଠାରୁ ମିଳିଥିବା ସୂଚନା ଅନୁସାରେ ଚଳିତ ବର୍ଷ କୋକସରା ବ୍ଲକରେ ୧୯,୨୪୦ ହେକ୍ଟର ଚାଷଜମିରେ ଖରିଫ ଧାନଚାଷ କରାଯାଇଛି। ଚାଷି ଚାଷ କାର୍ଯ୍ୟ ପାଇଁ ବିଭିନ୍ନ ବ୍ୟାଙ୍କ, କୃଷି ସମବାୟ ସମିତି, ଫାଇନାନ୍ସ କମ୍ପାନୀ, ମହାଜନୀ ଋଣ ନେଇ ଚାଷ କରିଛନ୍ତି । କିନ୍ତୁ କାଣ୍ଡବିନ୍ଧା, ମହିଷା, ବିପିଏଚ ଭଳି ରୋଗ ପୋକ ଏବେ ଚାଷିଙ୍କ ସୁନାର ଫସଲକୁ ନଷ୍ଟ କରିଦେଉଥିବା ନେଇ ଚାଷି ଅତୁଲ୍ୟ ପ୍ରଧାନୀ, ଭାରତ ଭୂଷଣ ପ୍ରଧାନୀ, ହୃଷିକେଶ ରାଉତ, ପଙ୍କଜ ପଟ୍ଟନାୟକ, ମୁରଲୀ ପଟ୍ଟନାୟକ, ନାରାୟଣ ପଟ୍ଟନାୟକ, ବିନୋଦ ରାଉତ, ଲକ୍ଷ୍ମୀ ନାରାୟଣ ପ୍ରଧାନୀ, ତ୍ରିମୋହନ ନାଏକ, ଉଚ୍ଛବ ନାଏକ ପ୍ରମୁଖ ଚାଷି ମାନେ ଅଭିଯୋଗ କରିଛନ୍ତି । କୃଷି ବିଭାଗ ପକ୍ଷରୁ ଚାଷିଙ୍କ ରୋଗପୋକ ପରିଚାଳନା ନେଇ ସଠିକ ତଥ୍ୟ ମିଳୁନଥବା ସହ ବଜାରରେ ବିକ୍ରି ହେଉଥିବା ବିଭିନ୍ନ କମ୍ପାନୀର ଦାମୀ ଔଷଧ ମଧ୍ୟ ରୋଗ ପୋକ ଦମନରେ କାମ କରୁନଥିବା ଅଭିଯୋଗ କରିଛନ୍ତି । ରୋଗ ପୋକ ନିୟନ୍ତ୍ରଣ ପାଇଁ ମିଳୁଥିବା କୀଟନାଶକ ସମ୍ପର୍କରେ କୋକସରା ବ୍ଲକ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝୀଙ୍କ ପ୍ରତିକ୍ରିୟା ନେବାରୁ ଧାନଚାଷ ପାଇଁ ଅନୁକୂଳ ପାଗ ସୃଷ୍ଟି ହୋଇ ପାରୁନାହିଁ, ଅନିୟନ୍ତ୍ରିତ ଜଳବାୟୁ ପରିବର୍ତ୍ତନ ପାଇଁ କୀଟନାଶକ ସିଞ୍ଚନ କଲେ ମଧ୍ୟ କିଛି ମାତ୍ରାରେ ରୋଗପୋକ ନିୟନ୍ତ୍ରଣ ସମସ୍ୟା ରହୁଛି, ଚାଷୀ ମାନେ କୃଷି କର୍ମଚାରୀଙ୍କ ସୂଚନା ମତେ ସଠିକ ମାତ୍ରାରେ କୀଟନାଶକ ପ୍ରୟୋଗ କଲେ ରୋଗ ପୋକ ନିୟନ୍ତ୍ରିତ ହେବ ବୋଲି କହିଛନ୍ତି ।


## ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ

### ନିବେଦନ

- ଆଗାମୀ ଦିନରେ ଏକ ଆଦର୍ଶ, ସୁସ୍ଥ ଏବଂ ସୌନ୍ଦର୍ଯ୍ୟମୟ ଆଧୁନିକ ସହର ଗଠନ ନିମନ୍ତେ ପ୍ରୟାସ ଜାରି ରଖିବାକୁ ସଂକଳ୍ପ ନେଇ ଏହି ପୌରପରିଷଦ ନିମ୍ନୋକ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ନିମନ୍ତେ ପ୍ରଚେଷ୍ଟାରତ ।

୧. ପୌର ସମ୍ପତ୍ତି ଆପଣମାନଙ୍କର ସମ୍ପତ୍ତି । ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣଙ୍କର ।
୨. ସର୍ବସାଧାରଣ ରାସ୍ତା ଓ ଡ୍ରେନ୍‌ରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ।
୩. ସରକାରୀ ଜମି କିମ୍ବା ରାସ୍ତା ଅବରୋଧ କରି ସର୍ବସାଧାରଣ ଯାତାୟାତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ । ଜଳ ନିଷ୍କାସନ ପଥ ଅବରୋଧ କରନ୍ତୁ ନାହିଁ ।
୪. କର୍ତ୍ତବ୍ୟରତ ପୌର କର୍ମଚାରୀମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ପାଳନରେ ସହଯୋଗ କରନ୍ତୁ ।
୫. ସର୍ବସାଧାରଣ ରାସ୍ତାଘାଟରେ ଗୃହପାଳିତ ପଶୁମାନଙ୍କୁ ଛାଡ଼ି ଜନସାଧାରଣଙ୍କ ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି କରନ୍ତୁ ନାହିଁ ।
୬. ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନକରି ପ୍ରଦୂଷଣ ମୁକ୍ତ ସହରାଞ୍ଚଳ ଗଠନରେ ସହାୟକ ହୁଅନ୍ତୁ ।
୭. ନିୟମିତ କର ଦେଇ ପୌରପରିଷଦର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।
୮. ପ୍ରତିବର୍ଷ ଏପ୍ରିଲ ଓ ମେ ମାସରେ ଘର ଟିକସ ପୈଠ କରି ରିହାତିର ସୁଯୋଗ ନିଅନ୍ତୁ ।
୯. ପୌରାଞ୍ଚଳରେ ଗୃହ ନିର୍ମାଣ କରିବା ପୂର୍ବରୁ ପୌରସଂସ୍ଥାରୁ ଗୃହ ନକ୍ସାକୁ ଅନୁମୋଦନ କରାଇ ନିଅନ୍ତୁ ।
୧୦. ଖୋଲା ସ୍ଥାନରେ ମଳତ୍ୟାଗ ନକରି ନିଜସ୍ୱ ପାଇଖାନା, ଗୋଷ୍ଠୀ ପାଇଖାନା କିମ୍ବା ସର୍ବସାଧାରଣ ପାଇଖାନା ବ୍ୟବହାର କରନ୍ତୁ ।
୧୧. ପୌରସଂସ୍ଥାର ନାଳରେ ଗୃହର ପାଇଖାନା ମଇଳା ପାଣି ନଛାଡ଼ି ପୌରପାଳିକାର ସେସ୍‌ପୁଲ ମେସିନ ମାଧ୍ୟମରେ ନିଷ୍କାସିତ କରନ୍ତୁ ।
୧୨. ପୌରାଞ୍ଚଳ ମଧ୍ୟରେ ଗୃହ ନିର୍ମାଣ କରିବା ପରେ ନିଜର ଗୃହକୁ ପୌର କାର୍ଯ୍ୟାଳୟରେ ମୂଲ୍ୟାଙ୍କନ କରାଇ ହୋଲ୍ଡିଂ ଟ୍ୟାକ୍ସରେ ଅର୍ନ୍ତଭୁକ୍ତ କରାନ୍ତୁ ।
୧୩. ପୌରାଞ୍ଚଳ ମଧ୍ୟରେ ଥିବା ସମସ୍ତ ବ୍ୟବସାୟୀ ଓ ବେସରକାରୀ ପ୍ରତିଷ୍ଠାନ ଗୁଡ଼ିକ ସେମାନଙ୍କର ବ୍ୟବସାୟର ଟ୍ରେଡ ଲାଇସେନ୍ସ ପୌର କାର୍ଯ୍ୟାଳୟରେ କରାଇ ନିଅନ୍ତୁ ।
୧୪. ରାଜ୍ୟ ସରକାରଙ୍କ କଠିନ ବର୍ଜ୍ୟବସ୍ତୁ ସୁପରିଚାଳନା, ୨୦୧୬ ନିୟମ ଅନୁଯାୟୀ ସମସ୍ତେ ନିଜ ନିଜର ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁ ପାଇଁ ପୃଥକ ପୃଥକ ଭାବରେ (ସବୁଜ- ଓଦା ବର୍ଜ୍ୟବସ୍ତୁ ଓ ନୀଳ-ଶୁଖିଲା ବର୍ଜ୍ୟବସ୍ତୁ ଦୁଇ ଗୋଟି ଡଷ୍ଟବିନ ରଖି ପ୍ରତିଦିନ ନିଜନିଜର ଘରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ଡଷ୍ଟବିନରେ ରଖି ପୌରସଂସ୍ଥାକୁ ହସ୍ତାନ୍ତର କରନ୍ତୁ ଏବଂ ଏଥି ସହିତ ଢେଙ୍କାନାଳ ସହରକୁ ଏକ ସଚ୍ଛ ଓ ସୁନ୍ଦର ସହର ଭାବେ ଗଢି ତୋଳିବାରେ ସହଯୋଗ କରନ୍ତୁ ।
୧୫. ପୌରାଞ୍ଚଳ ମଧ୍ୟରେ ଥିବା ସରକାରୀ ଜମିକୁ ଜବରଦଖଲ କରନ୍ତୁ ନାହିଁ ।
୧୬. କୌଣସି ନିର୍ମାଣ କାର୍ଯ୍ୟ ବେଆଇନ ଭାବେ କରନ୍ତୁ ନାହିଁ ।

''ଆସନ୍ତୁ ଢେଙ୍କାନାଳ ସହରକୁ ପଲିଥିନ ମୁକ୍ତ କରିବା ସହିତ ସ୍ୱଚ୍ଛ, ସୁସ୍ଥ ଓ ସବୁଜ କରି ଗଢ଼ି ତୋଳି ଦୃଢ଼ ପ୍ରଗତି ପଥରେ ଆଗେଇ ନେବା''

ଆପଣଙ୍କ ସେବାରେ ଢେଙ୍କାନାଳ ପୌରପାଳିକା

ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ଦାସ, ଓ.ପ୍ର.ସେ., ନିର୍ବାହୀ ଅଧିକାରୀ, ଢେଙ୍କାନାଳ ପୌରପାଳିକା
ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର କୁଅଁର, ଉପାଧ୍ୟକ୍ଷ, ଢେଙ୍କାନାଳ ପୌରପାଳିକା
ଶ୍ରୀମତୀ ଜୟନ୍ତୀ ପାତ୍ର, ଅଧ୍ୟକ୍ଷା, ଢେଙ୍କାନାଳ ପୌରପାଳିକା


# ଡାକ୍ତରଙ୍କ ଦୁର୍ବ୍ୟବହାର ଅଭିଯୋଗ
# ବଦଳି ଦାବିରେ ଧାରଣା ସାମିଲ ହେଲେ ବିଧାୟିକା



ପଦ୍ମପୁର,(ସବ୍ୟୁ) : ପଦ୍ମପୁର ଉପଖଣ୍ଡ ପାଇକମାଳ ଚିକିତ୍ସାଳୟରେ ଡାକ୍ତରଙ୍କ ଅନିୟମିତ ଉପସ୍ଥାନ ଓ ଦୁର୍ବ୍ୟବହାର ଅଭିଯୋଗକୁ ନେଇ ମଙ୍ଗଳବାର ଉତ୍ତେଜନା ପ୍ରକାଶ ପାଇଥିଲା। ଡାକ୍ତର ଅଙ୍କିତ ସାଗରଙ୍କ ବଦଳି ଦାବିରେ ପାଇକମାଳବାସୀ ଚିକିତ୍ସାଳୟ ସମ୍ମୁଖରେ ଧାରଣା ଦେଇଥିବା ବେଳେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମଧ୍ୟ ଧାରଣାସ୍ଥଳରେ ବସିଥିଲେ । ମଙ୍ଗଳବାର ବିଳମ୍ବରେ ଚିକିତ୍ସାଳୟକୁ ଆସିଥିବା ଡାକ୍ତର ଅଙ୍କିତ ସାଗରଙ୍କୁ ପାଇକମାଳ ବେପାରୀ ସଂଘ ସଭାପତି କୁନ୍ଦନ ପ୍ରଧାନଙ୍କ ସମେତ କିଛି ବ୍ୟକ୍ତି ବିଳମ୍ବରେ ଆସିବାର କାରଣ ପଚାରିଥିଲେ । ଏହାକୁ ନେଇ ଡାକ୍ତର ଉତ୍ତେଜିତ ହୋଇ ଚେୟାର ଓ ରେଜିଷ୍ଟର ଫିଙ୍ଗିଥିବା ନେଇ ଅଭିଯୋଗ ହୋଇଛି । ଘଟଣା ସମ୍ପର୍କରେ କୁନ୍ଦନ ପ୍ରଧାନ ପାଇକମାଳବାସୀଙ୍କୁ ଜଣାଇବା ପରେ ଚିକିତ୍ସାଳୟ ସମ୍ମୁଖରେ ବହୁ ଲୋକ ଏକତ୍ରିତ ହୋଇଥିଲେ । ଡାକ୍ତରଙ୍କ ବଦଳି ଦାବିରେ ସେମାନେ ଧାରଣା ଆରମ୍ଭ କରିଥିଲେ । ଧାରଣାରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପାଇକମାଳ ବ୍ଲକ ଅଧ୍ୟକ୍ଷା ଭାବନା ସିଂ, ଗୌତମ ସିଂ, ହୃଦାନନ୍ଦ ବାରିକ, ମହେନ୍ଦ୍ର ଖୁଣ୍ଟିଆ, ମୁଜାଫର୍ ହୁସେନ, ଆକାଶ ପାଣିଗ୍ରାହୀ, ରୋଶନ ପାଣିଗ୍ରାହୀ, ଟିନୁ ପୁରୋହିତ, ଗୁଣନିଧି ନାଗ, ନୀଳମଣି ପଣ୍ଡା, ଯୁଗଳ କିଶୋର ମେହେର, ଯୋଗେଶ ଅଗ୍ରୱାଲ ଓ ବାବୁଲୁ ନାୟକଙ୍କ ସମେତ ବହୁ ଅଞ୍ଚଳବାସୀ ସାମିଲ ହୋଇଥିଲେ । ଖବର ପାଇ ପଦ୍ମପୁର ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ଆଶୁତୋଷ ହୋତା ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ଆଲୋଚନାରେ ଡାକ୍ତରମାନେ ନିର୍ଦ୍ଧାରିତ ସମୟରେ ବାୟୋମେଟ୍ରିକ ଆଟେଣ୍ଡାନ୍ସ ଦେବା, ଡ୍ୟୁଟି ତାଲିକା ପ୍ରସ୍ତୁତ କରି ୨୪ ଘଣ୍ଟିଆ ଚିକିତ୍ସାସେବା ସୁନିଶ୍ଚିତ କରିବା ନେଇ ଆଶ୍ୱାସନ ଦିଆଯାଇଥିଲା । ଏଥିସହ ଡାକ୍ତର ଅଙ୍କିତ ସାଗରଙ୍କ ବଦଳି ପାଇଁ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ଉପଖଣ୍ଡ ଚିକିତ୍ସା ଅଧିକାରୀ କହିଥିଲେ । ପ୍ରଶାସନର ଏହି ପ୍ରତିଶ୍ରୁତି ପରେ ଆନ୍ଦୋଳନକାରୀମାନେ ଧାରଣାରୁ ଓହରିଥିଲେ ।

# ୧୯ରେ ମା' ଡୋକରୀଙ୍କ ଛତର ଯାତ୍ରା

ମ,ରାମପୁର,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ମ.ରାମପୁରର ଇଷ୍ଟ ଦେବୀ ମା ଡୋକରୀଙ୍କ ଛତର ଯାତ୍ରା ଆସନ୍ତା ୧୯ ତାରିଖ ନବମୀ ତିଥି ଦିନ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ସେବକ ସୂଚନା ଦେଇଛନ୍ତି । ଏମ.ରାମପୁର ରାଜବାଟିରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମା ଡୋକରୀ ପରିଚାଳନା କମିଟିର ସଭାପତି ତଥା ମୁଖ୍ୟ ସେବକ, ରାଜା ବୁଧେନ୍ଦ୍ର ପ୍ରତାପ ସିଂହ ଦେଓ, ସମ୍ପାଦକ ଯଶୋବନ୍ତ ସିଂହଦେଓ ସୂଚନା ପ୍ରଦାନ କରିଛନ୍ତି । ଚଳିତ ବର୍ଷ ମୁଖ୍ୟ ସେବକ ଭାବେ ଦାୟିତ୍ୱ ନେବା ପରେ ପ୍ରଥମ ଥର ପାଇଁ ଏହି ଛତର ଯାତ୍ରାର ଆୟୋଜନ କରା ଯାଇଛି। ଜେନା ବୁଢା ମନ୍ଦିରରୁ ସକାଳ ୮ଘଣ୍ଟା ସମୟରେ ଏହି ଛତର ଯାତ୍ରା ଆରମ୍ଭ ହୋଇ ବିଭିନ୍ନ ଛକରେ ଶ୍ରଦ୍ଧାଳୁ, ଭକ୍ତଙ୍କ ଦାରା ସ୍ୱାଗତ ସମ୍ବର୍ଦ୍ଧନା ସହ ବିଭିନ୍ନ ଲୋକ ନୃତ୍ୟ, ଲୋକ ବାଦ୍ୟର ସମାହାରରେ ଏକ ବିରାଟ ଶୋଭାଯାତ୍ରା କରି ମା ଙ୍କ ବିଜୟ ଛତରକୁ ମା ଡୋକରୀ ମନ୍ଦିରକୁ ଅଣା ଯିବ । ଏହି ଶୋଭାଯାତ୍ରା ସମୟରେ କେହି ଭକ୍ତ ମାଁ ଙ୍କ ଉଦ୍ଦେଶ୍ୟରେ ରାଜ ରାସ୍ତାରେ ବଳୀ ନ ଦେବାକୁ ଅନୁରୋଧ କରାଯାଇଛି । ଯଦି କେହି ମା ଙ୍କ ଉଦ୍ଦେଶ୍ୟରେ ବଳୀ ଦେବାକୁ ଚାହାନ୍ତି, ମୁଖ୍ୟ ମନ୍ଦିର ବାହାରେ ଦେଇ ପାରିବେ ବୋଲି ସୂଚନା ମିଳିଛି । ଏହି ଅବସରରେ ଆୟୋଜିତ ସର୍ବସାଧାରଣ ବୈଠକ ମଧ୍ୟ ରାଧାକୃଷ୍ଣ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ଏଥର ପ୍ରତିଟି ପଡାରୁ ଭକ୍ତ ମାନେ ଘଣ୍ଟ, ଘୁମୁରା ଓ ଅନ୍ୟାନ୍ୟ ସାଂସ୍କୃତିକ ଦଳର ଯୋଗ ଦାନ ରେ ମହା ଆଡମ୍ବରରେ ପାଳିତ ହେବ ବୋଲି ଜଣା ଯାଇଛି । ଏହି ଛତର ଯାତ୍ରା ଭକ୍ତି ଓ ଭାବ ର ଉତ୍ସବ ହେଉ ଥିବାରୁ ଅଞ୍ଚଳବାସୀ ବହୁ ମାତ୍ରା ରେ ଉତ୍ସାହିତ ଥିବା ସହ ମାଆଙ୍କ ଦର୍ଶନ ସହ ମାଆଙ୍କ ଆର୍ଶିର୍ବାଦ ଲାଭ କରନ୍ତୁ ବୋଲି ସମ୍ପାଦକ ଶ୍ରୀ ସିଂହଦେଓ ପ୍ରକାଶ କରିଛନ୍ତି ।


## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ
(ଶିଳ୍ପ ସମ୍ପର୍କିତ ପ୍ରକଳ୍ପ)

24001/494/2627

## ଅଧିସୂଚନା

ନମ୍ବର ୧୪୦୪୧ — ତାରିଖ : ୦୯.୦୯.୨୦୨୬

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଢେଙ୍କାନାଳ ଜିଲ୍ଲାର ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡ ଦ୍ୱାରା ଶିଳ୍ପ ପ୍ରତିଷ୍ଠା (ପ୍ଲାଣ୍ଟକୁ ବାହ୍ୟ ରେଳ ସଂଯୋଗ ) ନିର୍ମାଣ ନିମନ୍ତେ ମୌଜା-**ନୟାଭାଗିରଥିପୁର ପଶ୍ଚିମବାଡ**, ଥାନା-ମୋଟଙ୍ଗା ନଂ- ୪୧, ତହସିଲ - ଓଡାପଡା, ଜିଲ୍ଲା- ଢେଙ୍କାନାଳରେ ନିମ୍ନ ତଫସିଲ ମତେ ପ୍ରାୟ **ଏ: ୧.୪୮୦** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସଚ୍ଛତା ଆଇନ ୨୦୧୩ ର ଧାରା ୧୧(୧) ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ :- **ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡ ଦ୍ୱାରା ଶିଳ୍ପ ପ୍ରତିଷ୍ଠା (ପ୍ଲାଣ୍ଟକୁ ବାହ୍ୟ ରେଳ ସଂଯୋଗ)**
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ :- **ଜମି ମୁଖ୍ୟ ଜେନେରାଲ ମ୍ୟାନେଜର**
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ :-
For external rail connectivity (Railway Corridor) to the plant of Rungta Mines Limited, Dhenkanal Steel plant, Dhenkanal, **ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡ ଦ୍ୱାରା ଶିଳ୍ପ ପ୍ରତିଷ୍ଠା (ପ୍ଲାଣ୍ଟକୁ ବାହ୍ୟ ରେଳ ସଂଯୋଗ)**
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ :- **ଏଥି ସହିତ ସଂଲଗ୍ନ କରାଯାଇଛି**
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : **ଉପ ଜିଲ୍ଲାପାଳ, ଢେଙ୍କାନାଳ**
୬. ଜମିର ବିବରଣୀ :- **ଏଥି ସହିତ ସଂଲଗ୍ନ କରାଯାଇଛି**

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, **ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡ ଦ୍ୱାରା ଶିଳ୍ପ ପ୍ରତିଷ୍ଠା (ପ୍ଲାଣ୍ଟକୁ ବାହ୍ୟ ରେଳ ସଂଯୋଗ)**, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଢେଙ୍କାନାଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସତ୍ତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ **ଢେଙ୍କାନାଳ** ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
**ଆଶିଷ ପାଟିଲ, ଜିଲ୍ଲାପାଳ, ଢେଙ୍କାନାଳ**

**ମୌଜା- ନୟାଭାଗିରଥିପୁର ପଶ୍ଚିମବାଡ଼**
**ଥାନା: ମୋଟଙ୍ଗା- ୪୧, ତହସିଲ- ଓଡ଼ାପଡ଼ା, ଜିଲ୍ଲା- ଢେଙ୍କାନାଳ, ମୋଟ ରକବା- ଏ.୧.୬୪୦**

| କ୍ରମିକ ସଂଖ୍ୟା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜିତ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧. | ଶାଇଶସ୍ତ୍ର ଇନ୍‌ଫ୍ରାଷ୍ଟ୍ରକଚର ତରଫ ମ୍ୟାନେଜିଙ୍ଗ ଡାଇରେକ୍ଟର, ବାଂ ପତଳା, ବଳରାପ୍ରସାଦ, ପୋ- ବଳରାପ୍ରସାଦ, ଥା- ମୋଟଙ୍ଗା, ଜି- ଢେଙ୍କାନାଳ । | ୧୩୬/ ୨୬୪ | ୫୬୪ (ସ୍ଥ) | ଶାରଦ-୩ | ୦.୧୯୦ | ୦.୦୧୦ | |
| ୨. | | | ୫୯୯ (ସ୍ଥ) | ଶାରଦ-୩ | ୦.୧୦୦ | ୦.୦୭୦ | |
| ୩. | | | ୫୯୭ (ସ୍ଥ) | ଶାରଦ-୨ | ୦.୧୮୦ | ୦.୦୫୦ | |
| ୪. | | | ୫୯୮ (ସ୍ଥ) | ଶାରଦ-୨ | ୦.୩୮୦ | ୦.୦୯୦ | |
| ୫. | | | ୬୦୧ (ସ୍ଥ) | ଶାରଦ-୨ | ୧.୨୫୦ | ୦.୬୭୦ | |
| ୬. | ଗିରିଶ ରାଉତ ପି: ବୁଧିଆ ରାଉତ, ଜା: ଗୋପାଳ, ବା: ନିଜଗାଁ । | ୧୨୬ | ୬୦୦ (ସ୍ଥ) | ଶାରଦ-୨ | ୦.୧୪୦ | ୦.୧୦୦ | |
| ୭. | | | ୫୯୫ (ସ୍ଥ) | ଶାରଦ-୧ | ୦.୬୨୦ | ୦.୦୪୦ | ଜବର ଦଖଲ- ହରିବନ୍ଧୁ ତ୍ରିପାଠୀ, ବାଳକୃଷ୍ଣ ତ୍ରିପାଠୀ, ପି- ଦୟାନିଧି ତ୍ରିପାଠୀ ଜା- ବ୍ରାହ୍ମଣ, ବା- ନିଜଗାଁ |
| ୮ | | | ୫୯୬ (ସ୍ଥ) | ଶାରଦ-୧ | ୦.୨୫୦ | ୦.୦୮୦ | ଜବର ଦଖଲ- ଭାଗବାନ ତ୍ରିପାଠୀ ପି- ବୃନ୍ଦାବନ ତ୍ରିପାଠୀ ଜା- ବ୍ରାହ୍ମଣ, ବା- ନିଜଗାଁ |
| ୯. | ଲକ୍ଷ୍ମୀ ଦେବୀ, ସ୍ୱା: ନରେନ୍ଦ୍ର ସିଂହ, ଜା: ରାଜପୁତ ବା: ହିଲ୍‌ଭ୍ୟୁ କଲୋନୀ, ଥାନା- ଏମ୍‌ଜିଏମ୍ ମ୍ୟାଙ୍ଗୋ, ଜିଲ୍ଲା- ସିଂହଭୂମି, ଜାମସେଦପୁର, ରାଜ୍ୟ- ଝାଡ଼ଖଣ୍ଡ | ୧୩୬/୧୨୭ | ୫୬୬ (ସ୍ଥ) | ତଇଳା-୨ | ୦.୩୧୦ | ୦.୧୦୦ | |
| ୧୦. | ଅଜିତ କୁମାର ନାଏକ, ପି- ଅରକ୍ଷିତ ନାଏକ, ଜା- ପାଣ, ବା: ସା/ପୋ- ଧଳପୁର, ଥା- ମୋଟଙ୍ଗା, ଜି- ଢେଙ୍କାନାଳ । | ୧୩୬/୨୬୦ | ୫୯୭/ ୧୦୫୭ (ସ୍ଥ) | ଶାରଦ-୨ | ୦.୬୧୦ | ୦.୪୩୦ | |
| | | | | | ମୋଟ | ୧.୬୪୦ | |

ସ୍ୱା /- ଅମିନ, ଓଡ଼ାପଡ଼ା ତହସିଲ
ସ୍ୱା /- ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ, ଓଡ଼ାପଡ଼ା
ସ୍ୱା /- ଜିଲ୍ଲାପାଳ, ଢେଙ୍କାନାଳ

OIPR : 24001/24034/3/26-27/0010


# ସମ୍ବଲପୁର-କଟକ ଜାତୀୟ ରାଜପଥ ସମ୍ପ୍ରସାରଣକୁ ଧର୍ମେନ୍ଦ୍ରଙ୍କ ଦାବି



ସମ୍ବଲପୁର,(ସବ୍ୟୁ) : ସମ୍ବଲପୁର-କଟକକୁ ଯୋଡୁଥିବା ୫୫ନମ୍ବର ଜାତୀୟ ରାଜପଥ ଓଡ଼ିଶାର ଅର୍ଥନୀତିର ଲାଇଫ୍ ଲାଇନ୍ ପାଲଟିଛି । ଏହା ମୋଟ ୨୬୫ କି.ମି ବିଶିଷ୍ଟ ଅଟେ । ଏହି ରାସ୍ତା ସମ୍ବଲପୁରର ମାନେଶ୍ୱର ଠାରୁ ଆରମ୍ଭ ହୋଇ ରେଢାଖୋଲ, ବଇଣ୍ଡା, ଅନୁଗୋଳ, ଢେଙ୍କାନାଳ ଦେଇ କଟକ ଜିଲ୍ଲାକୁ ଯୋଡୁଛି। ୨୦୧୭-୧୮ରେ ଆରମ୍ଭ ହୋଇଥିବା ୪-ଲେନ୍ କାମ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ପାରିନାହିଁ । ପ୍ରାୟ ୪୪୯୦ କୋଟି ଟଙ୍କା ବ୍ୟୟରେ ହେଉଥିବା ଏହି ପ୍ରକଳ୍ପ ୩ ବର୍ଷରୁ ଅଧିକ ବିଳମ୍ବରେ ଚାଲିଛି । ଫଳରେ ଏହି ରାସ୍ତା ଏବେ 'ମୃତ୍ୟୁର ଫାନ୍ଦ' ପାଲଟିଛି । ଦୈନିକ ହାରାହାରି ୨ ଜଣଙ୍କ ମୃତ୍ୟୁ ଓ ୧୦ରୁ ୧୫ ଜଣ ଆହତ ହେଉଥିବା ଅଭିଯୋଗ ହେଉଛି । ତେବେ ପ୍ରକଳ୍ପ ଶୀଘ୍ର ଶେଷ ସହ ମରଣଯନ୍ତା ପାଲଟିଥିବା ରାଜପଥକୁ ମରାମତି କରିବାକୁ ସାଧାରଣରେ ଦାବି ଦେଉଛି ।

ଏହି ପରିସ୍ଥିତିରେ ୫୫ ନମ୍ବର ଜାତୀୟ ରାଜପଥକୁ ୬-ଲେନ୍ ବିଶିଷ୍ଟ ରାସ୍ତାରେ ପରିଣତ କରିବାକୁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ସମ୍ବଲପୁର ସାଂସଦ ଶ୍ରୀ ପ୍ରଧାନ ପତ୍ର ଲେଖି ଅନୁରୋଧ କରିଛନ୍ତି। ସାଂସଦ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଏହି ରାଜପଥ ସମ୍ବଲପୁର-ଅନୁଗୋଳ-କଟକ କରିଡର ପଶ୍ଚିମ ଓଡିଶାକୁ ରାଜ୍ୟର ପ୍ରମୁଖ ଶିଳ୍ପ, ବାଣିଜ୍ୟକ ଓ ସହରାଞ୍ଚଳ ସହ ଯୋଡୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ରାଜପଥ ଅଟେ । ଯାତ୍ରୀବାହୀ, ମାଲବାହୀ ଓ ଶିଳ୍ପ ସମ୍ବନ୍ଧୀୟ ଯାନବାହାନ ଚଳାଚଳ ବୃଦ୍ଧି ପାଉଥିବାରୁ ବର୍ତ୍ତମାନର ୪-ଲେନ୍ ବିଶିଷ୍ଟ ରାସ୍ତାକୁ ୬-ଲେନ୍‌କୁ ସମ୍ପ୍ରସାରିତ କରିବା ସହ ଉଭୟ ପାର୍ଶ୍ୱରେ ଦୁଇ-ଲେନ୍ ବିଶିଷ୍ଟ ସର୍ଭିସ ରୋଡ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଛନ୍ତି । ଫଳରେ ସ୍ଥାନୀୟ ଲୋକଙ୍କ ଯାତାୟତ ସହଜ ହେବା ସହ ଦୁର୍ଘଟଣା ହ୍ରାସ ପାଇବ।

ଏହି ରାଜପଥର ଅନୁଗୋଳ-ସମ୍ବଲପୁର ସେକ୍ସନରେ ଖଣିଜ ଓ ବାଣିଜ୍ୟକ ଯାନବାହାନ ପ୍ରତ୍ୟହ ଶହଶହ ସଂଖ୍ୟାରେ ଚଳାଚଳ କରୁଛି। ସ୍ଥାନୀୟ ଲୋକେ ଓ ପଦଚାରୀଙ୍କ ପାଇଁ ଏହା ଦୁର୍ଘଟଣାର ଆଶଙ୍କା ବୃଦ୍ଧି କରୁଛି। ସଡକ ସୁରକ୍ଷାକୁ ନଜରରେ ରଖି ପିଆଇୟୁ ସମ୍ବଲପୁର ଦ୍ୱାରା ପ୍ରସ୍ତାବିତ ଜିନ୍ଦଲ ରୋଡ, ଜରପଡା, ଜେରାଙ୍ଗ ଏବଂ ଚାରମାଳ ଠାରେ ୪ଟି ଅଣ୍ଡରପାସ ନିର୍ମାଣ ପାଇଁ ପ୍ରଶାସନିକ ଓ ଆର୍ଥିକ ମଞ୍ଜୁରୀ ପ୍ରଦାନ କରିବାକୁ ପତ୍ରରେ ଉଲ୍ଲେଖ କରାଯାଇଛି । ଏହାବ୍ୟତୀତ ୫୩ନମ୍ବର ଜାତୀୟ ରାଜପଥର ସମ୍ବଲପୁର ସିଟି ରେଳ ଷ୍ଟେସନ ଛକରେ ବିପଦପୂର୍ଣ୍ଣ ଭାବେ ରେଳଯାତ୍ରୀ ମାନେ ରାସ୍ତା ପାର ହେଉଛନ୍ତି । ଏହା ଗମନାଗମନରେ ସମସ୍ୟା ସୃଷ୍ଟି କରୁଥିବା ବେଳେ ବ୍ଲାକ ସ୍ପଟ୍ ଭାବେ ଚିହ୍ନଟ କରାଯାଇଛି । ତେବେ ନିରାପଦ ଯାତାୟତ ପାଇଁ ଏକ ଫ୍ଲାଏଓଭର ନିର୍ମାଣ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି । ଏହାଦ୍ୱାରା ପୂର୍ବ ଓ ପଶ୍ଚିମ ଓଡିଶା ମଧ୍ୟରେ ଯାତାୟତ ଏବଂ ଶିଳ୍ପ କରିଡରର ଅଭିବୃଦ୍ଧି ଅଧିକ ସହଜସାଧ୍ୟ ହୋଇପାରିବ ।

## ସମ୍ପାଦକୀୟ

# ବିବାଦ ଘେରରେ ମୁଖ୍ୟ ନିର୍ବାଚନ ଆୟୁକ୍ତ

ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍.ଆଇ.ଆର)କୁ ନେଇ ଏବେ ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଓ ବିରୋଧୀ ଇଣ୍ଡିମେଣ୍ଟକୁ ନେଇ ବିବାଦ ଘନେଇଥିବା ବେଳେ, ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶକୁମାରଙ୍କୁ ନିଲମ୍ବନ କରାଯିବାକୁ ଦାବି ସାରା ଭାରତରେ ଜୋର ଧରିଛି । ମାତ୍ର ତାଙ୍କ ବିରୋଧରେ ଅନ୍ତରୀଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯେଉଁ ଦାବି ହୋଇଥିଲା, ତାହାକୁ ସର୍ବୋଚ୍ଚ ଅଦାଲତ ଗ୍ରହଣ କରି ନାହାନ୍ତି । ଉଲ୍ଲେଖନୀୟ ଯେ ଅନ୍ୟ ଦୁଇ ନିର୍ବାଚନ ଆୟୁକ୍ତଙ୍କ ବିନା ସହମତିରେ ଏସ୍.ଆଇ.ଆର କାର୍ଯ୍ୟକାରୀ କରିବାକୁ ମୁଖ୍ୟ ନିର୍ବାଚନ ଆୟୁକ୍ତ ବା କମିଶନର ଜ୍ଞାନେଶକୁମାରଙ୍କୁ ତଥା କେନ୍ଦ୍ର ସରକାରଙ୍କୁ ଏହି ଅଭିଯୋଗ ଉପରେ ସର୍ବୋଚ୍ଚ ଅଦାଲତ ରେକର୍ଡ ଦେବାକୁ ନୋଟିସ ଜାରି କରିଛନ୍ତି । ଏହି ନୋଟିସରେ ଉଲ୍ଲେଖ କରାଯାଇଛି ଯେ ଏସ୍.ଆଇ.ଆର କାର୍ଯ୍ୟକାରୀ କରାଯିବା ସମେତ ଫର୍ମ ୬ରେ ଅଭିଯୋଗ ହୋଇଥିବା ପରିବର୍ତ୍ତନ ସଂକ୍ରାନ୍ତୀୟ ନିଷ୍ପତ୍ତିର ରେକର୍ଡ କୋର୍ଟରେ ଦାଖଲ କରାଯିବ ।

ପୂର୍ବରୁ ଏ ସଂକ୍ରାନ୍ତରେ ଅନ୍ୟ ଦୁଇ ନିର୍ବାଚନ ଆୟୁକ୍ତ, ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଏହି ଏକଚାଟିଆ କାରବାର ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ କ୍ୟାବିନେଟ ସଚିବଙ୍କୁ ଜଣାଇ ଥିଲେ । ଅନେକ କ୍ଷେତ୍ରରେ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ସହିତ ନିର୍ବାଚନ ଆୟୁକ୍ତଙ୍କର ମତ ମିଳୁ ନଥିଲା ବୋଲି ଉଭୟ ଆୟୁକ୍ତ ସୁଖବୀର ସିଂ ସାନ୍ଧୁ ଓ ବିବେକ ଯୋଶୀ କ୍ୟାବିନେଟ ସଚିବଙ୍କୁ ଅବଗତ କରାଇଥିଲେ । ଏହି ଘଟଣାଟି ଇଂରାଜୀ ଦୈନିକ 'ଇଣ୍ଡିଆନ ଏକ୍ସପ୍ରେସ'ରେ ପ୍ରକାଶ ପାଇଲା ପରେ ଏ ନେଇ ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା । ଏପରିକି ସର୍ବୋଚ୍ଚ ଅଦାଲତରେ ଏ ନେଇ ଅଭିଯୋଗ ମଧ୍ୟ ହୋଇଥିଲା ।

**ଆଶ୍ଚର୍ଯ୍ୟର କଥା ଯେ ଦୁଇ ବା ତିନି ବର୍ଷ ମଧ୍ୟରେ ଯେକୌଣସି ଅଧିକାରୀ ବା କର୍ମଚାରୀଙ୍କ ବିରୋଧରେ ଦୁର୍ନୀତିର ଅଭିଯୋଗ ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା । ମାତ୍ର ଦୀର୍ଘ କୋଡିଏ ବର୍ଷ ପରେ ଜଣେ ପଦସ୍ଥ ଅଧିକାରୀଙ୍କ ବିରୋଧରେ ଦୁର୍ନୀତିକୁ ନେଇ ତଦନ୍ତ କରାଯିବା କେତେଦୂର ସମୀଚୀନ ? ଏହି ଘଟଣା ହିଁ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି ।**

ଏହାପରେ ସର୍ବୋଚ୍ଚ ଅଦାଲତ ବା ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ତା ୦୫/୧୦/୨୦୨୬ରେ ସେ ସଂକ୍ରାନ୍ତୀୟ ମାମଲାର ଶୁଣାଣୀ ସମୟରେ ସମସ୍ତ ରେକର୍ଡ କୋର୍ଟରେ ଦାଖଲ ପାଇଁ କେନ୍ଦ୍ର ସରକାର ଓ ନିର୍ବାଚନ ଆୟୋଗଙ୍କୁ ନୋଟିସ ଜାରି କରିଛନ୍ତି । ସମ୍ବାଦପତ୍ରରେ ପ୍ରକାଶିତ ରିପୋର୍ଟ ବା ଅନ୍ୟାନ୍ୟ ଅଭିଯୋଗ ଉପରେ ସର୍ବୋଚ୍ଚ ଅଦାଲତ, ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ନିଲମ୍ବନ ସଂକ୍ରାନ୍ତରେ କୌଣସି ପଦକ୍ଷେପ ଗ୍ରହଣ କରି ପାରିବେ ନାହିଁ ବୋଲି ସେମାନଙ୍କ ରାୟରେ ସ୍ପଷ୍ଟ କରି ଦେଇଛନ୍ତି । ମାତ୍ର କେନ୍ଦ୍ର ସରକାର ବା ନିର୍ବାଚନ ଆୟୁକ୍ତ କେବେ ତାଙ୍କର ରେକର୍ଡ ଦାଖଲ କରିବେ ସେ ସଂକ୍ରାନ୍ତରେ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରାଯାଇ ନଥିଲା । ଏ ସଂକ୍ରାନ୍ତରେ ସର୍ବୋଚ୍ଚ ଅଦାଲତଙ୍କର ଦୃଷ୍ଟି ମଧ୍ୟ ଆକର୍ଷଣ କରାଯାଇଥିଲା ।

ଅପରପକ୍ଷରେ, ବିବାଦ ଜ୍ଞାନେଶକୁମାରଙ୍କ ପିଛା ଛାଡୁନାହିଁ । କେରଳମର ଗୃହ ବିଭାଗର ମନ୍ତ୍ରୀ ରମେଶ ଚେନିଥାଲା ଗତ ଗୁରୁବାର (ତା ୦୧/୧୦/୨୦୨୬)ରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶକୁମାରଙ୍କ ଦୁର୍ନୀତି ବିରୋଧରେ ପ୍ରାଥମିକ ତଦନ୍ତ ପାଇଁ ଭିଜିଲାନ୍ସ ଓ ଆଣ୍ଟି କରପସନ ବ୍ୟୁରୋଙ୍କୁ ଆଦେଶ ଦେଇଛନ୍ତି । ଉଲ୍ଲେଖନୀୟ ଯେ ଜ୍ଞାନେଶକୁମାର ବିଗତ ୨୦୦୬ରେ ପ୍ରାୟ କୋଡିଏ ବର୍ଷ ତଳେ କେରଳ ରାଜ୍ୟ ପରିବହନ ପ୍ରକଳ୍ପ ଦାୟିତ୍ୱରେ ଥିଲାବେଳେ ମାଲେସିଆର ଜଣେ ସିଭିଲ ଇଞ୍ଜିନିୟର ଆତ୍ମହତ୍ୟା କରିଥିଲେ ଏବଂ କେରଳର ପୂର୍ତ୍ତ ବିଭାଗର ଶାସନ ସଚିବ ଦାୟିତ୍ୱରେ ଥିବା ବେଳେ ସେ ଦୁର୍ନୀତିରେ ଜଡ଼ିତ ଥିଲେ ବୋଲି ତାଙ୍କ ବିରୋଧରେ ଅଭିଯୋଗ ଥିବାରୁ ଏପରି ତଦନ୍ତ ଆଦେଶ ଦିଆଯାଇଥିଲା ।

ଆଶ୍ଚର୍ଯ୍ୟର କଥା ଯେ ଦୁଇ ବା ତିନି ବର୍ଷ ମଧ୍ୟରେ ଯେକୌଣସି ଅଧିକାରୀ ବା କର୍ମଚାରୀଙ୍କ ବିରୋଧରେ ଦୁର୍ନୀତିର ଅଭିଯୋଗ ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା । ମାତ୍ର ଦୀର୍ଘ କୋଡିଏ ବର୍ଷ ପରେ ଜଣେ ପଦସ୍ଥ ଅଧିକାରୀଙ୍କ ବିରୋଧରେ ଦୁର୍ନୀତିକୁ ନେଇ ତଦନ୍ତ କରାଯିବା କେତେଦୂର ସମୀଚୀନ ? ଏହି ଘଟଣା ହିଁ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି ।

ଓଡ଼ିଶାରେ ମଧ୍ୟ ଏହିପରି ଗୋଟିଏ ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ରାଜ୍ୟ ସାଧାରଣ ପ୍ରଶାସନ ବିଭାଗର ଜଣେ ବରିଷ୍ଠ ଅଫିସର ଯିଏ କି ଆଇ.ଏ.ଏସ୍ ଅଧିକାରୀମାନଙ୍କ ନିଯୁକ୍ତି ଓ ବଦଳି ବିଷୟ ବୁଝୁଥିଲେ, ପ୍ରାୟ ପଚିଶ ବର୍ଷ ତଳେ ସେ ଢେଙ୍କାନାଳରେ ଜିଲ୍ଲାପାଳ ଥିଲାବେଳେ ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଅଣାଗଲା । ତାଙ୍କୁ ବର୍ଷକ ପାଇଁ ସଶ୍ରମ ଜେଲ ଦଣ୍ଡ ମଧ୍ୟ କରାଗଲା ତାଙ୍କର ପ୍ରାୟ ୮୨ ବର୍ଷ ବୟସରେ । ସେ ଅସୁସ୍ଥ ମଧ୍ୟ । ଏ କି ପ୍ରକାର ନ୍ୟାୟ ବ୍ୟବସ୍ଥା ?ସର୍ବୋଚ୍ଚ ଅଦାଲତ ମଧ୍ୟ ଏହିପରି ବିଳମ୍ବିତ ମାମଲାଗୁଡ଼ିକ ଲାଗି ନିମ୍ନ ଅଦାଲତ ଉପରେ ଖପ୍ପା । କ'ଣ ଆଉ କରାଯିବ ? କପାଳରେ ସିନା କର ମାରିବା ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଜଟିଳ ସମସ୍ୟାର ସମାଧାନ



**ଶ୍ରୀ ଏମ୍. ଭେଙ୍କେୟା ନାଇଡୁ**

ମୁଁ ସବୁବେଳେ କହିଆସିଛି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ଭାଇ ମୋଦୀ ଜୀ ଏପରି ଜଣେ ବିରଳ ବ୍ୟକ୍ତିତ୍ୱ ଯିଏକି ସର୍ବଦା ଚ୍ୟାଲେଞ୍ଜକୁ ଗ୍ରହଣ କରିବାକୁ ପ୍ରସ୍ତୁତ ରହିଥାନ୍ତି । ସେ ବିଶ୍ୱାସ କରନ୍ତି ଏବଂ ତାଙ୍କ କାର୍ଯ୍ୟ ମାଧ୍ୟମରେ ପ୍ରମାଣିତ କରିଛନ୍ତି ଯେ ସାର୍ବଜନୀନ ଜୀବନରେ ଏପରି କୌଣସି ସମସ୍ୟା ନାହିଁ ଯାହାର ସମାଧାନ ହୋଇପାରିବ ନାହିଁ ।

ମୁଁ ସ୍ପଷ୍ଟ ଭାବରେ ମନେ ରଖିଛି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସ୍ୱାଧୀନତା ଦିବସର ଭାଷଣରେ ଚଳିବ ମନୋଭାବରୁ ବଦଳି ପାରିବ ମନୋଭାବକୁ ରୂପାନ୍ତରିତ କରିବା ବିଷୟରେ କହିଥିଲେ । ଏହା ଜଟିଳ ସମସ୍ୟାର ସମାଧାନ ଦିଗରେ ତାଙ୍କର କାର୍ଯ୍ୟଶୈଳୀର ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ପ୍ରକାଶ କରେ । ସେ ଏସବୁ କ୍ଷେତ୍ରରେ ବୁଝାମଣା କରିବାରେ ବିଶ୍ୱାସ କରନ୍ତି ନାହିଁ । ଏହା ପରିବର୍ତ୍ତେ, ସେମାନେ ଗୋଟିଏ ଥରରେ ଗୋଟିଏ ପଦକ୍ଷେପ ନେଇ କ୍ରମଶଃ ପରିସ୍ଥିତିକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରନ୍ତି ।

ମୁଁ ଶ୍ରୀ ନରେନ୍ଦ୍ର ଭାଇ ମୋଦୀ ଜୀଙ୍କୁ ପ୍ରଥମେ ଦଳୀୟ ସଂଗଠନରେ ଏବଂ ପରେ ସରକାରରେ ଜଣେ ସହଯୋଗୀ ଭାବରେ ଜାଣିଛି । ଆମ ମଧ୍ୟରୁ ଯେଉଁମାନେ ଦଶନ୍ଧି ଧରି ଭାରତୀୟ ଜନତା ପାର୍ଟିରେ କାର୍ଯ୍ୟ କରିଛୁ, ସେମାନଙ୍କ ପାଇଁ ଅନୁଚ୍ଛେଦ ୩୭୦ ଏବଂ ରାମ ଜନ୍ମଭୂମି କେବଳ ସାମୟିକ ରାଜନୈତିକ ଆଗ୍ରହର ବିଷୟ ନଥିଲା । ଏଗୁଡ଼ିକ ଥିଲା ଗଭୀର ବିଶ୍ୱାସର ବିଷୟ, ଯାହାକୁ ଆମେ ଦଶନ୍ଧି ଧରି ଧରି ରଖିଥିଲୁ ଏବଂ ସେଥିପାଇଁ ବଳିଦାନ ମଧ୍ୟ ଦେଇଥିଲୁ । କିନ୍ତୁ ମୁଁ ସ୍ପଷ୍ଟ ଭାବରେ କହିବି ଯେ ଏପରି କିଛି ମୁହୂର୍ତ୍ତ ମଧ୍ୟ ଆସିଥିଲା ଯେତେବେଳେ ଆମର ନିଜସ୍ୱ କର୍ମୀମାନେ ମଧ୍ୟ ଚିନ୍ତା କରୁଥିଲେ ଯେ ସେମାନେ ନିଜ ଜୀବନକାଳ ମଧ୍ୟରେ କେବେ ଏହି ସମସ୍ୟାଗୁଡ଼ିକର ସମାଧାନ ଦେଖିପାରିବେ କି ନାହିଁ । କିନ୍ତୁ ଶ୍ରୀ ନରେନ୍ଦ୍ର ଭାଇ ମୋଦୀ ଜୀ ଏହାକୁ ସମ୍ଭବ କରିଦେଖାଇଲେ ।

ସମ୍ବିଧାନରେ ଏକ 'ଅସ୍ଥାୟୀ ବ୍ୟବସ୍ଥା' ଭାବରେ ବର୍ଣ୍ଣିତ ଅନୁଚ୍ଛେଦ ୩୭୦, ଦୀର୍ଘ ୭ ଦଶନ୍ଧି ଧରି ରାଜନୈତିକ ଦୃଷ୍ଟିକୋଣରୁ ଅସମ୍ଭବ ଏବଂ ସମସ୍ୟାପୂର୍ଣ୍ଣ ବୋଲି ବିବେଚନା କରାଯାଉଥିଲା । ଯେତେବେଳେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ସମ୍ବନ୍ଧୀୟ ଐତିହାସିକ ବିଧେୟକ ପାରିତ ହୋଇଥିଲା, ସେତେବେଳେ ରାଜ୍ୟସଭାରେ ଅଧ୍ୟକ୍ଷତା କରିବାର ବିଶେଷ ସୌଭାଗ୍ୟ ମୋତେ ମିଳିଥିଲା । ରାମ ଜନ୍ମଭୂମିର ଯାତ୍ରା ବହୁତ ଦୀର୍ଘ ଥିଲା । ପିଢ଼ି ପରେ ପିଢ଼ି ଲୋକମାନେ ଏହି ଆଶା ନେଇ ବଞ୍ଚି ଆସୁଥିଲେ ଯେ ଦିନେ ପ୍ରଭୁ ଶ୍ରୀରାମଙ୍କ ଜନ୍ମସ୍ଥାନରେ ଏକ ଭବ୍ୟ ମନ୍ଦିର ନିର୍ମିତ ହେବ । ୨୨ ଜାନୁଆରୀ ୨୦୨୪ରେ ସେହି ଆଶା ବାସ୍ତବତାର ରୂପ ନେଲା । ଦୃଢ଼ ବିଶ୍ୱାସ, ସାହସ, ସ୍ୱଷ୍ଟତା ଏବଂ ନିରନ୍ତର ପ୍ରୟାସ ଅସମ୍ଭବ ମନେହେଉଥିବା କାର୍ଯ୍ୟକୁ ମଧ୍ୟ ସମ୍ଭବ କରିପାରେ । ସରକାରଙ୍କ ମୁଖ୍ୟ ଭାବରେ ଶ୍ରୀ ନରେନ୍ଦ୍ର ଭାଇ ମୋଦୀଙ୍କ ଯାତ୍ରାର ଆରମ୍ଭରୁ ହିଁ ଏହି ଦୃଷ୍ଟିକୋଣ ଦେଖିବାକୁ ମିଳିଥିଲା ।

୨୦୦୧ ମସିହା ଅକ୍ଟୋବର ମାସରେ ଯେତେବେଳେ ସେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ହେଲେ, ସେତେବେଳେ ସେହି ବର୍ଷ ପୂର୍ବରୁ ଆସିଥିବା ଭୂକମ୍ପର ବିନାଶକାରୀ ପ୍ରଭାବ ଯୋଗୁଁ ରାଜ୍ୟଟି ଜର୍ଜରିତ ହୋଇପଡ଼ିଥିଲା । ଗୁଜୁରାଟର ଭବିଷ୍ୟତକୁ ନେଇ ଅନେକେ ଆଶା ଛାଡ଼ି ଦେଇଥିଲେ । କଚ୍ଛ ଅଞ୍ଚଳରେ ପ୍ରବଳ କ୍ଷୟକ୍ଷତି ହୋଇଥିଲା । ଏହା ପୂର୍ବରୁ ହିଁ ବିଭିନ୍ନ କଠିନ ପରିସ୍ଥିତି ଦେଇ ଗତି କରୁଥିବା ଏହି ଅଞ୍ଚଳ ପାଇଁ ଭୂକମ୍ପ ଯୋଗୁଁ ଆହୁରି ପଛକୁ ଚାଲିଯିବାର ପ୍ରକୃତ ଆଶଙ୍କା ରହିଥିଲା ।

ଶ୍ରୀ ମୋଦୀ ଜୀ ବୁଝିପାରିଥିଲେ ଯେ ପ୍ରଥମ କାର୍ଯ୍ୟ ହେଉଛି ଲୋକଙ୍କ ମନରେ ଆତ୍ମବିଶ୍ୱାସ ଫେରାଇ ଆଣିବା । ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କର ପ୍ରଥମ ଦୀପାବଳି ସେ ଗାନ୍ଧୀନଗରରେ ପାଳନ କରିପାରିଥାନ୍ତେ କିନ୍ତୁ ତା' ବଦଳରେ ସେ କଚ୍ଛ ଅଞ୍ଚଳରେ ଭୂକମ୍ପ ପ୍ରଭାବିତ ପରିବାରଗୁଡ଼ିକ ସହିତ ଏହା ପାଳନ କରିଥିଲେ । ଦୂରରୁ ପରିସ୍ଥିତି ପରିଚାଳନା କରିବା ପରିବର୍ତ୍ତେ ସେ ସିଧାସଳଖ ସମସ୍ୟା ସ୍ଥଳକୁ ଯାଇଥିଲେ । ଶ୍ରୀ ମୋଦୀ ଜୀଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ ପୁନଃନିର୍ମାଣ ପ୍ରକ୍ରିୟା କେବଳ ଜୀବିକା ଓ ଆତ୍ମବିଶ୍ୱାସ ଫେରାଇ ଆଣିବ ନାହିଁ, ବରଂ ଅତୀତ ଅପେକ୍ଷା ଏକ ଉନ୍ନତ ଭବିଷ୍ୟତ ମଧ୍ୟ ଗଠନ କରିବ । ବର୍ଷ ବର୍ଷ ଧରି ତାଙ୍କର ନୀତିଗୁଡ଼ିକ କଚ୍ଛକୁ ଏକ ନୂତନ ରୂପ ଦେବାରେ ସହାୟକ ହୋଇଥିଲା । ଯେଉଁ ଅଞ୍ଚଳକୁ ଅନେକେ ଆଶାହୀନ ବୋଲି ମନେ କରୁଥିଲେ, ତାହା ପରବର୍ତ୍ତୀ ସମୟରେ ପର୍ଯ୍ୟଟନ ସମ୍ଭାବନା, ଶିଳ୍ପ ବିକାଶ ଏବଂ କୃଷି କ୍ଷେତ୍ରରେ ସଫଳତା ପାଇଁ ପରିଚିତ ହେଲା ।

ଗୁଜରାଟରେ ଜଳ ସଙ୍କଟ ଏକ ଏପରି ଆହ୍ୱାନ ଥିଲା ଯାହା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଲାଗି ରହିବ ବୋଲି ମନେହେଉଥିଲା । ରାଜ୍ୟର ବହୁ ଅଞ୍ଚଳ ମରୁଡ଼ି ପ୍ରବଣ ଥିଲା ଏବଂ ସେଠାକାର ଲୋକମାନେ ପିଢ଼ି ପିଢ଼ି ଧରି ଜଳ ଅଭାବର ସମସ୍ୟା ସହ ସଂଘର୍ଷ କରୁଥିଲେ । ଶ୍ରୀ ନରେନ୍ଦ୍ର ମୋଦୀ ସେହି ଧାରଣାକୁ ଚ୍ୟାଲେଞ୍ଜ କରିଥିଲେ ଏବଂ ଏହାର ସମାଧାନ କରିଥିଲେ ।

ସର୍ଦ୍ଦାର ସରୋବର ପ୍ରକଳ୍ପ ଦଶନ୍ଧି ପୂର୍ବରୁ କଳ୍ପନା କରାଯାଇଥିଲା, ଏହାର ଶିଳାନ୍ୟାସ ୧୯୬୧ ମସିହାରେ ହୋଇଥିଲା । ଦଶନ୍ଧି ଧରି ଏହା ଜଟିଳତା ଏବଂ ବିଳମ୍ବରେ ବୁଡ଼ି ରହିଥିଲା । ଶ୍ରୀ ମୋଦି ଜୀ ବର୍ଷ ବର୍ଷ ଧରି ବାଧାବିଘ୍ନ ମଧ୍ୟରେ ଏହି ପ୍ରକଳ୍ପକୁ ଆଗକୁ ବଢ଼ାଇଥିଲେ ଏବଂ ବନ୍ଧ ସମ୍ପୂର୍ଣ୍ଣ ହେବା ଏବଂ ନର୍ମଦାର ଜଳ ଗୁଜୁରାଟର ଜଳ-ଅଭାବ ଥିବା ଅଞ୍ଚଳଗୁଡ଼ିକରେ ପହଞ୍ଚିବା ସୁନିଶ୍ଚିତ କରିଥିଲେ । ତାଙ୍କର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କେବଳ ବଡ଼ ବନ୍ଧ ନିର୍ମାଣ କରିବାରେ ନୁହେଁ ବରଂ ଚେକ୍ ଡ୍ୟାମ ସମେତ ହଜାର ହଜାର ଛୋଟ ଛୋଟ ଗଠନ ନିର୍ମାଣ କରିବାରେ ମଧ୍ୟ ଥିଲା, ଯାହା ଜଳ ସଂରକ୍ଷଣକୁ ଏକ ଜନ ଆନ୍ଦୋଳନ କରିଥିଲା । ଏହା ଗୁଜରାଟର ଚାଷୀମାନଙ୍କୁ କୃଷି କ୍ଷେତ୍ରରେ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିବାରେ ସାହାଯ୍ୟ କରିଥିଲା ।

୨୦୧୪ ମସିହାରେ, ଶ୍ରୀ ନରେନ୍ଦ୍ର ଭାଇ ମୋଦୀ ଜୀ ପ୍ରଧାନମନ୍ତ୍ରୀ ହୋଇଥିଲେ ଯେତେବେଳେ ଭାରତକୁ 'ଭଙ୍ଗୁର ପାଞ୍ଚ' ଅର୍ଥନୀତି ମଧ୍ୟରୁ ଗୋଟିଏ ଭାବରେ ନାମିତ କରାଯାଇଥିଲା ଏବଂ ଏହାର ବ୍ୟାଙ୍କିଂ ବ୍ୟବସ୍ଥା ବହୁ ସଂଖ୍ୟକ ସମସ୍ୟାରେ ବୁଡ଼ି ରହିଥିଲା । ସେ ସମ୍ପତ୍ତି ଗୁଣବତ୍ତା ସମୀକ୍ଷା, ବ୍ୟାଙ୍କିଂ ସଂସ୍କାର ଏବଂ ଦେବାଳିଆ ଏବଂ ଦେବାଳିଆ କୋଡ୍ ସମେତ ପଦକ୍ଷେପ ମାଧ୍ୟମରେ ଏହି ସମସ୍ୟାଗୁଡ଼ିକୁ ଚିହ୍ନଟ ଏବଂ ସମାଧାନ କରିବାର ଏକ ପ୍ରକ୍ରିୟା ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ଅର୍ଥନୀତି ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ଭାବରେ ଉଭା ହୋଇଥିଲା, ଯାହା ଶୀଘ୍ର ବିଶ୍ୱର ତୃତୀୟ ବୃହତ ହେବ । ଅନେକ ବିଶ୍ୱାସ କରୁଥିଲେ ଯେ ବସ୍ତୁ ଏବଂ ସେବା କର ପାଇଁ ଆବଶ୍ୟକ ରାଜନୈତିକ ସହମତି କେବେବି ସୃଷ୍ଟି ହେବ ନାହିଁ । ତଥାପି ଏହା ହୋଇପାରିଲା କାରଣ ଶ୍ରୀ ମୋଦିଜୀ ଏଥିରେ ରାଜନୈତିକ ପୁଞ୍ଜି ବିନିଯୋଗ କରିବାକୁ ଏବଂ ସଂସ୍କାରକୁ ଦେଖିବା ପାଇଁ ଇଚ୍ଛୁକ ଥିଲେ ।

ଆଜି, ଆମେ ଭାରତକୁ ଡିଜିଟାଲ ପେମେଣ୍ଟରେ ବିଶ୍ୱର ନମ୍ବର ଏକ ଭାବରେ ଦେଖୁଛୁ । କିନ୍ତୁ ଏହା ମଧ୍ୟ ଚ୍ୟାଲେଞ୍ଜଗୁଡ଼ିକୁ ଦୂର କରି ଘଟିଛି । ସମସ୍ୟା ଏହା ନୁହେଁ ଯେ ଭାରତରେ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ନିର୍ମାଣ କରିବା ପାଇଁ ପ୍ରଯୁକ୍ତିବିଦ୍ୟା ଥିଲା କି ନାହିଁ । ସହର ଏବଂ ଗ୍ରାମ, ପିଢ଼ି ଏବଂ ଆୟ ଗୋଷ୍ଠୀର କୋଟି କୋଟି ଲୋକଙ୍କୁ ଏକ ଦୈନନ୍ଦିନ ଅଭ୍ୟାସ ପରିବର୍ତ୍ତନ କରିବାକୁ ପ୍ରେରଣା ଦେବା ଅସମ୍ଭବ ମନେ ହେଉଥିବା କାର୍ଯ୍ୟ ଥିଲା । ଅଭିଜ୍ଞ ରାଜନୈତିକ ନେତା ଅଛନ୍ତି ଯେଉଁମାନେ ଜଣେ ରାସ୍ତା ବିକ୍ରେତାଙ୍କୁ ଡିଜିଟାଲ ପେମେଣ୍ଟ ଇକୋସିଷ୍ଟମରେ କିପରି ଅଣାଯାଇପାରିବ ତାହା ପରିହାସ କରି ପଚାରିଥିଲେ । ପ୍ରଧାନମନ୍ତ୍ରୀ



ଶ୍ରୀ ମୋଦୀ ସେହି ଆଚରଣଗତ ପରିବର୍ତ୍ତନକୁ ସମ୍ଭବ କରିଥିଲେ ।

ଦାରିଦ୍ର୍ୟ ଥିଲା ଆଉ ଏକ ସମସ୍ୟା ଯାହାକୁ ଭାରତ ଏକ ସ୍ଥାୟୀ ସମସ୍ୟା ଭାବରେ ଗ୍ରହଣ କରିନେଇଥିଲା । ଦାରିଦ୍ର୍ୟ ଦୂର କରିବାର ସ୍ଲୋଗାନ୍ ବା ନାରା ଦେଇ ସରକାର ଗଠିତ ହେଉଥିଲେ ମଧ୍ୟ, ଏହା ଦେଶର ଏକ ସ୍ଥାୟୀ ବିଶେଷତ୍ୱ ହୋଇ ରହିଯାଇଥିଲା । ପ୍ରକୃତ ଆହ୍ୱାନ ଥିଲା ସେହି ପରିସ୍ଥିତିକୁ ପରିବର୍ତ୍ତନ କରିବା, ଯାହା ପରିବାରଗୁଡ଼ିକୁ ଦାରିଦ୍ର୍ୟର ଚକ୍ରବ୍ୟୁହରେ ବାନ୍ଧି ରଖିଥିଲା ।

ଆଜି ୨୫ କୋଟି ଭାରତୀୟ ବହୁମୁଖୀ ଦାରିଦ୍ର୍ୟରୁ ମୁକ୍ତ ହୋଇପାରିଛନ୍ତି । ଏହା କୌଣସି ଗୋଟିଏ କାର୍ଯ୍ୟକ୍ରମ ମାଧ୍ୟମରେ ସମ୍ଭବ ହୋଇନାହିଁ । ଗରିବ ଲୋକଙ୍କ ପାଇଁ ଏକ ବ୍ୟାପକ ସୁରକ୍ଷା ବଳୟ ସୃଷ୍ଟି କରିବା ଏବଂ ତା'ପରେ ସେମାନଙ୍କୁ ଦାରିଦ୍ର୍ୟରୁ ବାହାରି ଆସିବାର ସାଧନ ଯୋଗାଇଦେବା ଭଳି କଠିନ ଓ ଯତ୍ନଶୀଳ କାର୍ଯ୍ୟ ମାଧ୍ୟମରେ ଏହା ସମ୍ଭବ ହୋଇପାରିଛି । ବ୍ୟାଙ୍କ ଖାତା, ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି), ଗୃହ ନିର୍ମାଣ, ପରିମଳ ବ୍ୟବସ୍ଥା, ବିଦ୍ୟୁତ ସେବା, ରୋଷେଇ ଗ୍ୟାସ, ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ ବୀମା ଏବଂ ବିଭିନ୍ନ ସୁଯୋଗ ଯୋଗାଇଦେବା ଦ୍ୱାରା ଏହା ସମ୍ଭବ ହୋଇପାରିଛି ।

ଯଦି ଆମେ ପଦ୍ମ ପୁରସ୍କାର କଥା ବିଚାରକୁ ନେବା, ତେବେ ଆଧୁନିକ ଭାରତର ଇତିହାସରେ ପ୍ରଥମ ଥର ପାଇଁ ଶ୍ରୀ ନରେନ୍ଦ୍ର ଭାଇ ମୋଦୀଙ୍କ ସରକାର ସୁନିଶ୍ଚିତ କରିଛନ୍ତି ଯେ ଯେଉଁମାନେ ପୂର୍ବରୁ ଅଜ୍ଞାତ ଥିଲେ ସେମାନଙ୍କୁ ସ୍ୱୀକୃତି ମିଳୁଛି ଏବଂ ଯେଉଁ ଯୋଗ୍ୟ ବ୍ୟକ୍ତିମାନେ ନିରବ ଓ ଅଦୃଶ୍ୟ ରହିଯାଇଥିଲେ, ସେମାନଙ୍କୁ ଚିହ୍ନଟ କରାଯାଇ ଗୁରୁତ୍ୱ ପ୍ରଦାନ କରାଯାଉଛି । ୨୦୧୪ ମସିହା ପରଠାରୁ, କେବଳ ନିଜର ଯୋଗ୍ୟତା ଏବଂ ସମାଜ ପ୍ରତି ସେମାନଙ୍କର ନିରବ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ବଳରେ ଦେଶର ଅନେକ ଅଜ୍ଞାତ ନାୟକ ନାଗରିକ ସମ୍ମାନ ତାଲିକାରେ ସ୍ଥାନ ପାଇପାରିଛନ୍ତି ।

ଦୀର୍ଘ ଦଶନ୍ଧି ଧରି ନକ୍ସଲବାଦ ଏକ ଆଭ୍ୟନ୍ତରୀଣ ସୁରକ୍ଷା ସମସ୍ୟା ହୋଇ ରହିଥିଲା, ଯାହା କାରଣରୁ ଦେଶକୁ ହଜାର ହଜାର ଜୀବନ ହରାଇବାକୁ ପଡ଼ିଥିଲା । ସୁରକ୍ଷା ଏବଂ ବିକାଶର ଦ୍ୱୈତ ରଣନୀତି ମାଧ୍ୟମରେ, ପ୍ରାୟ ଛଅ ଦଶନ୍ଧି ଧରି ଚାଲିଆସୁଥିବା ଏହି ସମସ୍ୟାର ବର୍ତ୍ତମାନ ସଫଳତାର ସହ ସମାଧାନ କରାଯାଇପାରିଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱ ସମ୍ପର୍କରେ ଆମକୁ ଯେଉଁ ମୁଖ୍ୟ ବିଷୟଟି ବୁଝିବାକୁ ହେବ, ତାହା ହେଉଛି ଯେ ସମସ୍ତ ସମସ୍ୟା ସମ୍ପୂର୍ଣ୍ଣ ରୂପେ ଦୂର ହୋଇଯାଇଛି ତାହା ନୁହେଁ ବରଂ ସେ ଏହା ସୁନିଶ୍ଚିତ କରିଛନ୍ତି ଯେ ସମସ୍ୟା ସାମ୍ନାରେ ଅସହାୟତାର ପୁରୁଣା ଧାରଣା ଦୂର ହୋଇଯାଇଛି । ସମଗ୍ର ଦେଶର ମାନସିକତାରେ ପରିବର୍ତ୍ତନ ଆସିଛି ଏବଂ ଲୋକେ ଏବେ ଭାବୁଛନ୍ତି ଯେ କୌଣସି କଠିନ ପରିସ୍ଥିତି ଆମ ଭାଗ୍ୟ ନିର୍ଦ୍ଧାରଣ କରିବାର ଆବଶ୍ୟକତା ନାହିଁ ।

ହଠାତ୍ ଉପୁଜିଥିବା ସଙ୍କଟ ସମୟରେ ମଧ୍ୟ ଏହା ଦେଖିବାକୁ ମିଳିଛି । କୋଭିଡ୍-୧୯ ମହାମାରୀ ସମୟରେ ସମଗ୍ର ବିଶ୍ୱର ଅର୍ଥନୀତି ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଅସାଧାରଣ ଚାପ ପଡ଼ିଥିଲା । କିନ୍ତୁ ଶ୍ରୀ ନରେନ୍ଦ୍ର ଭାଇ ମୋଦୀ ଜୀ ସାମାଜିକ ଦୂରତା ରକ୍ଷା କରିବା ଏବଂ ଟିକାକରଣ ଅଭିଯାନ – ଉଭୟ ସମୟରେ ଦେଶକୁ ଏକଜୁଟ କରିଥିଲେ । ଅନ୍ୟ ଅନେକ ପ୍ରମୁଖ ଦେଶ ତୁଳନାରେ ଭାରତୀୟ ଅର୍ଥନୀତି ମଧ୍ୟ ଦ୍ରୁତ ଗତିରେ ପୁନର୍ବାର ସୁଧୁରି ଉଠିଥିଲା ।

ପଶ୍ଚିମ ଏସିଆରେ ସମ୍ପ୍ରତି ଦେଖାଦେଇଥିବା ସଙ୍କଟ ଶକ୍ତି ସୁରକ୍ଷା, ଜାହାଜ ଚଳାଚଳ ଏବଂ ବାଣିଜ୍ୟ ସହ ଜଡ଼ିତ ଆଉ କିଛି ଆହ୍ୱାନ ସୃଷ୍ଟି କରିଛି ।ଏହି ସମସ୍ୟାଗୁଡ଼ିକୁ ଗୋଟିଏ ପରେ ଗୋଟିଏ ସମାଧାନ କରିବାର ସୁବିଧା ପରିବର୍ତ୍ତେ, ଭାରତକୁ ଏଗୁଡ଼ିକର ଏକକାଳୀନ ମୁକାବିଲା କରିବାକୁ ପଡ଼ିଛି । ତଥାପି, ସରକାର ଓ ସମାଜକୁ ନେଇ ଗଠିତ ଭାରତର ଏହି କାର୍ଯ୍ୟପନ୍ଥା ଅତ୍ୟନ୍ତ ପରିପକ୍ୱ ଏବଂ ଦାୟିତ୍ୱପୂର୍ଣ୍ଣ ରହିଆସିଛି ।

ସମୟକ୍ରମେ ଏକ ବାକ୍ୟାଂଶ ଲୋକପ୍ରିୟ ହୋଇଛି ଯାହା ଏହି ପରିସ୍ଥିତିକୁ ଉପଯୁକ୍ତ ଭାବରେ ବର୍ଣ୍ଣନା କରେ: ମୋଦୀ ହେ ତୋ ମୁମକିନ୍ ହେ । ଭାରତର ରାଜନୈତିକ ପରିବର୍ତ୍ତନରେ ଏହା ସ୍ପଷ୍ଟ ଭାବରେ ପରିଲକ୍ଷିତ ହୁଏ । ଗୋଟିଏ ସମୟରେ ବିଜେପିକୁ କେବଳ ନିର୍ଦ୍ଦିଷ୍ଟ ଭୌଗୋଳିକ ଓ ସାମାଜିକ କ୍ଷେତ୍ର ମଧ୍ୟରେ ସୀମିତ ଥିବା ଏକ ଦଳ ଭାବରେ ବିବେଚନା କରାଯାଉଥିଲା । କିଛି ମହଲରେ ଏପରି ଧାରଣା ପ୍ରଚଳିତ ଥିଲା ଯେ ଏହି ସ୍ଥିତି କେବେବି ବଦଳିବ ନାହିଁ । ପ୍ରଧାନମନ୍ତ୍ରୀ ମୋଦୀ ଏହାକୁ ଅପରିବର୍ତ୍ତନୀୟ ବୋଲି ଗ୍ରହଣ କରିବାକୁ ମନା କରିଦେଇଥିଲେ ଏବଂ ପରିବର୍ତ୍ତନ ଆଣିବା ପାଇଁ କଠିନ ପରିଶ୍ରମ କରିଥିଲେ । ଆଜି, ଉତ୍ତର-ପୂର୍ବ ଓ ପୂର୍ବ ଭାରତ ଭଳି ଅଞ୍ଚଳରେ ବିଜେପିର ବିସ୍ତାର ତଥା ଗରିବ, ଗ୍ରାମୀଣ ଜନସାଧାରଣ ଓ ସମାଜର ଅବହେଳିତ ବର୍ଗଙ୍କ ମଧ୍ୟରେ ଦଳ ପାଇଁ ବୃଦ୍ଧି ପାଉଥିବା ସମର୍ଥନ ଦେଶର ରାଜନୈତିକ ପରିବେଶକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଛି ।

ଯେଉଁମାନେ ତାଙ୍କ ଯାତ୍ରାକୁ ନିକଟରୁ ଦେଖିଛନ୍ତି, ସେମାନଙ୍କ ପାଇଁ ଏହା ସ୍ପଷ୍ଟ ଯେ ଶ୍ରୀ ନରେନ୍ଦ୍ର ଭାଇ ମୋଦୀ ପରିସ୍ଥିତି କ'ଣ ଅନୁମତି ଦିଏ ତାହା ପଚାରି ଆରମ୍ଭ କରନ୍ତି ନାହିଁ । ସେ ଦେଶକୁ କ'ଣ ଆବଶ୍ୟକ ତାହା ପଚାରି ଆରମ୍ଭ କରନ୍ତି ଏବଂ ଏହାକୁ ପୂରଣ କରିବା ପାଇଁ ପରିସ୍ଥିତି ସୃଷ୍ଟି କରିବା ପାଇଁ କାର୍ଯ୍ୟ କରନ୍ତି । ଏହି ମାନସିକତା ଏକ ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯାହା ୨୦୪୭ ସୁଦ୍ଧା ବିକାଶ ଭାରତ ହେବାକୁ ଚାହୁଁଛି ।

**(ଲେଖକ ଭାରତର ପୂର୍ବତନ ଉପରାଷ୍ଟ୍ରପତି)**

## ଜଣେ ଯୁବତୀଙ୍କୁ ଅପହରଣ ଘଟଣା

# ପାକିସ୍ତାନକୁ ଆମେରିକାର ଆହ୍ୱାନ



**କିଶୋର ରଥ**

ଅଠର ବର୍ଷୀୟା ନେହା ଫକିର ନାମକ ଜଣେ ପାକିସ୍ତାନୀ ଖ୍ରୀଷ୍ଟିଆନ୍ ଯୁବତୀଙ୍କ ଅପହରଣ ପରେ ତାଙ୍କୁ ଲାହୋରସ୍ଥିତ ଏକ ମଦ୍ରାସାରୁ ଉଦ୍ଧାର କରାଯିବା ଏବଂ ଧର୍ମାନ୍ତରଣ ହୋଇଥିବା ଅଭିଯୋଗକୁ ନେଇ ଏବେ ଆନ୍ତର୍ଜାତିକ ସ୍ତରରେ ଆଲୋଚନା ହେଉଛି । ଏହି ମାମଲାରେ ଆମେରିକା କଂଗ୍ରେସର ୧୧ ଜଣ ଆଇନ ପ୍ରଣେତା ପାକିସ୍ତାନ ସରକାରଙ୍କୁ ନେହା ଫକିରଙ୍କ ସୁରକ୍ଷା ସମେତ ମୌଳିକ ଅଧିକାରକୁ ସୁରକ୍ଷା ଦେବା ପାଇଁ ଅନୁରୋଧ କରିଛନ୍ତି ।

ନେହା ଫକିରଙ୍କୁ ଗତ ମାର୍ଚ୍ଚ (୨୦୨୬) ମାସରେ ଅପହରଣ କରାଯାଇଥିଲା ଏବଂ ପରେ ତାଙ୍କୁ ଇସଲାମ ଧର୍ମରେ ଦୀକ୍ଷିତ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି । ଟମ୍ ଲାଣ୍ଟୋସ୍ ମାନବାଧିକାର କମିଶନର ସହ-ଅଧ୍ୟକ୍ଷ । କଂଗ୍ରେସମ୍ୟାନ କ୍ରିସ୍ ସ୍ମିଥ ପାକିସ୍ତାନ ସରକାରଙ୍କୁ ନେହା ଫକିରଙ୍କ ସମେତ ମୌଳିକ ଅଧିକାରକୁ ସୁରକ୍ଷା ଦେବାକୁ ଅନୁରୋଧ କରିଛନ୍ତି । କ୍ରିସ୍ ସ୍ମିଥ କହିଛନ୍ତି ଯେ ନେହା ଫକିରଙ୍କ ଅପହରଣ ପରେ ପରେ ଧର୍ମାନ୍ତରଣ ଭଳି ପରିସ୍ଥିତି ତାଙ୍କ ସୁରକ୍ଷା, ଧର୍ମର ସ୍ୱାଧୀନତା ଏବଂ ବଳପୂର୍ବକ କିମ୍ବା ଭୟଭୀତ ନକରି ତାଙ୍କ ଅଧିକାରକୁ ବ୍ୟବହାର କରିବାର କ୍ଷମତା ବିଷୟରେ ଗଭୀର ଚିନ୍ତାଜନକ ପ୍ରଶ୍ନ ଉଠୁଛି ।

ଖ୍ରୀଷ୍ଟିଆନ୍ ସଲିଡାରିଟି ଇଣ୍ଟରନ୍ୟାସନାଲ ଗତ ଜୁନ୍ ୧୦ରେ ଏହି ମାମଲାକୁ ନେଇ ଚିନ୍ତା ପ୍ରକାଶ କରିବା ପରେ ଆମେରିକାର ପ୍ରତିକ୍ରିୟା ଆସିଥିଲା । ସିଏସ୍‌ଆଇ ରିପୋର୍ଟ ଅନୁଯାୟୀ ନେହା ଫକିର ମାର୍ଚ୍ଚ ୨୪ ତାରିଖରେ ସିଲେଇ ଶିଖିବା ପାଇଁ ଯାଇଥିବା ବେଳେ ନିଖୋଜ ହୋଇଥିଲେ ଏବଂ ପରବର୍ତ୍ତୀ ସମୟରେ ତାଙ୍କୁ ଲାହୋରସ୍ଥିତ ଏକ ମଦ୍ରାସାରୁ ଉଦ୍ଧାର କରାଯାଇ ଥିଲା ଯେଉଁଠାରେ ସେ ଇସଲାମ ଧର୍ମ ଗ୍ରହଣ କରିଥିବା ଜଣାପଡ଼ିଥିଲା ।

ଏହି ପରିପ୍ରେକ୍ଷୀରେ ଆମେରିକୀୟ କଂଗ୍ରେସ ସଦସ୍ୟମାନଙ୍କ ହସ୍ତକ୍ଷେପ ଗୁରୁତ୍ୱ ବହନ କରୁଛି । କ୍ରିସ୍ ସ୍ମିଥଙ୍କ ସମେତ ୧୦ ଜଣ ଆମେରିକୀୟ କଂଗ୍ରେସ ସଦସ୍ୟ ଗତ ଅଗଷ୍ଟ ୨୦ରେ ପାକିସ୍ତାନର ଆଇନ ଓ ନ୍ୟାୟ ବିଷୟକ ଫେଡେରାଲ ମନ୍ତ୍ରୀ ଆଜମ୍ ନଜୀର ତରାରଙ୍କୁ ପତ୍ର ଲେଖି ମାମଲାର ନ୍ୟାୟସଙ୍ଗତ ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଜଣାଇଥିଲେ । ସ୍ମିଥଙ୍କ ବ୍ୟତୀତ ଏହି ପତ୍ରରେ ପ୍ରତିନିଧି ଜେମ୍ସ ପି. ମ୍ୟାକଗଭର୍ନ, ଫ୍ରେଞ୍ଚ ହିଲ୍, ଗସ୍ ବିଲିରାକିସ୍, ଆଣ୍ଡି ହାରିସ୍, ମାରିଆ ଏଲଭିରା ସାଲାଜାର, ରାଇଲି ରାନି ୱେବର, ମାଇକେଲ୍ କ୍ଲାଉଡ୍, ବ୍ରାଡ୍ ଶର୍ମାନ୍ ଏବଂ ବ୍ଲେକ୍ ମଞ୍ଜୁର ମଧ୍ୟ ସ୍ୱାକ୍ଷର କରିଛନ୍ତି ।

ଆମେରିକୀୟ ଆଇନ ପ୍ରଣେତାମାନେ ପାକିସ୍ତାନୀ କର୍ତ୍ତୃପକ୍ଷଙ୍କୁ ନ୍ୟାୟିକ ବ୍ୟବସ୍ଥା ମଧ୍ୟରେ ଆବଶ୍ୟକ ପଦକ୍ଷେପ ନେଇ ନେହା ଫକିରଙ୍କ ଶାରୀରିକ ସୁରକ୍ଷା ଓ ସୁସ୍ଥତା ସୁନିଶ୍ଚିତ କରିବାକୁ କହିଛନ୍ତି । ଏଥିସହ ତାଙ୍କୁ ଗୋପନୀୟ ଭାବେ ସ୍ୱାଧୀନ ଆଇନଜୀବୀଙ୍କ ପରାମର୍ଶ ପାଇବାର ସୁଯୋଗ ଦେବାକୁ ସେମାନେ ଦାବି କରିଛନ୍ତି । ଏତଦ୍‌ବ୍ୟତୀତ ନେହା ଫକିର ଯେପରି ନିଜ ପରିବାର ସହିତ ସ୍ୱାଧୀନ ଓ ବ୍ୟକ୍ତିଗତ ଭାବେ ଯୋଗାଯୋଗ କରିପାରିବେ, ସେଥିପାଇଁ ପାକିସ୍ତାନ ସରକାର ସୁଯୋଗ ସୃଷ୍ଟି କରୁ ବୋଲି ଆମେରିକୀୟ ଆଇନ ପ୍ରଣେତାମାନେ ଅନୁରୋଧ କରିଛନ୍ତି । ସେମାନେ ଇସଲାମାବାଦକୁ ଏହା ମଧ୍ୟ ଜଣାଇଛନ୍ତି ଯେ ଭବିଷ୍ୟତରେ ହେବାକୁ ଥିବା ଯେକୌଣସି ନ୍ୟାୟିକ ପ୍ରକ୍ରିୟା, ଏଭଳି ଏକ ପରିବେଶରେ ହେବା ଦରକାର ଯେଉଁଠାରେ ନେହା ଫକିର କୌଣସି ଧମକ, ଭୟ କିମ୍ବା ଅନାବଶ୍ୟକ ପ୍ରଭାବ ବିନା ନିଜ ମତ ସ୍ୱାଧୀନ ଭାବେ ପ୍ରକାଶ କରିପାରିବେ । ଏଠାରେ ପାକିସ୍ତାନର ନିଜ ସମ୍ବିଧାନର ବ୍ୟବସ୍ଥା ମଧ୍ୟ ପ୍ରାସଙ୍ଗିକ ।

ଏହି ପତ୍ରରେ ଆଇନପ୍ରଣେତାମାନେ ପାକିସ୍ତାନର ସମ୍ବିଧାନରେ ଥିବା ମୌଳିକ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ ଉଲ୍ଲେଖ କରିଛନ୍ତି । ବିଶେଷ କରି ନିଜ ଧର୍ମକୁ ମାନିବା, ପାଳନ କରିବା ଓ ପ୍ରଚାର କରିବାର ସ୍ୱାଧୀନତା ପ୍ରଦାନ କରୁଥିବା ଧାରା ୨୦ ଏବଂ ଆଇନ ଆଗରେ ସମାନତାର ନିଶ୍ଚିତତା ପ୍ରଦାନ କରୁଥିବା ଧାରା ୨୫ କଥା ସେମାନେ ମନେ ପକାଇଛନ୍ତି । ତେଣୁ ଜଣେ ନାଗରିକ ନିଜ ଧାର୍ମିକ ବିଶ୍ୱାସ ସମ୍ପର୍କରେ ସ୍ୱାଧୀନ ଭାବେ ମତ ପ୍ରକାଶ କରି ପାରୁଛନ୍ତି କି ନାହିଁ, ଏହା କେବଳ ଏକ ପାରିବାରିକ ବିବାଦର ପ୍ରଶ୍ନ ନୁହେଁ, ଏହା ମୌଳିକ ଅଧିକାରର ପ୍ରଶ୍ନ ମଧ୍ୟ ।

କ୍ରିସ୍ ସ୍ମିଥ ମଧ୍ୟ ଏହି ପ୍ରସଙ୍ଗକୁ ଉଠାଇ କହିଛନ୍ତି ଯେ ପାକିସ୍ତାନର ସମ୍ବିଧାନ ଧାର୍ମିକ ସ୍ୱାଧୀନତା ଓ ଆଇନ ଆଗରେ ସମାନତାର ସୁରକ୍ଷା ପ୍ରଦାନ କରୁଥିବାବେଳେ, ଜଣେ ଯୁବତୀ ନିଜ ବିଶ୍ୱାସ ଓ ମତାମତକୁ ସୁରକ୍ଷିତ ଏବଂ ସ୍ୱାଧୀନ ଭାବେ ପ୍ରକାଶ କରି ନପାରିବା, ସେହି ସାମ୍ବିଧାନିକ ଅଧିକାରର ପ୍ରୟୋଗିକ ମୂଲ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

ନେହା ଫକିରଙ୍କ ମାମଲାକୁ ନେଇ ଆମେରିକୀୟ ଆଇନପ୍ରଣେତାମାନେ ପାକିସ୍ତାନର ଧାର୍ମିକ ସଂଖ୍ୟାଲଘୁମାନଙ୍କ ସୁରକ୍ଷା ପ୍ରସଙ୍ଗକୁ ମଧ୍ୟ ସାମ୍ନାକୁ ଆଣିଛନ୍ତି । ସେମାନଙ୍କ ଅଭିଯୋଗ ଅନୁଯାୟୀ ଧାର୍ମିକ ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳା ଓ ଯୁବତୀମାନେ ଅପହରଣ, ଜବରଦସ୍ତ ଧର୍ମାନ୍ତରଣ ଏବଂ ବାଧ୍ୟତାମୂଳକ ବିବାହ ଭଳି ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି । ଏପରି ମାମଲାରେ ଦୋଷୀମାନଙ୍କୁ ଉତ୍ତରଦାୟୀ କରିବାରେ କର୍ତ୍ତୃପକ୍ଷଙ୍କ ଭୂମିକା ନେଇ ମଧ୍ୟ ପ୍ରଶ୍ନ ଉଠୁଛି ।

ତେବେ ଏହି ମାମଲାରେ ମୂଳ ପ୍ରଶ୍ନ ହେଉଛି- ନେହା ଫକିର ନିଜ ଇଚ୍ଛାରେ ଧର୍ମ ପରିବର୍ତ୍ତନ କରିଛନ୍ତି କି, ନା ତାଙ୍କ ଉପରେ କୌଣସି ପ୍ରକାରର ଚାପ କିମ୍ବା ପ୍ରଭାବ ଥିଲା ? ଏହାର ନିରପେକ୍ଷ ଉତ୍ତର ପାଇଁ ତାଙ୍କୁ ଉପଯୁକ୍ତ ପରିବେଶରେ ନିଜ ଇଚ୍ଛା ପ୍ରକାଶ କରିବାର ସୁଯୋଗ ମିଳିବା ଆବଶ୍ୟକ । ତାଙ୍କ ସହ ସ୍ୱାଧୀନ ଆଇନଜୀବୀଙ୍କ ଗୋପନୀୟ ଆଲୋଚନା ଏବଂ ପରିବାର ସହ ସ୍ୱାଧୀନ ଯୋଗାଯୋଗର ସୁଯୋଗ ଏହି ପ୍ରକ୍ରିୟାକୁ ଅଧିକ ବିଶ୍ୱସନୀୟ କରିପାରିବ ।

ଧର୍ମ ପରିବର୍ତ୍ତନ ଜଣେ ବ୍ୟକ୍ତିର ବ୍ୟକ୍ତିଗତ ଅଧିକାରର ବିଷୟ ହୋଇପାରେ, କିନ୍ତୁ ସେହି ନିଷ୍ପତ୍ତି ସ୍ୱେଚ୍ଛାକୃତ କି ନାହିଁ ସ୍ପଷ୍ଟ ହେବା ମଧ୍ୟ ସମାନ ଭାବେ ଜରୁରୀ । ତେଣୁ ନେହା ଫକିରଙ୍କ ମାମଲାରେ ପାକିସ୍ତାନୀ ନ୍ୟାୟ ବ୍ୟବସ୍ଥାର ସ୍ୱଚ୍ଛତା, ଆଇନଗତ ସୁରକ୍ଷା ଓ ତାଙ୍କ ସ୍ୱାଧୀନ ଇଚ୍ଛାର ସମ୍ମାନ –ଏହି ତିନିଟି ଦିଗ ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଏହା କେବଳ ଜଣେ ଯୁବତୀଙ୍କ ମାମଲା ନୁହେଁ, ଏହା ଜଣେ ନାଗରିକଙ୍କ ମୌଳିକ ଅଧିକାର ଓ ସମ୍ବିଧାନ ପ୍ରଣୟନର ପରୀକ୍ଷା ମଧ୍ୟ ।

**ଧର୍ମ ପରିବର୍ତ୍ତନ ଜଣେ ବ୍ୟକ୍ତିର ବ୍ୟକ୍ତିଗତ ଅଧିକାରର ବିଷୟ ହୋଇପାରେ, କିନ୍ତୁ ସେହି ନିଷ୍ପତ୍ତି ସ୍ୱେଚ୍ଛାକୃତ କି ନାହିଁ ସ୍ପଷ୍ଟ ହେବା ମଧ୍ୟ ସମାନ ଭାବେ ଜରୁରୀ । ତେଣୁ ନେହା ଫକିରଙ୍କ ମାମଲାରେ ପାକିସ୍ତାନୀ ନ୍ୟାୟ ବ୍ୟବସ୍ଥାର ସ୍ୱଚ୍ଛତା, ଆଇନଗତ ସୁରକ୍ଷା ଓ ତାଙ୍କ ସ୍ୱାଧୀନ ଇଚ୍ଛାର ସମ୍ମାନ –ଏହି ତିନିଟି ଦିଗ ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଏହା କେବଳ ଜଣେ ଯୁବତୀଙ୍କ ମାମଲା ନୁହେଁ, ଏହା ଜଣେ ନାଗରିକଙ୍କ ମୌଳିକ ଅଧିକାର ଓ ସମ୍ବିଧାନ ପ୍ରଣୟନର ପରୀକ୍ଷା ମଧ୍ୟ ।**

**ସାମ୍ବାଦିକ, ଭିଏସ୍‌ଏସ୍ ନଗର,**
**ଭୁବନେଶ୍ୱର,**
**ମୋ- ୯୧୭୮୯୦୮୦୮୮**

# ୪୭ ନଂ ୱାର୍ଡ଼ରେ ଓଜେସିର ସାଙ୍ଗଠନିକ ବୈଠକ

କଟକ, (ସ୍ୱପ୍ର): କଟକ ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ-୪୭ ମହାନଦୀ ବିହାର ଠାରେ ଓଡିଶା ଜନତା କଂଗ୍ରେସପାର୍ଟି, କଟକ ସହର ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ପ୍ରଦୀପ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କଟକ ସହର ସଭାପତି ଗିରିବାଳା ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ତୃଣମୂଳ ସ୍ତରରେ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ସହ ଆଗାମୀ ପୌର ନିର୍ବାଚନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସ୍ଥାନୀୟ ଜନସାଧାରଣଙ୍କ ସମସ୍ୟା ସମାଧାନ ପାଇଁ କାର୍ଯ୍ୟକର୍ତ୍ତାମାନେ ଆଗେଇ ଆସିବା ସହ ସଙ୍ଗଠନକୁ ଆହୁରି ସକ୍ରିୟ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । ଏହି ଆଲୋଚନା ସଭାରେ ୱାର୍ଡର ବହୁ ଦଳୀୟ କର୍ମକର୍ତ୍ତା, ସ୍ଥାନୀୟ ନେତୃବୃନ୍ଦ ଓ ସମର୍ଥକମାନେ



ଉପସ୍ଥିତ ରହି ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ଼. କମଳ ପ୍ରସାଦ ମହାନ୍ତି, ମନୋରଞ୍ଜନ ଦାସ, ଲଳିତା ରାଉତ, ଅଜୟ କୁମାର ରାଉତ, ଅନୀତା ବେହେରା, ରଶ୍ମିତା ମୁଖାର୍ଜୀ, ଶିବାନୀ ମପିସ୍ତା, ବନାନୀ ମହାନ୍ତି, ଅନିଲ କୁମାର ରାଜପୁତ, କୈବଲ୍ୟ ଦତ୍ତ, ପ୍ରିନ୍ସ ରାୟ, ଅଳଙ୍କାର ଆଚାର୍ଯ୍ୟ, ସ୍ୱର୍ଣ୍ଣ ମହାପାତ୍ର, ଦେବୀ ପ୍ରସାଦ, ଓମ୍ ପ୍ରକାଶ, ହରବିନ୍ଦର ସିଂହ, ପ୍ରଫେସର ସଞ୍ଜୟ କୁମାର ସାମନ୍ତରାୟ, ଭାନୁ ପ୍ରତାପ ରାଉତ, ଦେବେନ୍ଦ୍ର ନାଥ ଦାସ, ବନିତା ସେନାପତି, ପିଙ୍କୁ ରାୟ, ସୁଜିତ କୁମାର ଲେଙ୍କା, ସରୋଜ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

### ଡକାୟତି ଉଦ୍ୟମ ପଣ୍ଡ; ୩ଗିରଫ, ୨ ଫେରାର୍

# ଭୁଜାଲି, ଛୁରୀ ଓ ମୋଟରସାଇକେଲ ଜବତ

ଖୋର୍ଦ୍ଧା, (ସବ୍ୟୁ): ଶିକ୍ଷାଂଚଳ ଥାନା ପୁଲିସ ଗଡ଼ଖୋର୍ଦ୍ଧା-ପୁରୀ ରାସ୍ତା ନିକଟ ଗଡ଼ଚଣ୍ଡୀ ମନ୍ଦିର ପଛପଟେ ଚଢ଼ାଉ କରି ଡକାୟତି ପାଇଁ ଏକତ୍ରିତ ହୋଇଥିବା ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଜଟଣୀ ଅଂଚଳର ଚିନ୍ମୟ ସାମନ୍ତରାୟ ଓରଫ ଚିନା (୨୬), ଆକାଶ ରାଉତରାୟ ଓରଫ ଓଢ଼ା (୨୪) ଏବଂ ଜିତେନ୍ଦ୍ର ରାଉତରାୟ ଓରଫ ଜିତୁ (୨୮) । ପୁଲିସ ସେମାନଙ୍କ ନିକଟରୁ ଗୋଟିଏ ଭୁଜାଲି, ଗୋଟିଏ ଧାରୁଆ ଛୁରୀ, ୨ଟି ଲୁହା ରଡ୍, ଗୋଟିଏ ମୋବାଇଲ୍ ଫୋନ୍ ଓ ଗୋଟିଏ ମୋଟରସାଇକେଲ ଜବତ କରିଛି ।

ପୁଲିସ ସୂଚନା ଅନୁଯାୟୀ, ଗତ ୫ ତାରିଖ ସନ୍ଧ୍ୟାରେ ଥାନାର ଏକ ଟିମ ମୁକୁନ୍ଦପ୍ରସାଦ ଓ ଗଡ଼ଖୋର୍ଦ୍ଧା ଅଂଚଳରେ ପାଟ୍ରୋଲିଂ କରୁଥିଲା । ରାତି ପ୍ରାୟ ୭ଟା ୪୦ ମିନିଟ୍ ସମୟରେ ଗଡ଼ଚଣ୍ଡୀ ମନ୍ଦିର ପଛପଟେ କିଛି ସନ୍ଦିଗ୍ଧ ଯୁବକ ଏକତ୍ରିତ ହୋଇ ଡକାୟତି ପାଇଁ ପ୍ରସ୍ତୁତ ହେଉଥିବା ନେଇ ପୁଲିସକୁ ବିଶ୍ୱସନୀୟ ସୂଚନା ମିଳିଥିଲା । ପୁଲିସ ତୁରନ୍ତ ଘଟଣାସ୍ଥଳରେ ଚଢ଼ଉ କରିଥିଲା । ଚଢ଼ଉ ବେଳେ ଘଟଣାସ୍ଥଳରେ ଥିବା ୫ଜଣଙ୍କ ମଧ୍ୟରୁ ଚିନା, ଆକାଶ ଓ ଜିତୁ ପ୍ରମୁଖ ୩ଜଣ ପୁଲିସ ହାତରେ ଧରାପଡ଼ିଥିଲେ । ଅନ୍ୟ ୨ ଜଣ ଅନ୍ଧାର ଓ ନିକଟସ୍ଥ ବୁଦାଳିଆ ଅଂଚଳ ର ସୁଯୋଗ ନେଇ ଫେରାର ହୋଇଯାଇଥିଲେ । ଅଭିଯୁକ୍ତମାନେ ରାତି ସମୟରେ ଯାନବାହନ ଓ ସମ୍ପତିକୁ ଟାର୍ଗେଟ କରି ଡକାୟତି କରିବା ଉଦ୍ଦେଶ୍ୟରେ ଏକତ୍ରିତ ହୋଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଏନେଇ ପୁଲିସ୍ ୩୨୩/୨୬ରେ ଏକ ମାମଲା ରୁଜୁ କରି ଗିରଫ ୩ଜଣଙ୍କୁ କୋର୍ଟ ଚାଲାଣ କରିଛି । ଫେରାର ଦ୍ୱୟଙ୍କୁ ମଧ୍ୟ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ସୂଚନା ଦେଇଛି ।

# କିସ୍ ରେ ରାଜଭାଷା ହିନ୍ଦୀ ଉତ୍ସବ ୨୦୨୬



ଭୁବନେଶ୍ୱର (ସବ୍ୟୁ): ମୁକ୍ତ ବିଦ୍ୟାଳୟ ଶିକ୍ଷାସଂସ୍ଥାନ ଭୁବନେଶ୍ୱର ଶାଖା ଆନୁକୂଲ୍ୟରେ ରାଜଭାଷା ହିନ୍ଦୀର ପ୍ରଚାର ପ୍ରସାର ତଥା ବିଦ୍ୟାର୍ଥୀମାନଙ୍କର ହିନ୍ଦୀ ପ୍ରତି ରୁଚି ବୃଦ୍ଧି କରିବାର ଲକ୍ଷ୍ୟନେଇ 'କିସ୍' ବିଦ୍ୟାର୍ଥୀଗଣଙ୍କ ମଧ୍ୟରେ 'ରାଜଭାଷା ହିନ୍ଦୀ ଉତ୍ସବ ୨୦୨୬' ଆଧାରିତ ପ୍ରତିଯୋଗିତା କିସ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁକ୍ତ ବିଦ୍ୟାଳୟ ଶିକ୍ଷା ସଂସ୍ଥାନ ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ସୁରଜିତ୍ କୁମାର ଓ ରମେଶ କୁମାର, ଆଦିତ୍ୟ ଭୋଇ, ପରେଶଚନ୍ଦ୍ର ପଣ୍ଡା, ସମ୍ବିତ ମିଶ୍ର, ସନ୍ଦିପ୍ କୁମାର, ରାଜେଶ କୁମାର, ଦେବରାଜ ବରାଳ ପ୍ରମୁଖ ଅଧିକାରୀଗଣ ତଥା କିସ୍ ଶୈକ୍ଷିକ ଓ ପ୍ରଶାସନ ଉପ-ନିର୍ଦ୍ଦେଶକ ସୁଶାନ୍ତ କୁମାର ସ୍ୱାଇଁ, ପ୍ରଧାନ ଶିକ୍ଷୟିତ୍ରୀ ନୟନବାଳା ରାୟ, ସହ ପ୍ରଧାନ-ଶିକ୍ଷୟିତ୍ରୀ ପ୍ରମିଳାବାଳା ରାୟ, ସହ ଶିକ୍ଷୟିତ୍ରୀ ରୂପା ଗୁପ୍ତା, ସୁଚରିତା ମହାନ୍ତି, ରମେନ୍ଦ୍ର କୁମାର ଚମ୍ପତି, ଜ୍ୟୋତିରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଗଣଙ୍କୁ ପ୍ରୋତ୍ସାହିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ । ଅଂଶଗ୍ରହଣ କରିଥିବା ୪୦ଜଣ ଛାତ୍ରୀମାନଙ୍କ ମଧ୍ୟରୁ କୁମାରୀ ଜ୍ୟୋତି ବିରୁଆ ପ୍ରଥମ ସ୍ଥାନ, ଦ୍ୱିତୀୟ ସ୍ଥାନ ସୁସ୍ମିତା ବାଗେ, ଡ଼ିମ୍ପଲ ଗଣ୍ଡ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ।

# ହାଇଟେକ୍ ରେ ଅତ୍ୟାଧୁନିକ ହାଇ ସ୍ମାଇଲ ଡେଣ୍ଟାଲ୍ ଲ୍ୟାବ୍ ଉଦ୍‌ଘାଟିତ

ଭୁବନେଶ୍ୱର() ହାଇଟେକ୍ ଡେଣ୍ଟାଲ୍ କଲେଜ୍ ଓ ହସ୍ପିଟାଲ୍‌ରେ ହାଇ ସ୍ମାଇଲ୍ ଡେଣ୍ଟାଲ୍ଲ୍ୟା ବ୍ ଉଦ୍‌ଘାଟିତ ହୋଇଯାଇଛି । ଡେଣ୍ଟାଲ୍ କଲେଜର କାର୍ଯ୍ୟକାରୀ ଅଧକ୍ଷା ମଧୁସ୍ମିତା



ତ୍ରିପାଠୀ ଓ ମେଡିକାଲ୍ ଅଧକ୍ଷକ ପ୍ରଫେସର ଡାକ୍ତର ସୀତାରାମ ମହାପାତ୍ର ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିବା ସହ, ଏହି ଅତ୍ୟାଧୁନିକ ଲ୍ୟାବ୍ ରାଜ୍ୟରେ ପ୍ରଥମ ଓ ଏହା ଦନ୍ତରୋଗ, ନୂତନ ଦନ୍ତ ବସାଇବା,ରୁଟ୍ କେନାଲ୍ ରିପେରିଂ ଭଳି ସମସ୍ତ ସମସ୍ୟାର ଗୋଟିଏ ସ୍ଥାନରେ ସମାଧାନ ହୋଇପାରିବ ବୋଲି କହିଛନ୍ତି । ଉନ୍ନତ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଅତ୍ୟାଧୁନିକ ତଥା ସଠିକ୍ ଦନ୍ତ ଚିକିତ୍ସା ଏବଂ ଶିକ୍ଷାଦାନ କ୍ଷେତ୍ରରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି ହାଇଟେକ୍ ଡେଣ୍ଟାଲ୍କ ଲେଜ । ଏହି 'ହାଇ-ସ୍ମାଇଲ୍ ଡେଣ୍ଟାଲ ଲ୍ୟାବ୍ – ସେରାମିକ୍ ଲାବୋରେଟୋରୀ' ରେ ଅତ୍ୟାଧୁନିକ ସେନ୍‌ସର ମାଧ୍ୟମରେ ପାଟି ଭିତରେ ଦାନ୍ତର ମ୍ୟାଚିଂ, କାଟିଂ ସହ ନୂତନ ଦାନ୍ତ ସଠିକ୍ ମାପ ଅନୁଯାୟୀ ପ୍ରସ୍ତୁତ କରାଯାଇପାରିବ । ରାଜ୍ୟରେ ପ୍ରଥମ ଥର ପାଇଁ ଏଭଳି ମେସିନ୍ ହାଇଟେକ୍ ଡେଣ୍ଟାଲ୍ କଲେଜ୍ ଓ ହସପିଟାଲ୍‌ରେ ସ୍ଥାପନ କରାଯାଇଛି । ଦନ୍ତ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ସହ ଦନ୍ତ ରୋଗୀ ମାନେ ଏହାର ସୁବିଧା ଉଠାଇବାକୁ ଶ୍ରୀମତି ତ୍ରିପାଠୀ ଅନୁରୋଧ କରିଛନ୍ତି । ପୂର୍ବରୁ ନୂତନ ଦାନ୍ତ ବସାଇବାକୁ, ଏକ ପ୍ରକାର ଚୂନ ପ୍ଲାଷ୍ଟର ବ୍ୟବହାର କରାଯାଇ ଦାନ୍ତର ମାପ ନିଆଯାଉଥିଲା,ପରେ ସେହି ମାପ ଅନୁଯାୟୀ ଦାନ୍ତକୁ ହାତରେ ତିଆରି କରାଯାଉଥିଲା, ହେଲେ ବାରମ୍ବାର ଦାନ୍ତର ସାଇଜ୍‌ଓ ଆକରରେ ପରିବର୍ତ୍ତନ କରିବାକୁ ପଡୁଥିଲା, ଆଉ କିଛି ସ୍ଥାନରେ ଲୋକଟି ବାଧ ହୋଇ ସାଇଜ୍,କଲର ନଥିଲା ଦାନ୍ତକୁ ବସାଉଥିଲା । କିନ୍ତୁ, ହାଇଟେକ୍ ଡେଣ୍ଟାଲ୍କ ଲେଜରେ ଥିବା ଏହି କ୍ୟାଡକାମ୍ ମେସିନ୍‌ରେ ଅତ୍ୟାଧୁନିକ ପଦ୍ଧତିରେ ଦାନ୍ତ ବସାଯାଇପାରିବ ଯାହାକି ରୋଗୀ ସଂପୂର୍ଣ୍ଣ ସନ୍ତୋଷଲାଭ କରିପାରିବ ।

# ବ୍ୟାଙ୍କ ଅଫ୍ ଇଣ୍ଡିଆର ସାଲେପୁର ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର, (ସବ୍ୟୁ): ଦେଶର ଅଗ୍ରଣୀ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆର ସାଲେପୁର ଶାଖା ଉଦ୍‌ଘାଟିତ ହୋଇଯାଇଛି । ଏହି ଶାଖା ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ୮୮ତମ ଏବଂ ରାଜ୍ୟର ୨୯୪ତମ ଶାଖା ଅଟେ । କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ, ଭୁବନେଶ୍ୱରର ମହାପ୍ରବନ୍ଧକ ମୁତା ବିରା ଭେଙ୍କଟ ବାଙ୍ଗାରାଜୁ ଏହି ନୂତନ ଶାଖାର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲିକ, ସାଲେପୁର ଶାଖାର ଶାଖା ପ୍ରବନ୍ଧକ ଲାଲବାହାଦୁର ସାହୁଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଗ୍ରାହକମାନଙ୍କୁ ଉତ୍କୃଷ୍ଟ ସେବା ଯୋଗାଇଦେବା ବ୍ୟାଙ୍କର ପ୍ରମୁଖ ଲକ୍ଷ୍ୟ ଏବଂ ଏହି ଶାଖା ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ଆଧୁନିକ ଏବଂ ଉନ୍ନତମାନର ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବା ସହିତ ବ୍ୟାଙ୍କିଙ୍ଗ୍ ସୁବିଧା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇବାରେ ସହାୟକ ହେବ ବୋଲି ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ମଲିକ ପ୍ରକାଶ କରିଥିଲେ ।

# ଭକ୍ତଙ୍କ ଗହଣରେ ପ୍ରେମ ପ୍ରଭାହିନୀ ରଥ : ବାଣ୍ଟୁଛି ପ୍ରେମ, ସେବା, ଆଧ୍ୟାତ୍ମିକତାର ବାର୍ତ୍ତା

ଭୁବନେଶ୍ୱର(ସବ୍ୟୁ): ପ୍ରେମ, ସେବା ଓ ଆଧ୍ୟାତ୍ମିକତାର ଦିବ୍ୟ ବାର୍ତ୍ତା ନେଇ ଦେଶବ୍ୟାପୀ ପରିକ୍ରମା କରୁଥିବା "ଶ୍ରୀ ସତ୍ୟସାଇ ପ୍ରେମ ପ୍ରଭାହିନୀ ରଥ' ଭୁବନେଶ୍ୱର ସାଇ ଜିଲାରେ ପହଞ୍ଚିଛି । ଦିବ୍ୟ ପ୍ରେମର ପ୍ରତୀକ ଏହି ରଥକୁ ନେଇ ସାଇ ଭକ୍ତମାନଙ୍କ ମଧ୍ୟରେ ଉତ୍ସାହ ଓ ଆଧ୍ୟାତ୍ମିକ ଭାବାବେଗ ପ୍ରକାଶ ପାଇଛି । ସାଇ ଜନନୀଠାରେ ପ୍ରେମ ପ୍ରଭାହିନୀ ରଥକୁ ନେଇ ବିଭିନ୍ନ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲାଛ ସକାଳେ ମହାରୁଦ୍ରମ୍ ଅନୁଷ୍ଠିତ ହୋଇଥିଲା । ଏହାପରେ ଭକ୍ତବୃନ୍ଦଙ୍କ ପାଇଁ ଦିବ୍ୟ ରଥ ଦର୍ଶନର ବ୍ୟବସ୍ଥା କରାଯାଇଥିଲା । ସନ୍ଧ୍ୟାରେ ବାଳବିକାଶ ଏବଂ ସତ୍ୟସାଇ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ



ପକ୍ଷରୁ ସଂସ୍କୃତି ଓ ଭକ୍ତିଭାବ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଆସନ୍ତାକାଲି(ବୁଧବାର) ଏହି ରଥ ଭୁବନେଶ୍ୱର ସାଇ ଜିଲାର ଆଉ ଏକ ସମିତିରେ ଭକ୍ତଙ୍କୁ ଦର୍ଶନ ଦେବ । ଏହାପରେ ରଥଟି ପୁରୀ ଅଭିମୁଖେ ଯାତ୍ରା କରିବ । ଉତ୍ତରା ଠାରେ ଭୁବନେଶ୍ୱର ସାଇ ଜିଲା ପକ୍ଷରୁ ଭୁବନେଶ୍ୱର-ପୁରୀ ସାଇ ଜିଲାକୁ ହସ୍ତାନ୍ତର କରାଯିବ ।

# ଦୁର୍ଗାପୂଜା ଉପଲକ୍ଷେ ଚାନ୍ଦି ଭଣ୍ଡାରରେ 'ଅରଣ୍ୟ' ଏଡିଟ୍

ଭୁବନେଶ୍ୱର, (ସବ୍ୟୁ): ନବରାତ୍ରି ରଙ୍ଗ, ପରମ୍ପରା ଏବଂ ମା' ଦୁର୍ଗାଙ୍କ ଉଜ୍ଜ୍ୱଳ ଆତ୍ମାକୁ ପାଳନ କରିବାର ଏକ ପର୍ବ ପାଳିଥାଏ । ଏକ ଦିବ୍ୟ କାହାଣୀ ଦ୍ୱାରା ଅନୁପ୍ରାଣିତ ହୋଇ ଚାନ୍ଦି ଭଣ୍ଡାର ଚଳିତ ପାର୍ବଣରେ ଆଣିଛି ଅକ୍ସିଡାଇଜ୍ ରୁପା ଗହଣା ସମ୍ଭାର 'ଅରଣ୍ୟ' ।



ନବରାତ୍ରି ଏବଂ ଦୁର୍ଗା ପୂଜା ଅବସରରେ ଚିନ୍ତନଶୀଳ ଭାବେ ଏହି ସମ୍ଭାରକୁ ଏକତ୍ର କରାଯାଇଛି । ଅରଣ୍ୟ ଅର୍ଥାତ ଜଙ୍ଗଲର ସାରରୁ ଅରଣ୍ୟ ସମ୍ଭାର ପ୍ରେରିତ । ପ୍ରକୃତି ସହ ଗଭୀର ଭାବେ ଏହା ଜଡ଼ିତ । ଏହା ଏଭଳି ଏକ ସୌନ୍ଦର୍ଯ୍ୟକୁ ପ୍ରତିଫଳିତ କରେ, ଯାହା ସହଜ ଏବଂ ତାତ୍ତ୍ୱିକ । ସୁନ୍ଦର ଅକ୍ସିଡାଇଜ୍‌ଡ ଫିନିସ୍ ପ୍ରତ୍ୟେକ ପିସ୍‌କୁ ଆଣ୍ଟିକ୍ କରି ତୋଳୁଛି । ଅନ୍ୟପକ୍ଷରେ, ଏହାର ଜଟିଳ ରୂପଗୁଡ଼ିକ ପାରମ୍ପରିକ କାରିଗରୀର ସମୃଦ୍ଧିକୁ ସହଜରେ ଏକ ସମସାମୟିକ ଆକର୍ଷଣ ସହ ଏକତ୍ରିତ କରେ । ୯୨.୫ ଷ୍ଟର୍ଲିଂ ରୁପା ଏବଂ ଅକ୍ସିଡାଇଜ୍ ଫିନିସ୍‌ରେ ପ୍ରସ୍ତୁତ ଅରଣ୍ୟନ ଏଡିଟ୍ ଷ୍ଟେଟ୍‌ମେଣ୍ଟ ପିସ୍ ଏବଂ ଦୈନନ୍ଦିନ ପିନ୍ଧିବା ଉପଯୋଗୀ ଗହଣା ପିସ୍‌କୁ ଏକତ୍ରିତ କରିଛି । ଅରଣ୍ୟନ ଏଡିଟ୍ ସହିତ ପୁରୁଷମାନେ ଚାନ୍ଦି ଭଣ୍ଡାରର ଆମୋଘ କଲେକ୍ସନକୁ ଦେଖିପାରିବେ, ଯେଉଁଥିରେ ବ୍ୟାପକ ରେଞ୍ଜ୍ ରୁପା ଆସେସରିଜ୍ ଯଥା ଚେନ୍, ପେଣ୍ଡେଣ୍ଟ, ମୁଦି ଏବଂ ବ୍ରେସ୍‌ଟ୍ ଆଦି ରହିଛି । ଫେଷ୍ଟିଭ୍ ସିଲେକ୍ସନ ମଧ୍ୟ ୯୨.୫ ଷ୍ଟର୍ଲିଂ ରୁପା ଗହଣାର ବ୍ୟାପକ ସମ୍ଭାର ପ୍ରଦାନ କରୁଛି, ଯେଉଁଥିରେ ରହିଛି କାନଫୁଲ, ଚୁଡ଼ି, ମୁଦି, ବ୍ରେସ୍‌ଲେଟ୍ ଏବଂ ଆଙ୍କଟ୍ ଇତ୍ୟାଦି, ଯାହା ପ୍ରତ୍ୟେକ ଷ୍ଟାଇଲ ଏବଂ ସେଲିବ୍ରେଶନ ପାଇଁ ଉପଲବ୍ଧ । ନୂଆ କଲେକ୍ସନର ବଜାର ପ୍ରବେଶ ଅବସରରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କହିଛନ୍ତି ଯେ, ଦୁର୍ଗା ପୂଜା ସମୟରେ ଓଡ଼ିଶାର ପ୍ରତ୍ୟେକ କୋଣ ରଙ୍ଗ ଏବଂ ଭକ୍ତିରେ ଚମକିଥାଏ । ଅରଣ୍ୟନ କଲେକ୍ସନ ସହିତ ଆମେ ଅକ୍ସିଡାଇଜ୍‌ଡ ରୁପାର ଅପରୂପ ସୌନ୍ଦର୍ଯ୍ୟକୁ ଏପରି ଭାବେ ଏକତ୍ରିତ କରିଛୁ, ଯାହା ଆଜିର ମହିଳାଙ୍କ ସହ ଗଭୀର ତଥା ଗୁରୁତ୍ୱପୂର୍ଣ୍ଣ ଭାବେ ଜଡ଼ିତ । ଏହା ଶକ୍ତି, ବ୍ୟକ୍ତିଗତତା ଏବଂ ନାରୀ ଆତ୍ମାର ଅନେକ ପ୍ରକାଶନର ଉତ୍ସବ । ଏହି ପାର୍ବଣକୁ ପାଳନ କରିବା ପାଇଁ ଚାନ୍ଦି ଭଣ୍ଡାର ସମସ୍ତ ଗଢ଼ା ମଜୁରିରେ ଫ୍ଲାଟ୍ ୩୦% ରିହାତି ପ୍ରଦାନ କରୁଛି । ଏହା ୨୦୨୬ ଅକ୍ଟୋବର ୨୦ ପର୍ଯ୍ୟନ୍ତ ଉପଲବ୍ଧ । ଏହି ଦୁର୍ଗାପୂଜାରେ ପରମ୍ପରା, ଚରିତ୍ର ଏବଂ ସମସାମୟିକ ଷ୍ଟାଇଲକୁ ଏକତ୍ରିତ କରୁଥିବା ରୁପା ଗହଣାର ଆବିଷ୍କାର କରିବାର ଏହା ଉପଯୁକ୍ତ ସମୟ ।

# ଗୋଲ୍‌ଡେନ ଗିଫ୍ଟ ପ୍ୟାକ୍ ପ୍ରତିଯୋଗିତାର ବିଜେତା ଘୋଷଣା କଲା ହିମାଳୟ ବେବିକେୟାର୍

ଭୁବନେଶ୍ୱର (ସବ୍ୟୁ): ଡାକ୍ତର ସୁପାରିଶ କରୁଥିବା ୧ ନମ୍ବର ବ୍ରାଣ୍ଡ ହିମାଳୟ ବେବିକେୟାର୍ ତାହାର ଗୋଲ୍‌ଡେନ ଗିଫ୍ଟ ପ୍ୟାକ୍ ପ୍ରତିଯୋଗିତାର ବିଜେତାଙ୍କ ସମ୍ପର୍କରେ ଘୋଷଣା କରିଛି । ପ୍ରତିଯୋଗିତାରେ ଉତ୍ତର, ଦକ୍ଷିଣ, ପୂର୍ବ ଏବଂ ପଶ୍ଚିମ ଭାରତରୁ ୧୨ଜଣ ବିଜେତା ହୋଇଥିଲେ ଏବଂ ଚାରିଜଣ ବିଜେତା ପ୍ରତ୍ୟେକ ୧ ଲକ୍ଷ ଟଙ୍କା ମୂଲ୍ୟର ସୁନା ପାଇବାବେଳେ ଆଠଜଣ ବିଜେତା ପ୍ରତ୍ୟେକ ୧୦ ହଜାର ଟଙ୍କା ମୂଲ୍ୟର ସିଲ୍‌ଭର ଭାଉଚର ପାଇଛନ୍ତି, ଯାହାକ ତନିସ୍କ ଅଥବା କଲ୍ୟାଣ କଏନ୍ (ମୁଦ୍ରା) ରେ ବଦଳାଇ ହେବ । ହିମାଳୟ ବେବି ଗୋଲ୍‌ଡେନ ଗିଫ୍ଟ ପ୍ୟାକ୍ ଶୁଭ ଆରମ୍ଭ ନିମନ୍ତେ ଏକ ସ୍ୱତନ୍ତ୍ର ଗୋଲ୍ଡ-ଏଡିସନ ଗିଫ୍ଟ ପ୍ୟାକ୍ (ଉପହାର ପ୍ୟାକ୍) ଆକାରରେ ଆରମ୍ଭ କରାଯାଇଥିଲା ଏବଂ ଏହା ଗ୍ରାହକମାନଙ୍କୁ ହିମାଳୟ ଗୋଲ୍‌ଡେନ ମୋମେଣ୍ଟସ୍ ପ୍ରୋଗ୍ରାମରେ ଅଂଶଗ୍ରହଣ କରିବାକୁ ସୁଯୋଗ ପ୍ରଦାନ କରିଥିଲା । ଏଥିରେ ଅଂଶଗ୍ରହଣ କରିବାକୁ ଗ୍ରାହକମାନଙ୍କୁ ଏକ ସ୍ୱତନ୍ତ୍ର କୋଡ୍ ଜାଣିବା, କ୍ୟୁଆର କୋଡ୍ ସ୍କାନ୍ କରିବା ଏବଂ ସେମାନଙ୍କ ଶିଶୁ ସହିତ ମୂଲ୍ୟବାନ ସ୍ମୃତିକୁ ଅପ୍‌ଲୋଡ କରିବା ପାଇଁ ପ୍ୟାକ୍ ଭିତରେ ଥିବା ଲିଫ୍‌ଲେଟକୁ ସ୍କ୍ରାଚ୍ କରିବା ଆବଶ୍ୟକ ହୋଇଥିଲା । ଉକ୍ତ ପ୍ରୟାସ ମଧ୍ୟ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କ ପାଇଁ ୫୦୦ ଟଙ୍କା ମୂଲ୍ୟର ଏକ ମାଗଣା ମାଇଁ ବେବି ଆଣ୍ଡ ମି ଇ-ବୁକ୍ ଆକାରରେ ନିଶ୍ଚିତ ପୁରସ୍କାର ରଖାଯାଇଥିଲା ।

### ଅନୁବାଦ ହେଉଛି ସାହିତ୍ୟର ସବୁଠାରୁ କଷ୍ଟସାଧ ବିଭାଗ

# ଭାସ୍ୱତୀ ବସୁଙ୍କୁ ପ୍ରଥମ ସୁଖେନ୍ଦୁ ମୋହନ ସାହିତ୍ୟ ସମ୍ମାନ ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ): ସାହିତ୍ୟରେ ଅନୁବାଦ ହେଉଛି ସବୁଠାରୁ କଷ୍ଟସାଧ ବିଭାଗ। ଓଡ଼ିଆ ସାହିତ୍ୟରେ ଏବେ ବି ଅନୁବାଦ ବିଭାଗଟି ଦୁର୍ବଳ ଏବଂ ଆମର ସାହିତ୍ୟିକମାନଙ୍କୁ ଅନ୍ୟ ଭାଷାରୁ ଓଡ଼ିଆକୁ ଏବଂ ଓଡ଼ିଆରୁ ଅନ୍ୟ ଭାଷାକୁ ଅଧିକରୁ ଅଧିକ ଅନୁବାଦ କରି ଭାଷାକୁ ସମୃଦ୍ଧ କରିବାର ଆବଶ୍ୟକତା ରହିଛି। ବିଶିଷ୍ଟ ସାହିତ୍ୟିକ ତଥା ଅନୁବାଦକ ସୁଖେନ୍ଦୁ ମୋହନ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବକ୍ତାମାନେ ଏହା ପ୍ରକାଶ କରିଛନ୍ତି ।

ସୁଖେନ୍ଦୁ ମୋହନ ଦାସ ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ସାମନ୍ତରାପୁର ସ୍ଥିତ ସରସ୍ୱତୀ ମଣ୍ଡପରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଲେଖିକା ଓ ଲୋକପ୍ରିୟ ଅଭିନେତ୍ରୀ ଭାସ୍ୱତୀ ବସୁଙ୍କୁ "ପ୍ରଥମ ସୁଖେନ୍ଦୁ ମୋହନ ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା। ଭାସ୍ୱତୀଙ୍କୁ ମାନପତ୍ର, ଉପାୟନ ଓ ଦଶ ହଜାର ଟଙ୍କା ଅର୍ଥରାଶି ଦିଆ ଯାଇଥିଲା। "ସମୟ'ର ମୁଖ୍ୟ ସମ୍ପାଦକ ଡକଫର ଗୁରୁକଲ୍ୟାଣ ମହାପାତ୍ର, ବିଶିଷ୍ଟ ଅନୁବାଦକ ଓ ପଲ୍ଲିକବି ନନ୍ଦକିଶୋର ବଳଙ୍କ ନାତି ସୁଶାନ୍ତ କିଶୋର ବଳ, ପ୍ରକାଶକ ନଳିନୀକାନ୍ତ ରଥ, ସାମ୍ବାଦିକ ମୀନକେତନ



ମିଶ୍ର, ଡ. ଲିପିଶ୍ରୀ ଦାସ, ଅଧ୍ୟାପିକା ସୁପ୍ରିୟା ଦାସ, ଅବସରପ୍ରାପ୍ତ ପ୍ରଶାସିକା ସୁଧାପ୍ରିୟା ଦାସ, ଲାବଣ୍ୟେନ୍ଦୁ ମୋହନ ଦାସ, ସଂଜୁଲତା ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସୁଲେଖକ ତଥା ଚିତ୍ରଶିଳ୍ପୀ ଦୀପକ ବୋଷ ଏଥିରେ ପୌରୋହିତ୍ୟ କରିଥିବା ବେଳେ ଦିବ୍ୟାଶା ଦାସ ସଂଗୀତ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅତିଥିମାନଙ୍କ ଦ୍ୱାରା "ସୁଖେନ୍ଦୁ ସର୍ଜନା' ସ୍ମୃତି ପତ୍ରିକା ଉନ୍ମୋଚିତ ହେବା ସହିତ ଫାଉଣ୍ଡେସନ ତରଫରୁ ପ୍ରସ୍ତୁତ ସ୍ୱତନ୍ତ୍ର ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇଥିଲା। ସୁଖେନ୍ଦୁ ମୋହନଙ୍କ ସ୍ମୃତିରେ ପ୍ରତିବର୍ଷ ସାହିତ୍ୟ ଜଗତରୁ ଜଣେ ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କୁ ପୁରସ୍କୃତ କରାଯିବ ବୋଲି ଏହି ଅବସରରେ ଫାଉଣ୍ଡେସନ ପକ୍ଷରୁ ଘୋଷଣା କରାଯାଇଥିଲା।

# ରାୟଗଡ଼ା ଡିଭିଜନରେ ଭୂସ୍ଖଳନ ଯୋଗୁଁ ଟ୍ରେନ୍ ସେବା ନିୟନ୍ତ୍ରଣ

ଭୁବନେଶ୍ୱର, (ସବ୍ୟୁ): ପୂର୍ବତଟ ରେଳପଥର ରାୟଗଡ଼ା ଡିଭିଜନ ଅନ୍ତର୍ଗତ ମାଲିଗୁଡ଼ା ଓ ଛତଡିପୁଟ ଷ୍ଟେସନ ମଧ୍ୟରେ ଭୂସ୍ଖଳନ ଯୋଗୁଁ ଟ୍ରେନ୍ ସେବା ପ୍ରଭାବିତ ହୋଇଛି । ସୁରକ୍ଷା ଦୃଷ୍ଟିରୁ ଏବଂ ପ୍ରଭାବିତ ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟକୁ ସୁଗମ କରିବା ପାଇଁ କେତେକ ଟ୍ରେନ୍ ବାତିଲ କରାଯାଇଥିବା ବେଳେ କେତେକ ଟ୍ରେନକୁ ଆଂଶିକ ଭାବେ ବାତିଲ କରାଯାଇ କୋରାପୁଟରୁ ଯାତ୍ରା ଆରମ୍ଭ କିମ୍ବା କୋରାପୁଟଠାରେ ଯାତ୍ରା ସମାପ୍ତ କରାଯିବ। ନିମ୍ନଲିଖିତ ଟ୍ରେନ୍‌ଗୁଡ଼ିକ ବାତିଲ ରହିବ: ଟ୍ରେନ୍ ନମ୍ବର ୧୮୧୦୮ ଜଗଦଲପୁର–ରାଉରକେଲା ଏକ୍ସପ୍ରେସ ୯ ଅକ୍ଟୋବରରୁ ୧୩ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ବାତିଲ ରହିବ । ୮ ଅକ୍ଟୋବରରୁ ୧୨ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ନିମ୍ନଲିଖିତ ଟ୍ରେନ୍‌ଗୁଡ଼ିକ ବାତିଲ ରହିବ । ଟ୍ରେନ୍ ନମ୍ବର ୧୮୫୧୫ ବିଶାଖାପାଟଣା–କିରଣ୍ଡୁଲ ଏକ୍ସପ୍ରେସ ଟ୍ରେନ୍ ନମ୍ବର ୧୮୫୧୬ କିରଣ୍ଡୁଲ–ବିଶାଖାପାଟଣା ଏକ୍ସପ୍ରେସ ଟ୍ରେନ୍ ନମ୍ବର ୧୮୧୦୭ ରାଉରକେଲା - ଜଗଦଲପୁର ଏକ୍ସପ୍ରେସ



କୋରାପୁଟଠାରେ ଯାତ୍ରା ସର୍ଟ-ଟର୍ମିନେଟ୍ (ଆଂଶିକ ବାତିଲ), ସର୍ଟ-ଓରିଜିନେଟ୍ (ଆଂଶିକ ଆରମ୍ଭ) କରାଯିବ । ଟ୍ରେନ୍ ନମ୍ବର ୧୮୦୦୫ ହାଓଡା–ଜଗଦଲପୁର ଏକ୍ସପ୍ରେସ, ୮ ଅକ୍ଟୋବରରୁ ୧୨ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ହାଓଡାରୁ ଯାତ୍ରା ଆରମ୍ଭ କରି କୋରାପୁଟରେ ଆଂଶିକ ଭାବେ ଯାତ୍ରା ଶେଷ କରିବ । କୋରାପୁଟ–ଜଗଦଲପୁର ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ ।

ଟ୍ରେନ୍ ନମ୍ବର 18006 ଜଗଦଲପୁର–ହାଓଡା ଏକ୍ସପ୍ରେସ, ୧୦ ଅକ୍ଟୋବରରୁ ୧୪ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ଜଗଦଲପୁର ପରିବର୍ତ୍ତେ କୋରାପୁଟରୁ ଯାତ୍ରା ଆରମ୍ଭ କରିବ । ଜଗଦଲପୁର–କୋରାପୁଟ ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ । ଟ୍ରେନ୍ ନମ୍ବର ୧୮୪୪୭ ଭୁବନେଶ୍ୱର–ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ, ୮ ଅକ୍ଟୋବରରୁ ୧୨ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରି କୋରାପୁଟରେ ଆଂଶିକ ଭାବେ ଯାତ୍ରା ଶେଷ କରିବ । କୋରାପୁଟ–ଜଗଦଲପୁର ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ । ଟ୍ରେନ୍ ନମ୍ବର ୧୮୪୪୮ ଜଗଦଲପୁର–ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ, ୯ ଅକ୍ଟୋବରରୁ ୧୩ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ଜଗଦଲପୁର ପରିବର୍ତ୍ତେ କୋରାପୁଟରୁ ଯାତ୍ରା ଆରମ୍ଭ କରିବ । ଜଗଦଲପୁର–କୋରାପୁଟ ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ ।

ଟ୍ରେନ୍ ନମ୍ବର ୫୮୫୦୧ ବିଶାଖାପାଟଣା–କିରଣ୍ଡୁଲ ପାସେଞ୍ଜର , ୮ ଅକ୍ଟୋବରରୁ ୧୨ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ବିଶାଖାପାଟଣାରୁ ଯାତ୍ରା ଆରମ୍ଭ କରି କୋରାପୁଟରେ ଆଂଶିକ ଭାବେ ଯାତ୍ରା ଶେଷ କରିବ । କୋରାପୁଟ–ଜଗଦଲପୁର ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ । ଟ୍ରେନ୍ ନମ୍ବର ୫୮୫୦୨ କିରଣ୍ଡୁଲ–ବିଶାଖାପାଟଣା ପାସେଞ୍ଜର , ୮ ଅକ୍ଟୋବରରୁ ୧୨ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ କିରଣ୍ଡୁଲ ପରିବର୍ତ୍ତେ କୋରାପୁଟରୁ ଯାତ୍ରା ଆରମ୍ଭ କରିବ । ଜଗଦଲପୁର–କୋରାପୁଟ ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ । ଯାତ୍ରୀମାନଙ୍କୁ ଟ୍ରେନ୍ ଚଳାଚଳରେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍ (NTES) କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ ।

# ନିସ୍‌ରେ ହାକାଥନ୍- ୨୦୨୬

ଭୁବନେଶ୍ୱର, (ସବ୍ୟୁ) : ସ୍ଥାନୀୟ ମଦନପୁର ସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ ଅଫ ବିଜିନେସ ଆଡମିନିଷ୍ଟ୍ରେସନ ପରିସରରେ ହାକାଥନ୍ ୨୦୨୬ ଅନୁଷ୍ଠିତ




ହୋଇଯାଇଛି । ଦୁଇଦିନ ଧରି ଚାଲିଥିବା କାର୍ଯ୍ୟକ୍ରମରେ ନିସ୍ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କ ସମେତ ଓଡ଼ିଶାର ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ମାନଙ୍କରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ନିସ୍ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡ଼. ସୁଭାଷ ଚନ୍ଦ୍ର ନାୟକ ଅନୁଷ୍ଠାନିକ ଭାବରେ ଉଦଘାଟନ କରି ପ୍ରତିଯୋଗୀମାନଙ୍କୁ ହାକାଥନ୍‌ର ତାତ୍ପର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଛାତ୍ରଛାତ୍ରୀମାନଙ୍କର ସୃଜନଶୀଳତାର ବିକଶିତ ଭାରତ ଗଠନ ଦିଗରେ ଯୋଗଦାନ ଉପରେ ଡ଼କଫର ନାୟକ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼ି. ଚନ୍ଦ୍ରଶେଖର ରାଓ ମୁଖ୍ୟ ଅତିଥି, ଜେନପ୍ରାଟେକ୍‌ର ପ୍ରତିଷ୍ଠାତା ଜେନାମଣି ଆଶିଷ ରଞ୍ଜନ ଜେନା ଏବଂ ଏହାର ନିର୍ଦ୍ଦେଶକ ରଜତ ମିଶ୍ର ଯଥାକ୍ରମେ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ଼. ରାଜେସ୍ ସ୍ୱାଇଁ, ନିସ୍ ଶିକ୍ଷାନୁଷ୍ଠାନର ସହ ପ୍ରତିଷ୍ଠାତ୍ରୀ ଡ଼. ସ୍ମୃତିସୁଧା ନାୟକ, ଟ୍ରଷଟି ସାଇ ସମ୍ବିତ ନାୟକ, ଉପନିର୍ଦ୍ଦେଶକ ଡ଼. ଦୁଷ୍ମନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ନିସ୍ ହାକାଥନ ୨୦୨୬ ଶିକ୍ଷାନୁଷ୍ଠାନର ଟେକ୍‌ନିକାଲ କ୍ଲବ ଦ୍ୱାରା ଡ଼. ଶ୍ରଦ୍ଧାଞ୍ଜଳୀ ନାୟକ ଓ ଜଏଣ୍ଟ ରେଜିଷ୍ଟ୍ରାର ଡ. ଭବାନୀ ଶଙ୍କର ରଥଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳନା କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା ବୋଲି ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀ ପ୍ରକାଶ କରିଛନ୍ତି ।

## ବସରେ ଲାଗିଲା ନିଆଁ, ଅଳ୍ପକେ ବର୍ତ୍ତିଲେ ୩୨ ଯାତ୍ରୀ

ନୋଏଡା: ନୋଏଡାର ଯମୁନା ଏକ୍ସପ୍ରେସ୍ୱେରେ ଏକ ସ୍ଲିପର ବସ୍‌ରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ସୌଭାଗ୍ୟବଶତଃ ବସ୍‌ରେ ଥିବା ୩୨ ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଉଦ୍ଧାର ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ଦୁର୍ଘଟଣା ଟି ନଲେଜ୍ ପାର୍କ ଥାନା ଅଞ୍ଚଳର ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ଦିଲ୍ଲୀରୁ ବିହାରର ମୁଜଫରପୁର ଯାଉଥିବା ଏହି ସ୍ଲିପର ବସରେ ହଠାତ୍ ନିଆଁ ଲାଗିବା ପରେ ଆତଙ୍କ ଖେଳିଯାଇଥିଲା। ବସରେ ମୋଟ ୩୨ ଜଣ ଯାତ୍ରୀ ଥିଲେ। ବସର ତେଲ ଟାଙ୍କିରେ ଲିକ୍ ହେବା ପରେ ନିଆଁ ଲାଗିଥିବା କୁହାଯାଉଛି। ଘଟଣାର ସୂଚନା ପାଇବା ପରେ ଦମକଳ ଗାଡ଼ି ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ନୋଏଡାରେ ବସରେ ନିଆଁ ଲାଗିବା ଘଟଣାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗୁରୁତ୍ୱର ସହ ନେଇଛନ୍ତି। ସେ ଅଧିକାରୀମାନଙ୍କୁ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆହତମାନଙ୍କର ଉପଯୁକ୍ତ ଚିକିତ୍ସା ସୁନିଶ୍ଚିତ କରିବାକୁ ମଧ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆହତମାନଙ୍କ ପରିବାର ସହ ଯୋଗାଯୋଗ କରି ସମ୍ଭାବ୍ୟ ସମସ୍ତ ସହାୟତା ଯୋଗାଇଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନ ଦେଇଛନ୍ତି। ଏଥିସହ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଅଧିକାରୀମାନେ, ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର କାରଣ ସମ୍ପର୍କରେ ତଦନ୍ତ କରୁଛନ୍ତି। ନିଆଁ ଲାଗିବାର ପ୍ରକୃତ କାରଣ ଜାଣିବା ପାଇଁ ମଧ୍ୟ ଉଦ୍ୟମ ଜାରି ରହିଛି। ଅଧିକାରୀମାନେ ବସରେ ଥିବା ଯାତ୍ରୀମାନଙ୍କୁ ପଚରାଉଚରା କରୁଛନ୍ତି।

### ଟ୍ରେଲର-ଏସୟୁଭି ଧକ୍କା : ୭ ଶ୍ରମିକ ମୃତ

ଭାବନଗର: ଗୁଜରାଟର ଭାବନଗର ଜିଲ୍ଲାରେ ମଙ୍ଗଳବାର ପୂର୍ବାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାଜପଥକଡ଼ରେ ପାର୍କ ହୋଇଥିବା ଏକ ଟ୍ରେଲର୍ ଟ୍ରକ୍ ପଛରେ ଏକ ଦ୍ରୁତଗାମୀ ଏସୟୁଭି (ବୋଲେରୋ) ପିଟିହେବା ଯୋଗୁଁ ୭ ଜଣଙ୍କର ମୃତ୍ୟୁ ଘଟିଛି ବୋଲି ପୁଲିସ ସୂଚନା ଦେଇଛି। ଜିଲ୍ଲା ଏସ୍ପି ନୀତେଶ ପାଣ୍ଡେ ଜଣାଇଛନ୍ତି ଯେ, ମୃତକମାନେ ସମସ୍ତେ ଭାବନଗରରୁ ଆଲାଙ୍ଗ ଅଞ୍ଚଳକୁ ଯାଉଥିଲେ, ଯେଉଁଠାରେ ସେମାନେ ଏକ ସିପ୍ୟାର୍ଡରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ପୁଲିସର ସୂଚନା ଅନୁଯାୟୀ, ଭାବନଗର-ସୋମନାଥ ଜାତୀୟ ରାଜପଥର ତଲାଜା ତାଲୁକ ଅଧୀନରେ ଥିବା ତ୍ରାପଜ ଗ୍ରାମ ନିକଟସ୍ଥ ସର୍ଭିସ୍ ରୋଡ୍‌ରେ ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଏହି ଭୟଙ୍କର ଦୁର୍ଘଟଣା ଘଟିଛି। ଟ୍ରେଲର ସହ ପ୍ରଚଣ୍ଡ ଧକ୍କା ଯୋଗୁଁ ଘଟଣାସ୍ଥଳରେ ହିଁ ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ବ୍ୟକ୍ତି ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ଘଟଣାର ପ୍ରତ୍ୟକ୍ଷଦର୍ଶୀମାନେ ପ୍ରକାଶ କରିଛନ୍ତି ଯେ, ଏହି ମୁହାଁମୁହିଁ ଧକ୍କାର ପ୍ରଭାବ ଏତେ ଭୟଙ୍କର ଥିଲା ଯେ ସ୍ଥିର ଠିଆ ହୋଇଥିବା ଟ୍ରେଲର୍ଟି ମଧ୍ୟ ଆଗକୁ ଠେଲି ହୋଇ ଚାଲିଯାଇଥିଲା।

### ସମସ୍ତ ପକ୍ଷଙ୍କୁ ଅପିଲ୍ କଲେ ଜାତିସଂଘ ମହାସଚିବ

# ଗାଜାରେ ଯୁଦ୍ଧ ବନ୍ଦ ହେଉ

ଜେନେଭା : ୭ ଅକ୍ଟୋବର ୨୦୨୩ ଆକ୍ରମଣର ତୃତୀୟ ବାର୍ଷିକୀ ପୂର୍ବରୁ ଗାଜାରେ ସ୍ଥାୟୀ ଅସ୍ତ୍ରବିରତି ପାଇଁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ସମସ୍ତ ପକ୍ଷଙ୍କୁ ଅପିଲ୍ କରିଛନ୍ତି।ସେ କହିଛନ୍ତି ଯେ, ସେହି ଆକ୍ରମଣର ଭୟାବହତା କେବେ ପୁନରାବୃତ୍ତି ହେବା ଉଚିତ୍ ନୁହେଁ। ଗାଜାରେ ସଂଘର୍ଷ ଶେଷ ହେବା ଆବଶ୍ୟକ। ୭ ଅକ୍ଟୋବର ୨୦୨୩ରେ, ପାଲେଷ୍ଟାଇନୀ ଆତଙ୍କବାଦୀ ଗୋଷ୍ଠୀ ହମାସ ଗାଜାରୁ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା। ଯେଉଁଥିରେ ପ୍ରାୟ ୧,୨୦୦ ଲୋକଙ୍କୁ ହତ୍ୟା କରାଯାଇଥିଲା ଏବଂ ୨୫୧ ଜଣଙ୍କୁ ବନ୍ଧକ କରାଯାଇଥିଲା। ଏହାର ପାଲଟା ଜବାବରେ ଇସ୍ରାଏଲ ଗାଜାରେ ହମାସ ବିରୋଧରେ ଏକ ବଡ଼ ଧରଣର ସାମରିକ ଅଭିଯାନ ଆରମ୍ଭ କରିଥିଲା। ସମ୍ବାଦ ସରବରାହ ସଂସ୍ଥା ଅନୁଯାୟୀ ଏହି ସଂଘର୍ଷରେ ଅତି କମରେ ୭୪ ହଜାର ୨ ଶହରୁ ଅଧିକ ପାଲେଷ୍ଟାଇନୀ ନିହତ ହୋଇଛନ୍ତି। ଜାତିସଂଘର ମହାସଚିବ କହିଛନ୍ତି ଯେ, ଆକ୍ରମଣ ପରେ ହୋଇଥିବା ଭୟଙ୍କର ଯୁଦ୍ଧ ଗାଜାରେ



ପାଲେଷ୍ଟାଇନୀମାନଙ୍କ ପାଇଁ ଅକଥନୀୟ ଯନ୍ତ୍ରଣା ଆଣିଛି। ବହୁ ସଂଖ୍ୟକ ଲୋକ ପ୍ରାଣ ହରାଇଛନ୍ତି, ବିସ୍ଥାପିତ ହୋଇଛନ୍ତି ଏବଂ ବ୍ୟାପକ ଧ୍ୱଂସ ଘଟିଛି। ସାଧାରଣ ଲୋକମାନେ ଅତ୍ୟନ୍ତ କଠିନ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କର ଦୁଃଖ ଏବେ ଶେଷ ହେବା ଆବଶ୍ୟକ। ଗାଜାରେ ସଂଘର୍ଷ ଶେଷ ସେ କହିଛନ୍ତି ଗତ ବର୍ଷର ଅସ୍ତ୍ରବିରତି କିଛି ଆଶ୍ୱସ୍ତି ପ୍ରଦାନ କରିଥିଲେ ମଧ୍ୟ, ଲୋକମାନଙ୍କୁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୁରକ୍ଷା, ପର୍ଯ୍ୟାପ୍ତ ମାନବୀୟ ସହାୟତା କିମ୍ବା ପରିସ୍ଥିତିରେ ଉନ୍ନତି ଆଣିବା ଏବଂ ଶାନ୍ତି ପ୍ରତିଷ୍ଠା ପାଇଁ ଏକ ନିର୍ଭରଯୋଗ୍ୟ ପଥ ମିଳିନାହିଁ। ମୁଁ ସମସ୍ତ ପକ୍ଷଙ୍କୁ ସେମାନଙ୍କର ପ୍ରତିଶ୍ରୁତିକୁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରିବାକୁ ଏବଂ ଅସ୍ତ୍ରବିରତିର ପରବର୍ତ୍ତୀ ପର୍ଯ୍ୟାୟକୁ ଯିବାକୁ ନିବେଦନ କରୁଛି। ବର୍ତ୍ତମାନ ଅସ୍ତ୍ରବିରତିକୁ ସ୍ଥାୟୀ କରିବାର ସମୟ ଆସିଛି। ଏବେ ବଡ଼ ଧରଣର ମାନବିକ ସହାୟତା ଉପଲବ୍ଧ କରାଇବାକୁ ଅନୁମତି ଦେବା ଏବଂ ଅନ୍ତର୍ଜାତୀୟ ଆଇନକୁ ସମ୍ମାନ ଦେବାର ସମୟ ମଧ୍ୟ ଆସିଛି।ସେ କହିଛନ୍ତି ଯେ ସମଗ୍ର ଅଞ୍ଚଳରେ ସ୍ଥାୟୀ ଶାନ୍ତି ହାସଲ କରିବା ପାଇଁ ଏକ ରାଜନୈତିକ ପଥ ଆବଶ୍ୟକ, ଜାତିସଂଘ ଏହି ଲକ୍ଷ୍ୟଗୁଡ଼ିକ ପ୍ରତି ନିଜର ପ୍ରତିବଦ୍ଧତା ନେଇ ଅଟଳ ରହିଛି। ଏହି ବାର୍ଷିକୀ କେବଳ ଦୁଃଖର ଆଉ ଏକ ବର୍ଷ ନୁହେଁ, ବରଂ ଏକ ଭିନ୍ନ ଭବିଷ୍ୟତ ନିର୍ମାଣ ପାଇଁ ଆମର ସଂକଳ୍ପକୁ ଆହୁରି ମଜବୁତ କରୁ। ଏପରି ଏକ ଭବିଷ୍ୟତ ଯେଉଁଠାରେ ଇସ୍ରାଏଲୀ ଏବଂ ପାଲେଷ୍ଟାଇନୀମାନେ ସେମାନଙ୍କ ଅଧିକାର, ମର୍ଯ୍ୟାଦା ଏବଂ ଆକାଂକ୍ଷା ପୂରଣ ସହିତ ଶାନ୍ତି ଏବଂ ସୁରକ୍ଷାରେ ପଡ଼ୋଶୀ ଭାବରେ ଏକାଠି ରହିପାରିବେ।

## ହର୍ମୁଜରେ କ୍ଷେପଣାସ୍ତ୍ର ମାଡ଼

### ● ୧୧ ଭାରତୀୟ ଆହତ



ନୂଆଦିଲ୍ଲୀ: ଓମାନ ଉପକୂଳ ନିକଟସ୍ଥ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ୍ ପ୍ରଣାଳୀ ଦେଇ ଗତି କରୁଥିବା ପାନାମା ପତାକାଧାରୀ ଏକ ବାଣିଜ୍ୟିକ ମାଲ୍‌ବାହୀ ଜାହାଜ ଉପରେ ହୋଇଥିବା ଭୟଙ୍କର କ୍ଷେପଣାସ୍ତ୍ର ମାଡ଼କୁ ଭାରତ ମଙ୍ଗଳବାର ଦୃଢ଼ ନିନ୍ଦା କରିଛି। ଏହି ସାଂଘାତିକ ଆକ୍ରମଣରେ ଜାହାଜରେ ଥିବା ୧୭ ଜଣ ଭାରତୀୟ ନାଗରିକଙ୍କ ମଧ୍ୟରୁ ପ୍ରାୟ ୧୧ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ସାଧାରଣ ନାଗରିକ, ବାଣିଜ୍ୟିକ ଜାହାଜ ଏବଂ ସାମୁଦ୍ରିକ ନାବିକମାନଙ୍କ ଉପରେ ହେଉଥିବା ଏଭଳି ବର୍ବର ଆକ୍ରମଣକୁ ତୁରନ୍ତ ବନ୍ଦ କରିବା ସହ ଆନ୍ତର୍ଜାତୀୟ ଜଳପଥରେ ମୁକ୍ତ ବାଣିଜ୍ୟ କାରବାର ସ୍ୱାଭାବିକ କରିବାକୁ ଭାରତ ପକ୍ଷରୁ ଜୋରଦାର ଦାବି କରାଯାଇଛି। ଭାରତର ବୈଦେଶିକ ମନ୍ତ୍ରାଳୟ ମୁଖପାତ୍ର ରଣଧୀର ଜୈସୱାଲ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ସୋମବାର ଓମାନ ଉପକୂଳର ହର୍ମୁଜ୍ ପ୍ରଣାଳୀ ଦେଇ ଅତିକ୍ରମ କରୁଥିବା ସମୟରେ ବାଣିଜ୍ୟିକ ଟ୍ୟାଙ୍କର ଜାହାଜ 'ଏମଟି ଅନ୍ ପିସ୍' ଉପରେ ଏକ ଅଜ୍ଞାତ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା। ଜାହାଜରେ ଥିବା ମୋଟ ୧୯ ଜଣ ପରିଚାଳକ ସଦସ୍ୟଙ୍କ ମଧ୍ୟରୁ ୧୭ ଜଣ ଭାରତୀୟ ନାଗରିକ ଥିଲେ।

## ପ୍ରତିଷ୍ଠିତ ଲେଖକ ଜେଫ୍ରୀ ଆର୍ଚରଙ୍କ ପରଲୋକ

ଲଣ୍ଡନ : ବିଶ୍ୱର ଅନ୍ୟତମ ପ୍ରତିଷ୍ଠିତ ବ୍ରିଟିଶ ଲେଖକ ତଥା ପୂର୍ବତନ ରାଜନେତା ଜେଫ୍ରୀ ଆର୍ଚରଙ୍କ ଦେହାନ୍ତ। ୮୬ ବର୍ଷ ବୟସରେ ସେ ନିଜର ଲଣ୍ଡନ ସ୍ଥିତ ଘରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ଶୋଇଥିବା ବେଳେ 'ହଠାତ ଓ ଶାନ୍ତିପୂର୍ଣ୍ଣ' ଭାବେ ସମସ୍ତଙ୍କୁ ଛାଡ଼ି ଚାଲି ଯାଇଥିବା ପରିବାର ଲୋକ ସୂଚନା ଦେଇଛନ୍ତି। ଆର୍ଚରଙ୍କ ମୃତ୍ୟୁ ଖବରକୁ ତାଙ୍କ ପବ୍ଲିଶର ହାର୍ପରକଲିନ୍ସ ପକ୍ଷରୁ ମଧ୍ୟ ନିଶ୍ଚିତ କରାଯାଇଛି। ଦୀର୍ଘ ୫ ଦଶନ୍ଧି ଧରି ଆର୍ଚରଙ୍କ ଦ୍ୱାରା ଲେଖାଯାଇଥିବା ପ୍ରାୟ ୩୦୦ ମିଲିୟନ ବହି ବିକ୍ରି ହୋଇଛି। ବ୍ରିଟେନରେ



ତାଙ୍କ ଛଡ଼ା ଆଉ କୌଣସି ଲେଖକଙ୍କ ଏତେ ବହି କେବେ ବି ବିକ୍ରି ହେବାର ନଜିର ନାହିଁ। 'କେନ୍ ଆଣ୍ଡ ଏବଲ୍' ଓ 'ଦ କ୍ଲିଫ୍ଟନ୍ କ୍ରୋନିକଲ୍ସ' ଭଳି ଉପନ୍ୟାସ ପାଇଁ ଆର୍ଚର ବେଶ ପରିଚିତ ଥିଲେ। ତାଙ୍କର ଶେଷ ଉପନ୍ୟାସ 'ଆଡମ୍ ଆଣ୍ଡ ଇଭ୍' ଅକ୍ଟୋବର ୬ ଅର୍ଥାତ ଆଜି ପ୍ରକାଶ ପାଇବାକୁ ଥିଲା। ଶନିବାର ଚେଲ୍ଟେନହାମ୍ ଫେଷ୍ଟିଭାଲରେ ଆର୍ଚର ଯୋଗଦେଇ ଏହି ବହି ବିଷୟରେ ଆଲୋଚନା କରି ଥାଆନ୍ତେ। କିନ୍ତୁ ଏବେ ସବୁ କିଛି ଅଧାରେ ରହି ଯାଇଛି। ହାର୍ପରକଲିନ୍ସର ୟୁକେ ସିଇଓ ତଥା ଆର୍ଚରଙ୍କ ସମ୍ପାଦକ କେଟ୍ ଏଲଟନ୍ ଗୋଟିଏ ବିବୃତିରେ କହିଛନ୍ତି, "ପିଢ଼ି ପରେ ପିଢ଼ି ପାଠକଙ୍କୁ ଆନନ୍ଦ ଦେଇଥିବା ଜଣେ ଲେଖକ ଓ ଜଣେ ବନ୍ଧୁଙ୍କୁ ହରାଇ ଆମେ ସମସ୍ତେ ଗଭୀର ଭାବେ ମର୍ମାହତ।" ହାର୍ପରକଲିନ୍ସ ଆର୍ଚରଙ୍କୁ ଜଣେ ମାଷ୍ଟର୍ ଷ୍ଟୋରିଟେଲର୍ ଭାବେ ଚିତ୍ରଣ କରିଛି।୧୯୪୦ ମସିହା ଏପ୍ରିଲ ୧୫ରେ ଉତ୍ତର ଲଣ୍ଡନରେ ଜନ୍ମ ଗ୍ରହଣ କରିଥିଲେ ଆର୍ଚର। ପରବର୍ତ୍ତୀ ସମୟରେ ସେ ସମରସେଟ୍‌ର ୱେଷ୍ଟନ୍-ସୁପର୍-ମେର୍‌କୁ ଚାଲିଯାଇଥିଲେ। ଲେଖାଲେଖିକୁ ପସନ୍ଦ କରୁଥିବା ଆର୍ଚର ୧୯୬୯ରେ ରାଜନୀତିରେ ପ୍ରବେଶ କରିଥିଲେ।କଞ୍ଜରଭେଟିଭ୍ ପାର୍ଟି ପକ୍ଷରୁ ଲାଉଥ୍ ଆସନର ସାଂସଦ ଭାବେ ସେ ନିର୍ବାଚିତ ମଧ୍ୟ ହୋଇଥିଲେ। ଏକଦା ସେ କଞ୍ଜରଭେଟିଭ୍ ପାର୍ଟିର ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ନେଇଥିଲେ। ତେବେ ଏକ ଅପରାଧିକ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କ ରାଜନୀତିକ ଜୀବନ ଭିନ୍ନ ମୋଡ ନେଇଥିଲା। ଡେଲି ଷ୍ଟାର୍ ବିରୋଧରେ ସେ ଆଣିଥିବା ମାନହାନୀ ଅଭିଯୋଗ ତାଙ୍କ ପାଇଁ ବୁମେରାଂ ହୋଇଥିଲା। ଏହି ମାମଲାର ନ୍ୟାୟିକ ପ୍ରକ୍ରିୟାକୁ ପ୍ରଭାବିତ କରିବା ଭଳି ଘଟଣାରେ ଆର୍ଚରଙ୍କୁ ୨୦୦୧ରେ ୪ ବର୍ଷ ପାଇଁ ଜେଲ୍ ଦଣ୍ଡ ମିଳିଥିଲା। ଏହି ମାମଲାରେ ସେ ୫ ଲକ୍ଷ ପାଉଣ୍ଡ କ୍ଷତିପୂରଣ ଜିତିଥିଲେ।ପ୍ରାୟ ୨ ବର୍ଷ ଜେଲରେ ରହିବା ପରେ ୨୦୦୩ରେ ସେ ମୁକୁଳିଥିଲେ ଓ ପରେ ହାଉସ୍ ଅଫ୍ ଲର୍ଡସ୍‌କୁ ଫେରିଥିଲେ। ୨୦୨୪ରେ ଅବସର ନେବା ପର୍ଯ୍ୟନ୍ତ ସେ ସେଠାରେ ରହିଥିଲେ।

## ନାଇଜେରିଆ ଏୟାର ଫୋର୍ସ ବିମାନ କ୍ରାଶ, ୩୨ ମୃତ

ଲାଗୋସ : ନାଇଜେରିଆ ବାୟୁ ସେନାର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦେଶର ଦକ୍ଷିଣପଶ୍ଚିମ ପ୍ରାନ୍ତରେ ଥିବା ଓନଡୋରେ ବିମାଟି କ୍ରାଶ କରି ଯାଇଛି। ଏଥିଯୋଗୁ ବିମାନରେ ଥିବା ସମସ୍ତ ୩୨ ଜଣଙ୍କ ମୃତ୍ୟୁ ଘଟିଥିବା ସ୍ପଷ୍ଟ କରିଛନ୍ତି ନାଇଜେରିଆର ରାଷ୍ଟ୍ରପତି ବୋଲା ତିନୁବୁ।ବାୟୁସେନାର ଏହି ବିମାନଟି ବେନିନ ସିଟ୍ରୁ ରୁଟିନ ମିଶନରେ ବାହାରି ଥିଲା। ଏହା ଦେଶର ଅର୍ଥନୀତିକ ପେଣ୍ଠସ୍ଥଳ ଲାଗୋସକୁ ଯାଉଥିଲା। କିନ୍ତୁ ସ୍ଥାନୀୟ ସମୟ ସକାଳ ୯ଟା ବେଳେ ବିମାନଟି ହଠାତ୍ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇଥିଲା ଓ ଓନଡୋ ରାଜ୍ୟର ଇଗବୋକୋଡା ଠାରେ କ୍ରାଶ କରି ଯାଇଥିଲା ବୋଲି ନାଇଜେରିଆ ବାୟୁସେନା ସ୍ପଷ୍ଟ କରିଛି। ରାଷ୍ଟ୍ରପତି ତିନୁବୁଙ୍କ ଅଫିସ ପକ୍ଷରୁ ଜାରି ଗୋଟିଏ ବିବୃତିରେ କୁହାଯାଇଛି ଯେ ବିମାନରେ ୨୫ ଜଣ ଯାତ୍ରୀ ଓ ୭ ଜଣ କ୍ରୁ ସଦସ୍ୟ ଥିଲେ। ଦୁର୍ଘଟଣାରେ



ସମସ୍ତ ୩୨ ଜଣ ପ୍ରାଣ ହରାଇଛନ୍ତି। ରାଷ୍ଟ୍ରପତି ସମସ୍ତଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇବା ସହ ମୃତକଙ୍କ ଆତ୍ମାର ସଦଗତି କାମନା କରିଛନ୍ତି। ଏହା ଦେଶର ସଶସ୍ତ୍ର ବଳ ଓ ପୂରା ନାଇଜେରିଆ ପାଇଁ ଗୋଟିଏ ଯନ୍ତ୍ରଣାଦାୟକ ମୁହୂର୍ତ୍ତ ବୋଲି ବିବୃତିରେ କୁହାଯାଇଛି। ତେବେ ମୃତକଙ୍କ ପରିଚୟ ସମ୍ପର୍କରେ ବିବୃତିରେ କିଛି ବି କୁହାଯାଇ ନାହିଁ। ଏହାପୂର୍ବରୁ ନାଇଜେରିଆର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଫେଷ୍ଟୁସଚ କିୟାମୋ କହିଥିଲେ ଯେ ବିମାନଟି ଗୋଟିଏ ନୌସେନା ବେସ୍ ନିକଟରେ କ୍ରାଶ କରି ଯାଇଛି। ଦୁର୍ଘଟଣାଗ୍ରସ୍ତ ଏଟିଆର-୪୨ ଗୋଟିଏ ଦୁଇ ଇଞ୍ଜିନ ବିଶିଷ୍ଟ ବିମାନ। ଏଥିରେ ସର୍ବାଧିକ ୩୦ରୁ ୫୦ ଜଣ ଲୋକ ଯାତ୍ରା କରିପାରିବେ। ସାମ୍ନାକୁ ଆସିଥିବା ଭିଡିଓରେ ଦେଖିବାକୁ ମିଳୁଛି ଯେ ଗୋଟିଏ ଖୋଲା ସ୍ଥାନରେ ଅନେକ ଲୋକ ରୁଣ୍ଡ ହୋଇଛନ୍ତି। ସେହିପରି ସେଠାରେ ବିମାନଟି ଛିନଛତ୍ର ହୋଇ ପଡ଼ି ରହିଛି। ଦୁର୍ଘଟଣା ପରେ ବିମାନଟି ଜଳି ଯାଇଥିବା ମଧ୍ୟ ଦେଖାଯାଉଛି। ଘଟଣାକୁ ନେଇ ପୂରା ଦେଶରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ରାଷ୍ଟ୍ରପତି ବାୟୁସେନାକୁ ତୁରନ୍ତ ତଦନ୍ତ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କେଉଁ ପରିସ୍ଥିତିରେ ବିମାନଟି କ୍ରାଶ ହେଲା ଓ ଭବିଷ୍ୟତରେ ଯେମିତି ଏହାର ପୁନରାବୃତ୍ତି ନ ହେବ, ତା'କୁ ନିଶ୍ଚିତ କରିବାକୁ କହିଛନ୍ତି ରାଷ୍ଟ୍ରପତି ତିନୁବୁ।

## ସମନ୍ୱିତ ପରିବହନ ଓ ଲଜିଷ୍ଟିକ୍ସ ପ୍ରାଧିକରଣ ଗଠନକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ମଙ୍ଗଳବାର ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ସଂସ୍ଥା- ସମନ୍ୱିତ ପରିବହନ ଏବଂ ଲଜିଷ୍ଟିକ୍ସ ପ୍ରାଧିକରଣ - ଆଇଟିଏଲଏ ପ୍ରତିଷ୍ଠାକୁ ଅନୁମୋଦନ କରିଛି ।ଏହାପରିବହନ ଏବଂ ଲଜିଷ୍ଟିକ୍ସର ବ୍ୟାପକ କ୍ଷେତ୍ର ମଧ୍ୟରେ ଗବେଷଣା, ଯୋଜନାପ୍ରସ୍ତୁତି, ମୂଲ୍ୟାଙ୍କନ, ତଦାରଖ ଏବଂ ପ୍ରଭାବ ମୂଲ୍ୟାଙ୍କନକୁ ସୁଦୃଢ଼ କରିବ । ବିଭିନ୍ନ ପରିବହନସହଜଡ଼ିତ ମନ୍ତ୍ରଣାଳୟ ଏବଂ ଏଜେନ୍ସି ମଧ୍ୟରେ ବିଖଣ୍ଡିତ ଯୋଜନା ପ୍ରସ୍ତୁତିଏବଂ କାର୍ଯ୍ୟକାରିତା ଉପୁଜିଥିବା ଦୀର୍ଘକାଳୀନଆହ୍ୱାନଗୁଡ଼ିକୁ ସମାଧାନ କରିବାରେକ୍ୟାବିନେଟରଏହିନିଷ୍ପତ୍ତିସହାୟକହୋଇପାରିବ । ଏହାମଧ୍ୟ ଅଧିକ ସମନ୍ୱୟ ଏବଂ ବହୁମୁଖୀ ସମନ୍ୱୟକୁ ପ୍ରୋତ୍ସାହିତ କରିବ ।ଆଇଟିଏଲଏଭାରତରେ ପରିବହନ ଭିତ୍ତିଭୂମି ବିକାଶର ଦକ୍ଷତା, ସ୍ଥାୟୀତ୍ୱ ଏବଂ ପ୍ରଭାବକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଆଇଟିଏଲଏର ପ୍ରତିଷ୍ଠା ଭାରତର 'ଭିଜନ୍ ୨୦୪୭'କୁ ସାକାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହା ବହୁମୁଖି ସଂଯୋଗୀକରଣକୁ ସୁଦୃଢ଼ କରିବା, ଭିତ୍ତିଭୂମିର ଦକ୍ଷତା ବୃଦ୍ଧି କରିବା, ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବା ଏବଂ ବିଶ୍ୱସ୍ତରୀୟ ଲଜିଷ୍ଟିକ୍ସ କ୍ଷେତ୍ରରେ ଭାରତର ପ୍ରତିଯୋଗିତାମୂଳକ କ୍ଷମତା ବୃଦ୍ଧି କରିବାରେ ସହାୟକ ହେବ ।

## ୪ ରାଜ୍ୟର ୫ ବିଧାନସଭା, ୧ ଲୋକସଭା ଆସନରେ ଭୋଟ୍ ଗ୍ରହଣ

ନୂଆଦିଲ୍ଲୀ: ଦେଶର ୪ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୫ଟି ବିଧାନସଭା ଆସନ ଏବଂ ଗୋଟିଏ ଲୋକସଭା ଆସନ ପାଇଁ ଆଜି ଅନୁଷ୍ଠିତ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଉପନିର୍ବାଚନର ମତଦାନ ସନ୍ଧ୍ୟାରେ ଶେଷ ହୋଇଛି। ପଶ୍ଚିମବଙ୍ଗର ଚର୍ଚ୍ଚିତ ନନ୍ଦୀଗ୍ରାମ ଏବଂ ରେଜିନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ସନ୍ଧ୍ୟା ୬ଟା ସୁଦ୍ଧା ମତଦାନ ସମ୍ପୂର୍ଣ୍ଣ ହୋଇଥିବା ନେଇ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ନିର୍ଦ୍ଧାରିତ ସମୟ ସୀମା ଶେଷ ହୋଇଥିଲେ ହେଁ ଧାଡ଼ିରେ ଠିଆ ହୋଇଥିବା ମତଦାତାଙ୍କୁ ସେମାନଙ୍କ ଗାଣତନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବା ପାଇଁ ଅନୁମତି ପ୍ରଦାନ କରାଯାଇଛି। ଉଭୟ ଆସନରେ ପ୍ରାୟ ୭୯ ପ୍ରତିଶତ ଭୋଟର ନିଜର ମତ ଦେଇଛନ୍ତି। କିଛି ସୀମିତ ସ୍ଥାନରେ ରାଜନୈତିକ ବିଶୃଙ୍ଖଳା ଦେଖାଦେବା ବାଦ୍ ନିର୍ବାଚନ ପ୍ରକ୍ରିୟା ମୁଖ୍ୟତଃ ଶାନ୍ତିପୂର୍ଣ୍ଣ ରହିଛି ।ସରକାରୀ ତଥ୍ୟ ଅନୁଯାୟୀ, ପୂର୍ବ ମେଦିନୀପୁର ଜିଲ୍ଲାର ନନ୍ଦୀଗ୍ରାମରେ ୭୯.୩୯ ପ୍ରତିଶତ ଏବଂ ମୁର୍ଶିଦାବାଦର ରେଜିନଗରରେ ୭୮.୪୨ ପ୍ରତିଶତ ଭୋଟ୍ ରେକର୍ଡ କରାଯାଇଛି। ମାତ୍ର ନନ୍ଦୀଗ୍ରାମର କଂଗ୍ରେସ ପ୍ରାର୍ଥୀ ମିଳନ ପ୍ରଧାନ ସ୍ଥାନୀୟ ପୁଲିସ ଏବଂ କେନ୍ଦ୍ରୀୟ ସୁରକ୍ଷାବାହିନୀ ନିରପେକ୍ଷ ନରହି ଶାସକ ଦଳ ସପକ୍ଷରେ ପକ୍ଷପାତପୂର୍ଣ୍ଣ କାର୍ଯ୍ୟ କରିଥିବା ଏବଂ ବ୍ୟାପକ ଭୋଟ୍ ଲୁଟ୍ କରିଥିବା ନେଇ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଏହି କାରଣରୁ ପଶ୍ଚିମବଙ୍ଗ ପ୍ରଦେଶ କଂଗ୍ରେସ ସଭାପତି ଶୁଭଙ୍କର ସରକାର ଉଭୟ ନନ୍ଦୀଗ୍ରାମ ଓ ରେଜିନଗର ଆସନର ନିର୍ବାଚନକୁ ସମ୍ପୂର୍ଣ୍ଣ ରଦ୍ଦ କରି ମିଳିତ ଭାବେ ପୁନଃ ନିର୍ବାଚନ କରିବାକୁ ଦୃଢ଼ ଦାବି କରିଛନ୍ତି। ସେହିପରି ରେଜିନଗରର କଂଗ୍ରେସ ପ୍ରାର୍ଥୀ ମହମ୍ମଦ ଅବଦୁଲ୍ଲାହିଲ କାଫି ଏହି ଉପନିର୍ବାଚନକୁ ବାତିଲ କରି ସଦ୍ୟ ନିର୍ବାଚନ କରିବା ଦାବିରେ ସ୍ଥାନୀୟ ଥାନା ବାହାରେ ଧାରଣାରେ ବସି ରହିଛନ୍ତି। ଅପରପକ୍ଷରେ, ଆସାମର ନାଗାଓଁ ଲୋକସଭା ଆସନରେ ଆଜି ସନ୍ଧ୍ୟା ୫ ଟା ସମୟରେ ମତଦାନ ଶେଷ ହୋଇଛି, ଯେଉଁଥିରେ ପ୍ରାୟ ୧୯.୦୫ ଲକ୍ଷ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି ଏବଂ ଏଠାରେ ମୋଟ ମତଦାନ ହାର ପ୍ରାୟ ୭୬ ପ୍ରତିଶତ ରହିଛି। ତାମିଲନାଡୁର ଦୁଇଟି ବିଧାନସଭା ଆସନ ଯଥା ଚେଙ୍ଗଲପଟ୍ଟୁ ଜିଲ୍ଲାର ମଦୁରନ୍ତକମ୍ (ଏସ୍ସି) ଏବଂ ତିରୁପୁରର ଧାରାପୁରମ (ଏସ୍ସି) ରେ ମଧ୍ୟଭୋଟ୍ ଗ୍ରହଣ କରାଯାଇଛି।

## ପରମ୍ପରା ଭାଙ୍ଗିଲେ ସିଜେଆଇ : ଶପଥ ନେଲେ ୩ ବିଚାରପତି

ନୂଆଦିଲ୍ଲୀ : ଭାରତର ମୁଖ୍ୟ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ ଦୀର୍ଘ ଦିନର ପ୍ରଥା ଭାଙ୍ଗି ସୁପ୍ରିମକୋର୍ଟରେ ତିନି ଜଣ ନୂଆ ବିଚାରପତିଙ୍କ ଶପଥ ଗ୍ରହଣ ସମୟରେ ପରିବର୍ତ୍ତନ କରିଛନ୍ତି। ମଙ୍ଗଳବାର ଅପରାହ୍ନ ୩:୩୦ ମିନିଟରେ ଜଷ୍ଟିସ ସୁନୀତା ଅଗ୍ରୱାଲ, ଜଷ୍ଟିସ ଦେବେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ଜଷ୍ଟିସ ଅପରେଶ କୁମାର ସିଂହ ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି। ୧୯୫୦ ମସିହାରେ ସୁପ୍ରିମକୋର୍ଟ ପ୍ରତିଷ୍ଠା ହେବା ପରଠାରୁ ସକାଳ ୧୦:୩୦ ବଦଳରେ ଅପରାହ୍ନରେ ଶପଥ ଗ୍ରହଣ ଅନୁଷ୍ଠିତ ହେବା ପ୍ରଥମ ଐତିହାସିକ ଘଟଣା। କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କ ସୂଚନା ଅନୁଯାୟୀ, ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ଗୁଜରାଟ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ସୁନୀତା ଅଗ୍ରୱାଲ, ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଦେବେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ତେଲେଙ୍ଗାନା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଅପରେଶ କୁମାର ସିଂହଙ୍କୁ ସୁପ୍ରିମକୋର୍ଟର ବିଚାରପତି ଭାବେ ନିଯୁକ୍ତି ଦିଆଯାଇଛି। ସେପ୍ଟେମ୍ବର ୨୮ ତାରିଖରେ ସିଜେଆଇ ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱାଧୀନ କଲେଜିୟମ୍ ଏହି ନାମଗୁଡ଼ିକୁ ସୁପାରିଶ କରିଥିଲେ।

## ସ୍ୱତନ୍ତ୍ର ଭରଦ୍ୱାଜଙ୍କୁ ମିଳିଲା ଜାମିନ

ନୂଆଦିଲ୍ଲୀ: କକ୍ରୋଚ୍ ଜନତା ପାର୍ଟି(ସିଜେପି)ର ଜନ୍ତରମନ୍ତର ପ୍ରତିବାଦ ସମୟରେ ନିଶୁ ଆଜାଦଙ୍କ ପିତାଙ୍କ ଉପରେ ଆକ୍ରମଣ ମାମଲାରେ ଅଭିଯୁକ୍ତ ସ୍ୱତନ୍ତ୍ର ଭରଦ୍ୱାଜଙ୍କୁ କୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ଦେଇଛନ୍ତି। ସ୍ୱତନ୍ତ୍ରଙ୍କୁ ବର୍ତ୍ତମାନ ନିୟମିତ ଜାମିନ ମିଳିଛି। ପୂର୍ବରୁ ସେ ମଧ୍ୟବର୍ତ୍ତୀକାଳୀନ ଜାମିନରେ ଥିଲେ। କୋର୍ଟ ସ୍ୱତନ୍ତ୍ର ଭରଦ୍ୱାଜଙ୍କ ଉପରେ କଠୋର ସର୍ତ୍ତାବଳୀ ଲଗାଇଛନ୍ତି। ଜାମିନ ସର୍ତ୍ତାବଳୀ ସମ୍ପର୍କରେ ଏକ ବିସ୍ତୃତ ନିର୍ଦ୍ଦେଶ ପରେ ଜାରି କରାଯିବ ବୋଲି ସୂଚନା ମିଳିଛି ।ଅଭିଯୁକ୍ତ ସ୍ୱତନ୍ତ୍ର ଭରଦ୍ୱାଜଙ୍କୁ ପଟିଆଲା ହାଉସ କୋର୍ଟରୁ ଆଶ୍ୱସ୍ତି ମିଳିଛି। ଅତିରିକ୍ତ ସେସନ୍ସ ଜଜ୍ ସୌରଭ ପ୍ରତାପ ସିଂହ ସ୍ୱତନ୍ତ୍ର ଭରଦ୍ୱାଜଙ୍କୁ ନିୟମିତ ଜାମିନ ପ୍ରଦାନ କରିଛନ୍ତି। ପୂର୍ବରୁ, ସେପ୍ଟେମ୍ବର ୧୫ ତାରିଖରେ କୋର୍ଟ ତାଙ୍କୁ ତିନି ସପ୍ତାହ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ଶୁଣାଣି ସମୟରେ ସ୍ୱତନ୍ତ୍ର ଭରଦ୍ୱାଜଙ୍କ ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ଉମେଶ ଶର୍ମା କହିଥିଲେ ଯେ, ତାଙ୍କୁ ରାଜନୈତିକ କାରଣରୁ ଫସାଇ ଦିଆଯାଇଛି। ତାଙ୍କୁ ଏସସି/ଏସଟି ଆଇନ ଅନୁଯାୟୀ ଗିରଫ କରାଯାଇଥିଲା, କିନ୍ତୁ ପରେ ତାଙ୍କ ବିରୋଧରେ ପୋକ୍ସୋ ଆଇନ ଅନୁଯାୟୀ ଏକ ଏଫଆଇଆର ରୁଜୁ କରାଯାଇଥିଲା। ସ୍ୱତନ୍ତ୍ର ଭରଦ୍ୱାଜଙ୍କୁ ସେପ୍ଟେମ୍ବର ୪ ତାରିଖରେ ଉତ୍ତର ପ୍ରଦେଶର ବୁଲନ୍ଦସହରରୁ ଗିରଫ କରାଯାଇଥିଲା। ଏକ ପୋଡକାଷ୍ଟରେ ସେ ମାଡ଼ ମାରିଥିବା ସ୍ୱୀକାର କରିବା ପରେ ତାଙ୍କ ଗିରଫଦାରୀ ହୋଇଥିଲା। ସେ ନିଶୁ ଆଜାଦଙ୍କ ପିତାଙ୍କ ମୁଣ୍ଡରେ ଆଘାତ କରିଥିଲେ। ଏହି ପୋଡକାଷ୍ଟ ପରେ ସିଜେପି ଏବଂ ଅନ୍ୟ ରାଜନୈତିକ ଦଳର କର୍ମୀମାନେ ପାର୍ଲିଆମେଣ୍ଟ ଷ୍ଟ୍ରିଟ୍ ପୁଲିସ ଷ୍ଟେସନରେ ପ୍ରତିବାଦ କରିଥିଲେ।ପ୍ରତିବାଦକାରୀମାନେ କହିଥିଲେ



ଯେ, ସ୍ୱତନ୍ତ୍ର ଭରଦ୍ୱାଜ ନିଜେ ଏକ ପୋଡକାଷ୍ଟରେ ଅଭିଯୋଗ ସ୍ୱୀକାର କରିଥିବାରୁ ତାଙ୍କ ବିରୋଧରେ ଏକ ଏଫଆଇଆର ରୁଜୁ ହେବା ଉଚିତ୍। ପ୍ରତିବାଦ ପରେ ତାଙ୍କୁ ଗିରଫ କରାଯାଇଥିଲା। ଜନ୍ତର ମନ୍ତରରେ ପ୍ରତିବାଦ ସମୟରେ, ସିଜେପି ଅଭିଯୋଗ କରିଥିଲା ଯେ, ସାଦା ପୋଷାକ ପିନ୍ଧିଥିବା କିଛି ଲୋକ, ଲାଠି ଏବଂ ରଡ୍ ଧରି ପ୍ରତିବାଦକାରୀଙ୍କ ଉପରେ ଆକ୍ରମଣ କରିଥିଲେ।

## ଫ୍ଲାଏଦୁବାଇ ବିମାନକୁ ଖସାଇବାକୁ ଯୋଜନା କରିଥିଲା ଇସ୍ରାଏଲ

ତେଲଆଭିଭ୍: ଫ୍ଲାଏଦୁବାଇ ବିମାନର ହାଇଜାକ ଖବର ମିଳିବା ମାତ୍ରେ ଗର୍ଜନ କରିଥିଲେ ଇସ୍ରାଏଲର ଯୁଦ୍ଧ ବିମାନ। ଅପହରଣ ପରେ ୯/୧୧ ଷ୍ଟାଇଲ ଆଟାକକୁ ପ୍ରତିହତ କରିବାକୁ ଇସ୍ରାଏଲ କରିଥିଲା ସାଂଘାତିକ ଯୋଜନା। କକପିଟ୍ ଷ୍ଟାର୍ମିଂ ଆଟାକ ପରେ ଯଦି ଫ୍ଲାଏଦୁବାଇ ବିମାନ ତେଲ ଅଭିଭ ଅଭିମୁଖେ ଆସିଥାଆନ୍ତା, ତା'ହେଲେ ଏହାକୁ ଆକାଶ ପଥରେ ହିଁ ଉଡ଼ାଇ ଦେବାକୁ ଇସ୍ରାଏଲ ଯୋଜନା କରିଥିଲା ବୋଲି ତଥ୍ୟ ସାମ୍ନାକୁ ଆସିଛି। ସେପ୍ଟେମ୍ବର ୩୦ରେ ଫ୍ଲାଇଟ୍ ୧୦୭୩ ଦୁବାଇରୁ ତେଲ ଅଭିଭ ଅଭିମୁଖେ ଉଡ଼ାଣ ଭରିଥିଲା। ବିମାନଟି ୩୪ ହଜାର ଫୁଟ ଉପରେ ରହିଥିବା ବେଳେ ଏହାର ସହ ପାଇଲଟ୍ ହମାମ ଅଲ ହମ୍ମାମି ହଠାତ କ୍ୟାପ୍ଟେନ ସ୍ମିତ ମଚ୍ଛାରଙ୍କୁ ଆକ୍ରମଣ କରିଥିଲା। କ୍ୟାପ୍ଟେନ ସ୍ମିତଙ୍କୁ ଲହୁଲୁହାଣ କରି ସେ ବିମାନକୁ ନିଜ ନିୟନ୍ତ୍ରଣକୁ ନେବାକୁ ଚେଷ୍ଟା କରିଥିଲା। ତା'ର ଟାର୍ଗେଟରେ ଇସ୍ରାଏଲର ବେନ ଗୁରିଅନ ଅନ୍ତର୍ଜାତୀୟ ଏୟାରପୋର୍ଟ ରହିଥିଲା। ସେଠାରେ ବିମାନକୁ କ୍ରାଶ କରି ସେ ନରସଂହାର ପାଇଁ ଲକ୍ଷ୍ୟ ରଖିଥିଲା। ହେଲେ କକପିଟ୍ରେ ଷ୍ଟାର୍ମିଂ ସ୍ଥିତି ଯୋଗୁ ବିମାନଟି ମାତ୍ର




୩୭ ସେକେଣ୍ଡରେ ୧୬ ହଜାର ଫୁଟ ତଳକୁ ଖସି ଯାଇଥିଲା। ଏହି ଖବର ଇସ୍ରାଏଲରେ ହଇଚଇ ସୃଷ୍ଟି କରିଥିଲା। ବିମାନଟି ହଠାତ୍ ଏତେ ତଳକୁ ଖସିବାରୁ ଇସ୍ରାଏଲ ଏହାକୁ ଗୋଟିଏ ହାଇଜାକ କିମ୍ବା ଦେଶକୁ ଟାର୍ଗେଟ କରି କୌଣସି ଆକ୍ରମଣ ବୋଲି ଭାବିଥିଲା। ଖବର ମିଳିବା ମାତ୍ରେ ଇସ୍ରାଏଲ ଏୟାରଫୋର୍ସ ପକ୍ଷରୁ କକପିଟ୍ ସହ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିଲା। ହେଲେ କୌଣସି ଜବାବ ମିଳି ନଥିଲା। ଏଥିପାଇଁ ଗୋଟିଏ ଏମର୍ଜେନ୍ସି ବ୍ୟବସ୍ଥାକୁ ଆକ୍ଟିଭ କରାଯାଇଥିଲା। କମାଣ୍ଡ ସେଣ୍ଟର ତିଆରି ହୋଇଥିଲା। ଇସ୍ରାଏଲ ଆକାଶ ପଥକୁ ସିଲ୍ କରି ଯୁଦ୍ଧ ବିମାନ ପଇଁତାର ମାରିବା ଆରମ୍ଭ କରିଥିଲେ। ସମ୍ଭାବ୍ୟ ବିପଦର ମୁକାବିଲା ପାଇଁ ଇସ୍ରାଏଲ ଏପରି ପଦକ୍ଷେପ ନେଇଥିଲା ।ତେବେ ଅଧିକାରୀମାନେ ବିମାନର ଗତିପଥ ବଦଳିବା ସହ ଏହା ସାଉଦିରେ ଜରୁରୀ ଅବତରଣ କରିବାକୁ ଯାଉଥିବା ଖବର ଦେବା ପରେ ଥଣ୍ଡା ପଡ଼ିଥିଲା ଇସ୍ରାଏଲ ବାୟୁସେନା। ଯାତ୍ରୀବାହୀ ବିମାନ ସାଉଦି ଆଡ଼କୁ ଯାଉଥିବାରୁ ସେଠାରେ ମଧ୍ୟ ରିୟାଦ ଯୁଦ୍ଧ ବିମାନ ଉଡ଼ାଇଥିଲା। ହେଲେ କୌଣସି ଅଘଟଣ ଘଟିବା ପୂର୍ବରୁ ଯାତ୍ରୀବାହୀ ବିମାନଟି ସାଉଦୀ ତାବୁକ ଏୟାରପୋର୍ଟରେ ସୁରକ୍ଷିତ ଅବତରଣ କରିଥିଲା। ଯଦି ବିମାନଟି ପୂର୍ବଭଳି ତେଲ ଅଭିଭ ଅଭିମୁଖେ ଯାତ୍ରା କରିଥାଆନ୍ତା, ତା'ହେଲେ ଇସ୍ରାଏଲ ଯୁଦ୍ଧ ବିମାନର ପାଇଲଟମାନେ ଏହାର ନିକଟତର ହୋଇଥାନ୍ତେ। ସେମାନେ ବିମାନ ଭିତରେ କ'ଣ ସବୁ ଚାଲିଛି, ତା'ର ନୀରିକ୍ଷଣ କରିଥାଆନ୍ତେ। ବିମାନଟି ବାସ୍ତବରେ ହାଇଜାକ ହୋଇଛି କି ନାହିଁ ଓ କେଉଁ ପ୍ରକାରର ଜରୁରୀ ସ୍ଥିତି ସୃଷ୍ଟି ହୋଇଛି, ତା'କୁ ଅନୁଧ୍ୟାନ ପାଇଁ ଇସ୍ରାଏଲ ପାଇଲଟ ଚାହୁଁଥିଲେ। ଯଦି ବିମାନ ହାଇଜାକ ହୋଇଥିବା ଓ ଆକ୍ରମଣକାରୀ କୌଣସି ଜବାବ ଦେଉ ନଥିବା ଯୁଦ୍ଧ ବିମାନ ପାଇଲଟ ନିଶ୍ଚିତ କରିଥାଆନ୍ତେ, ତା'ହେଲେ ଘଟଣା ସମ୍ପର୍କରେ ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଯାଇଥାଆନ୍ତା। ଏହାପରେ ବିମାନକୁ ଆକାଶ ପଥରେ ଉଡ଼ାଇ ଦେବାର ଚୂଡ଼ାନ୍ତ ନିଷ୍ପତ୍ତି ପ୍ରଧାନମନ୍ତ୍ରୀ ନେଇଥାଆନ୍ତେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଇସ୍ରାଏଲ ସୂତ୍ରରେ କୁହାଯାଇଛି ଯେ ହାଇଜାକ ସଫଳ ହୋଇଥିଲେ ଓ ବିମାନ ପୂର୍ବଭଳି ଇସ୍ରାଏଲ ଆସୁଥିବା ଜଣାପଡ଼ିଥିଲେ, ଏହାକୁ ତେଲ ଅଭିଭରେ ପହଞ୍ଚିବାକୁ ଦିଆଯାଇ ନଥାଆନ୍ତା। ଅଧା ରାସ୍ତାରେ ହିଁ ଇସ୍ରାଏଲ ବାୟୁସେନା ଏହାକୁ ଉଡ଼ାଇ ଦେବାକୁ ବିଚାର କରୁଥିଲା।

## ବଲାଙ୍ଗୀରରେ ହେବ ଜାତୀୟ ଲନ୍ ବଲ୍

### ୧୮ ରାଜ୍ୟରୁ ଭାଗନେବେ ୨୫୦

ଭୁବନେଶ୍ୱର, ୬/୧୦ (ସବ୍ୟୁ) : ରାଜ୍ୟ ବୋଲିଂ ସଂଘ, ଓଡ଼ିଶା ପକ୍ଷରୁ ପ୍ରଥମ ଥର ପାଇଁ ଜାତୀୟ ଲନ୍ ବଲ୍ ପ୍ରତିଯୋଗିତା ଆୟୋଜନ କରାଯାଇଛି। ଚଳିତ ଅକ୍ଟୋବର ମାସ ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ବଲାଙ୍ଗୀରର ନବନିର୍ମିତ ଆର୍‌ଏନ୍ ସିଂହ ଦେଓ ଅନ୍ତର୍ଜାତୀୟ ଲନ୍ ବଲ୍ କୋର୍ଟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରଥମ ଜାତୀୟ ୧୮ ବର୍ଷରୁ କମ୍ ଏବଂ ଷଷ୍ଠ ଜାତୀୟ ୨୫ ବର୍ଷରୁ କମ୍ ବର୍ଗର ଉଭୟ ବାଳକ ଓ ବାଳିକା ବିଭାଗରେ ଏହା ଖେଳାଯିବ। ଏହି ୪ ଦିନିଆ ପ୍ରତିଯୋଗିତାରେ ଓଡ଼ିଶା ସମେତ ୧୮ ରାଜ୍ୟରୁ ପ୍ରାୟ ୨୫୦ ଖେଳାଳି ଓ ଅଫିସିଆଲ୍ ଅଂଶଗ୍ରହଣ କରିବେ। ଭାରତୀୟ ବୋଲିଂ ମହାସଂଘ ଆନୁକୂଲ୍ୟରେ ହେବାକୁ ଥିବା ଏହି ପ୍ରତିଯୋଗିତା ଲାଗି ରାଜ୍ୟ ସରକାରଙ୍କ




କ୍ରୀଡ଼ା ଓ ଯୁବସେବା ବିଭାଗ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେଇଛନ୍ତି ବୋଲି ରାଜ୍ୟ ସଂଘ ଉପସଭାପତି ମନ୍ମଥ ସିଂହ ଦେଓ ଓ ସମ୍ପାଦକ ସୁମିତ ରଂଜନ ପୁରୋହିତ ମଙ୍ଗଳବାର ଆୟୋଜିତ ସାମ୍ବିଦକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଖୋରଧା ଜିଲ୍ଲା ବୋଲିଂ ସଂଘ ସମ୍ପାଦକ ତଥା ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ସୁରେଶ ସ୍ୱାଇଁ ଉପସ୍ଥିତ ଥିଲେ।

ଓଡ଼ିଶା ସମ୍ଭାବ୍ୟ ଦଳର ପ୍ରସ୍ତୁତି ଶିବିର ଅକ୍ଟୋବର ପହିଲାରୁ ଆର୍‌ଏନ୍ ସିଂହ ଦେଓ ଅନ୍ତର୍ଜାତୀୟ ଲନ୍ ବଲ୍ କୋର୍ଟରେ ଚାଲିଛି। ଏହା ଅକ୍ଟୋବର ୨୦ ତାରିଖ ପର୍ଯ୍ୟନ୍ତ ଚାଲିବା ପରେ ଚୂଡ଼ାନ୍ତ ଓଡ଼ିଶା ଦଳ ଚୟନ କରାଯିବ। ଓଡ଼ିଶାରୁ ଦୁଇଟି ଦଳ ବି ଅଂଶଗ୍ରହଣ କରାଯିବାର ସମ୍ଭାବନା ରହିଛି ବୋଲି ଶ୍ରୀ ପୁରୋହିତ ସୂଚନା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶାରେ ଲନ୍ ବଲ୍ ଖେଳର ପ୍ରଚାର ଓ ପ୍ରସାର ଗୋଟିଏ ଦଶନ୍ଧି ଟପିନଥିଲେ ମଧ୍ୟ ଆଶାଜନକ ସଫଳତା ଅର୍ଜନ କରିଛି। ବିଗତ ଦୁଇ ଜାତୀୟ କ୍ରୀଡ଼ାରୁ ୪ ପଦକ (୩ କାଂସ୍ୟ ଓ ରୌପ୍ୟ) ମିଳି ସାରିଛି। ସେହିଭଳି ଗତବର୍ଷ ନୂଆଦିଲ୍ଲୀରେ ଅନୁଷ୍ଠିତ ଗତ ପଞ୍ଚମ ଜାତୀୟ ୨୫ ବର୍ଷରୁ କମ୍ ବର୍ଗରେ ମଧ୍ୟ ଓଡ଼ିଶା ୩ କାଂସ୍ୟ ପଦକ ହାସଲ କରିଥିଲା। ସେଠାରେ ଭଲ ପ୍ରଦର୍ଶନ କରିଥିବାରୁ ରୋଶନୀ ସାହୁ ଓ ରାଜେଶ୍ୱରୀ ସେଠ୍ ଏସୀୟ ଶିବିରରେ ସ୍ଥାନ ପାଇଥିଲେ। ଏସୀୟ ଲନ୍ ବଲ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରାଜେଶ୍ୱରୀ ସେଠ୍ ମଧ୍ୟ ରାଜ୍ୟର ପ୍ରଥମ ଅନ୍ତର୍ଜାତୀୟ ଲନ୍ ବଲ୍ ଖେଳାଳି ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ରୋଶନୀ ଏଥର ୧୮ ବର୍ଷରୁ କମ୍ ଦଳରେ ଏବଂ ରାଜେଶ୍ୱରୀ ୨୫ ବର୍ଷରୁ କମ୍ ଦଳରେ ଖେଳିବାକୁ ଯାଉଥିବାରୁ ଉଭୟଙ୍କଠାରୁ ଓଡ଼ିଶା ନିଶ୍ଚିତ ପଦକ ଆଶା ରଖିବ ବୋଲି ଶ୍ରୀ ପୁରୋହିତ ପ୍ରକାଶ କରିଛନ୍ତି। ଏହି ଦୁଇ ଜଣଙ୍କ ବାଦ୍ ଗତ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ଦଳକୁ କାଂସ୍ୟ ଜିତାଇବେରେ ପ୍ରମୁଖ ଭୂମିକା ତୁଲାଇଥିବା ପଦ୍ମାସିନୀ ପୁଟେଲ ମଧ୍ୟ ୨୫ ବର୍ଷରୁ କମରେ ଖେଳିବେ। ତେଣୁ ଓଡ଼ିଶା ଏକାଧିକ ପଦକ ଆଶାରେ ରହିଛି।

## ନଭେମ୍ବର ୧ରୁ ସେକ୍ରେଟାରିଏଟ୍ କପ୍ କ୍ରିକେଟ୍

ଭୁବନେଶ୍ୱର, ୬।୧୦(ସବ୍ୟୁ): ଓଡ଼ିଶା ସେକ୍ରେଟେରିଏଟ୍ କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ ଗୌରବମୟ ଦ୍ୱାବିଂଶତମ ସେକ୍ରେଟେରିଏଟ୍ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ-୨୦୨୬ ଆସନ୍ତା ନଭେମ୍ବର ୧ରୁ ଆରମ୍ଭ ହେବ। ପାଣ୍ଡରାସ୍ଥିତ ହାଇଟେକ୍ କ୍ରିକେଟ୍ ଷ୍ଟାଡିୟମରେ ଏହି ପ୍ରତିଯୋଗିତା ଆୟୋଜିତ ହେବ। ଲିଗ୍-କମ୍-ନକ୍‌ଆଉଟ୍ ପଦ୍ଧତିରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ୨୦ ଓଭର ବିଶିଷ୍ଟ ହେବ। ଗତବର୍ଷ ଭଳି ଏଥର ମଧ୍ୟ ପାରମ୍ପରିକ ଧଳା ପୋଷାକ, ଲାଲ୍ କ୍ରିକେଟ୍ ଲେଦର୍ ବଲ୍ ଏବଂ ଟର୍ଫର ପିଚରେ ମ୍ୟାଚ୍ ଖେଳାଯିବ। ଖେଳାଳିମାନଙ୍କୁ ପାରମ୍ପରିକ କ୍ରିକେଟର ଅନୁଭୂତି ଦେବା ସହ ଟୁର୍ଣ୍ଣାମେଣ୍ଟକୁ ଶୃଙ୍ଖଳିତ ଢଙ୍ଗରେ ଆୟୋଜନ କରିବାକୁ ଆସୋସିଏସନ୍ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ଶନିବାର, ରବିବାର ଏବଂ ସରକାରୀ ଛୁଟିଦିନରେ ଖେଳାଯିବ। ଏଥିରେ କେବଳ ଭୁବନେଶ୍ୱରରେ ଅବସ୍ଥାପିତ ସର୍ବାଧିକ ୧୬ଟି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଅଂଶଗ୍ରହଣ କରିପାରିବେ। 'ପ୍ରଥମେ ଆସିଲେ, ପ୍ରଥମେ ସୁଯୋଗ' ଭିତ୍ତିରେ ଦଳଗୁଡ଼ିକର ପଞ୍ଜୀକରଣ କରାଯିବ। ପ୍ରତି ଦଳ ପାଇଁ ପ୍ରବେଶିକା ଦେୟ ୨୦ ହଜାର ଟଙ୍କା ରଖାଯାଇଛି। ଆସନ୍ତା ଅକ୍ଟୋବର ୨୦ ତାରିଖ ସୁଦ୍ଧା ପ୍ରବେଶିକା ଦେୟ ଦାଖଲ କରିବାକୁ ହେବ। ନିର୍ଦ୍ଧାରିତ ସମୟସୀମା ପରେ ଆସୁଥିବା କୌଣସି ଅନୁରୋଧକୁ ଗ୍ରହଣ କରାଯିବ ନାହିଁ ବୋଲି ଆସୋସିଏସନ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ ଓ ପଞ୍ଜୀକରଣ ସମ୍ପର୍କିତ ଅଧିକ ସୂଚନା ପାଇଁ ଓଡ଼ିଶା ସେକ୍ରେଟେରିଏଟ୍ କ୍ରିକେଟ୍ ଆସୋସିଏସନର କାର୍ଯ୍ୟକାରୀ ସଭାପତି ଶଶାଙ୍କ ଶେଖର ମହାପାତ୍ର, ସାଧାରଣ ସମ୍ପାଦକ ସଂଜୀବ କୁମାର ମିଶ୍ର, କୋଷାଧ୍ୟକ୍ଷ ଗିରିଶ କୁମାର ଦିଗଲ ଏବଂ କ୍ରୀଡ଼ା ନିର୍ଦ୍ଦେଶକ ଅବିନାଶ ଖଣ୍ଡୁଆଳଙ୍କ ସହ ଯୋଗାଯୋଗ କରିପାରିବେ। ଆସୋସିଏସନର ସାଧାରଣ ସମ୍ପାଦକ ସଂଜୀବ କୁମାର ମିଶ୍ରଙ୍କ ସୂଚନା ଅନୁସାରେ, ସେକ୍ରେଟେରିଏଟ୍ କପ୍ ଟୁର୍ଣ୍ଣାମେଣ୍ଟ ପ୍ରତିବର୍ଷ ବିଭିନ୍ନ ସରକାରୀ କାର୍ଯ୍ୟାଳୟର କ୍ରିକେଟ୍ ପ୍ରତିଭାଙ୍କୁ ଏକ ମଞ୍ଚ ଯୋଗାଇ ଆସୁଛି।

# ଓଡିଶା କ୍ରିକେଟର ନୂଆ ସ୍ପିନ୍ ସମ୍ଭାବନା ସୟଦ ତୁଫୈଲ

## ରଣଜୀ ଡେବ୍ୟୁରେ ନେଇଥିଲେ ୮ ୱିକେଟ୍

ଭୁବନେଶ୍ୱର, ୦୬।୧୦(ସବ୍ୟୁ) : ଓଡିଶା କ୍ରିକେଟରେ ଯୁବ ପ୍ରତିଭାଙ୍କ ଉଦୟ ହୋଇଛି। ଏହି ତାଲିକାର ସବୁଠୁ ଉପରେ ଅଛନ୍ତି ବାମହାତୀ ସ୍ପିନର ସୟଦ ତୁଫୈଲ ଅହମ୍ମଦ। ମାତ୍ର ୧୮ ବର୍ଷ ବୟସରେ ରଣଜୀ ଟ୍ରଫି ପଦାର୍ପଣ କରିଥିବା ଏହି ଯୁବ ବାମହାତୀ ସ୍ପିନର ଡେବ୍ୟୁ ମ୍ୟାଚରେ ହିଁ ନିଜ ପ୍ରତିଭାର ଝଲକ ଦେଖାଇଥିଲେ। ୨୦୨୫-୨୬ ରଣଜୀ ଟ୍ରଫିର ଶେଷ ମ୍ୟାଚରେ ସେ ଝାଡଖଣ୍ଡ ବିପକ୍ଷରେ ଦୁଇଟି ଇନିଂସରୁ ୮ ୱିକେଟ ଅକ୍ତିଆର କରି ଓଡିଶା କ୍ରିକେଟରେ ନୂଆ ସମ୍ଭାବନା ସୃଷ୍ଟି କରିଛନ୍ତି। ଚଳିତ ରଣଜୀ ଋତୁ ପାଇଁ ଘୋଷଣା ହୋଇଥିବା ଓଡିଶା ଦଳରେ ମଧ୍ୟ ସୟଦ ତୁଫୈଲଙ୍କୁ ସୁଯୋଗ ମିଳିଛି। ଗତ ସିଜନରେ ସେ ଯେଉଁଠି ଖେଳ ଶେଷ କରିଥିଲେ ଏଥର ସେହିଠୁ ଆରମ୍ଭ କରିବେ ବୋଲି ଆଶା ରହିଛି।

ଜାମସେଦପୁରର କିନନ ଷ୍ଟାଡିୟମରେ ଝାଡଖଣ୍ଡ ବିପକ୍ଷ ମ୍ୟାଚ ତୁଫୈଲଙ୍କ ପାଇଁ ସ୍ମରଣୀୟ ହୋଇ ରହିବ। ଉଭୟ ଇନିଂସରେ ମୋଟ ୮ ୱିକେଟ ନେଇ ପଦାର୍ପଣକୁ ସ୍ମରଣୀୟ କରିଥିଲେ। ଯଦିଓ ଓଡିଶା ଏହି ମ୍ୟାଚରେ ପରାଜିତ ହୋଇଥିଲା କିନ୍ତୁ ତୁଫୈଲଙ୍କ ପ୍ରଦର୍ଶନ ଦଳ ପାଇଁ ସକାରାତ୍ମକ ହୋଇଥିଲା। ତାଙ୍କ କ୍ରିକେଟ କ୍ୟାରିୟରରେ ଉନ୍ନତି ହଠାତ୍ ହୋଇନାହିଁ। ବୟସ ଭିତ୍ତିକ କ୍ରିକେଟରୁ ସେ ନିଜ ପ୍ରତିଭାର ପରିଚୟ ଦେଇଆସିଛନ୍ତି। ଓଡିଶାର ୧୯ ବର୍ଷରୁ କମ୍ ଦଳରେ ସ୍ଥାନ ପାଇବା ପରେ ସେ ବିଭିନ୍ନ



ବୟସ ବର୍ଗରେ ଖେଳିଛନ୍ତି। ୨୦୨୫ ମେ ରେ ଭୁବନେଶ୍ୱର ଏ ପକ୍ଷରୁ ଓଡିଶା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ପ୍ରତିଯୋଗିତାରେ ରାଉରକେଲା ବିପକ୍ଷରେ ଦୁଇଟି ୱିକେଟ ନେଇ ଦଳକୁ ବିଜୟୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ସେହି ମ୍ୟାଚରେ ତାଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଏହା ପରେ ୨୩ ବର୍ଷରୁ କମ୍ ବର୍ଗରେ ମଧ୍ୟ ତାଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଛି। ନଭେମ୍ବର ୨୦୨୫ରେ ଗୋଆ ବିପକ୍ଷ ୨୩ ବର୍ଷରୁ କମ୍ ଷ୍ଟେଟ ଏ ଟ୍ରଫି ମ୍ୟାଚରେ ମାତ୍ର ୯ ରନ ଦେଇ ୪ ୱିକେଟ୍ ନେଇଥିଲେ। ତାଙ୍କ ଘାତକ ବୋଲିଂ ଯୋଗୁଁ ଓଡିଶା ୧୬୬ ରନରେ ଗୋଆକୁ ଅଲଆଉଟ୍ କରିବାରେ ସଫଳ ହୋଇଥିଲା।

ଭୁବନେଶ୍ୱରର ବକ୍ସି ଜଗବନ୍ଧୁ ଇଂଲିସ୍ ମିଡିୟମ ସ୍କୁଲ ୨ ରେ ଅଧ୍ୟୟନ କରିଥିବା ତୁଫୈଲ ପାରାମାଉଣ୍ଟ ସ୍ପୋର୍ଟ୍‌ସ କ୍ଲବରୁ କ୍ରିକେଟ୍ ଶିକ୍ଷା ନେଇଛନ୍ତି। ସେ ଡାହାଣ ହାତୀ ବ୍ୟାଟର ହୋଇଥିବା ବେଳେ ବାମହାତୀ ସ୍ପିନ୍ ବୋଲର ଭାବେ ଖେଳନ୍ତି। ଓଡିଶାର ବୟସ ଭିତ୍ତିକ ଦଳଗୁଡିକରେ ତାଙ୍କ ନିରନ୍ତର ଉପସ୍ଥିତି ତାଙ୍କ ଖେଳ କ୍ୟାରିୟରକୁ ଶାଣିତ କରିଛି। ୨୦୨୫-୨୬ ସିଜନରେ ତୁଫୈଲଙ୍କୁ ଓଡିଶା ସିନିୟର ଦଳରେ ସୁଯୋଗ ମିଳିଥିଲା। ଓଡିଶା କ୍ରିକେଟ ଆସୋସିଏସନ୍‌ର ଚୟନ ଧାରାରେ ସେ ରଣଜୀ ଟ୍ରଫି ଓ ବିଜୟ ହଜାରେ ଟ୍ରଫି ଦଳରେ ସ୍ଥାନ ପାଇଥିଲେ। ଏବେ ୨୦୨୬-୨୭ ରଣଜୀ ଟ୍ରଫିର ପ୍ରଥମ ଦୁଇ ମ୍ୟାଚ ପାଇଁ ଘୋଷିତ ଓଡିଶା ଦଳରେ ମଧ୍ୟ ସେ ସ୍ଥାନ ପାଇଛନ୍ତି। ଦଳର ଚୟନକର୍ତ୍ତା ତାଙ୍କ ଉପରେ ରଖିଥିବା ଭରସା ସ୍ପଷ୍ଟ ହେଉଛି। ଓଡିଶା ଦଳରେ ବାମହାତୀ ସ୍ପିନ୍ ବିକଳ୍ପ ଭାବେ ତୁଫୈଲଙ୍କ ଉପସ୍ଥିତି ଆଗାମୀ ଦିନରେ ଦଳ ପାଇଁ ଉପଯୋଗୀ ହୋଇପାରେ।



୧୭ ଜଣିଆ ଓଡିଶା ରଣଜୀ ଦଳରେ ଏଥର ୪ ଜଣ ନବାଗତଙ୍କୁ ସୁଯୋଗ ମିଳିଛି। ଜୁନିୟର କ୍ରିକେଟରେ ସକ୍ରିୟ ଥିବା ଓମ୍ ଟି ମୁଣ୍ଡେ ବ୍ୟାଟର ଭାବେ ଦଳରେ ସ୍ଥାନ ପାଇଛନ୍ତି। ଶ୍ରେୟାଂଶ ଭରଦ୍ୱାଜ ବ୍ୟାଟର, ସୌମ୍ୟ ଲେଙ୍କା ଡାହାଣ ହାତୀ ମଧ୍ୟମ ଦ୍ରୁତ ବୋଲର ଏବଂ ସମ୍ବିଦ ବେଜା ଅଲରାଉଣ୍ଡର ଭାବେ ରଣଜୀ ଦଳରେ ସ୍ଥାନ ପାଇଛନ୍ତି। ଏମାନଙ୍କ ଠାରୁ ସୟଦ ତୁଫୈଲ ଅହମ୍ମଦ ପ୍ରଥମ ଶ୍ରେଣୀ କ୍ରିକେଟରେ କେବଳ ଗୋଟିଏ ମ୍ୟାଚ ଅଧିକ ଖେଳିବାର ଅଭିଜ୍ଞତା ରଖିଛନ୍ତି କିନ୍ତୁ ଜୁନିୟର ସ୍ତରରେ ପର୍ଯ୍ୟାପ୍ତ କ୍ରିକେଟ୍ ଖେଳି ରାଜ୍ୟ ରଣଜୀ ଦଳ ପାଇଁ ନିଜକୁ ପ୍ରସ୍ତୁତ କରିଛନ୍ତି। ଏଥର ଓଡିଶା ରଣଜୀ ଟ୍ରଫି ଏଲିଟ ସି ରେ ସ୍ଥାନ ପାଇଛି। ଏହି ଗ୍ରୁପରେ ଓଡିଶା ସମେତ ଗୁଜରାଟ, କେରଳ, ସର୍ଭିସେସ୍ ଝାଡଖଣ୍ଡ, ଦିଲ୍ଲୀ, ମହାରାଷ୍ଟ୍ର ଏବଂ ବେଙ୍ଗଲ ଭଳି ଶକ୍ତିଶାଳୀ ଦଳ ଅଛନ୍ତି। ପ୍ରାୟ ଅଧିକାଂଶ ଦଳ ଥରେ କିମ୍ବା ଏକାଧିକ ଥର ରଣଜୀ ଟ୍ରଫି ଚାମ୍ପିଅନ ହେବାର ସୌଭାଗ୍ୟ ଅର୍ଜନ କରିଥିବା ବେଳେ ଓଡିଶା ପାଇଁ ଟ୍ରଫି ସ୍ୱପ୍ନ ଏବେବି ଦୁଃସ୍ୱପ୍ନ ଭଳି। ଆଗାମୀ ୧୧ ତାରିଖରୁ ଓଡିଶା ଦଳ ରଣଜୀ ଋତୁର ଆରମ୍ଭ କରିବାକୁ ଯାଉଛି। ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ ବି ଗ୍ରାଉଣ୍ଡରେ ଗୁଜରାଟକୁ ଭେଟିବ ଓଡିଶା। ସେହିଭଳି ଅକ୍ଟୋବର ୧୮ ରୁ ୨୧ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ମ୍ୟାଚ କେରଳ ବିପକ୍ଷରେ ଥିରୁବନନ୍ତପୁରମ୍‌ରେ ଖେଳିବ। ପୁଣି ଅକ୍ଟୋବର ୨୬ ରୁ ୨୯ ତାରିଖ ପର୍ଯ୍ୟନ୍ତ ତୃତୀୟ ମ୍ୟାଚ ଭୁବନେଶ୍ୱରର କିଟ୍ ଷ୍ଟାଡିୟମରେ ଓଡିଶା -ସର୍ଭିସେସ୍, ଚତୁର୍ଥ ମ୍ୟାଚ ନଭେମ୍ବର ୨ ରୁ ୫ ତାରିଖ ପର୍ଯ୍ୟନ୍ତ କିଟ୍‌ରେ ଓଡିଶା -ଝାଡଖଣ୍ଡ ମଧ୍ୟରେ ଖେଳାଯିବ। ଏହାପରେ ପାଖାପାଖି ୨ ମାସର ବିରତି ପରେ ଓଡିଶା ଦଳ ତାର ପଞ୍ଚମ ମ୍ୟାଚ ଜାନୁଆରୀ ୧୭ ରୁ ୨୦ ତାରିଖ ପର୍ଯ୍ୟନ୍ତ କଟକର ବାରବାଟୀ ଷ୍ଟାଡିୟମରେ ଦିଲ୍ଲୀ ବିପକ୍ଷରେ ଖେଳିବ। ଷଷ୍ଠ ମ୍ୟାଚ ମହାରାଷ୍ଟ୍ର କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମରେ ଓଡିଶା -ମହାରାଷ୍ଟ୍ର ମଧ୍ୟରେ ଜାନୁଆରୀ ୨୪ ରୁ ୨୭ ତାରିଖ ଏବଂ ସପ୍ତମ ମ୍ୟାଚ ଫେବୃଆରୀ ୧ ରୁ ୪ ତାରିଖ ପର୍ଯ୍ୟନ୍ତ କୋଲକାତାର ଇଡେନ୍ ଗାର୍ଡେନରେ ଓଡିଶା -ବେଙ୍ଗଲ ମଧ୍ୟରେ ଖେଳାଯିବ।

ରଣଜୀ ଡେବ୍ୟୁର ସଫଳତାକୁ ପୁଞ୍ଜି କରି ତୁଫୈଲ ଏବେ ନିୟମିତ ଭାବେ ସିନିୟର ଦଳରେ ସୁଯୋଗ ପାଇ ନିଜକୁ ପ୍ରମାଣିତ କରିବା ଲକ୍ଷ୍ୟରେ ଆଗକୁ ବଢୁଛନ୍ତି।

## ଏସିଆଡ ପଦକ ବିଜେତା ଅମିତ, ଶିଳାନନ୍ଦଙ୍କୁ କ୍ରୀଡାମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୦୬।୧୦(ସବ୍ୟୁ) : ଜାପାନରେ ଆୟୋଜିତ ଏସୀୟ କ୍ରୀଡ଼ା ୨୦୨୬ରେ ସ୍ୱର୍ଣ୍ଣ ପଦକ ଜିତିବା ସହ ଲସ୍ ଆଞ୍ଜେଲସ୍ ଅଲମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିବା ଭାରତୀୟ ହକି ଟିମର ଓଡ଼ିଶା ତାରକା ଅମିତ ରୋହିଦାସ ଓ ଶୀଳାନନ୍ଦ ଲାକ୍ରା ଭୁବନେଶ୍ୱରରେ ପହଞ୍ଚିବା ପରେ, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କଳିଙ୍ଗ ଷ୍ଟାଡିୟମ୍‌ରେ ସେମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇଛନ୍ତି। ଖେଳାଳିମାନଙ୍କ ସହ ଆଲୋଚନା କରି



ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ସେମାନେ ଓଡ଼ିଶାର ଗୌରବ ଏବଂ ସାରା ଦେଶର ଯୁବବର୍ଗଙ୍କ ପାଇଁ ପ୍ରେରଣାର ଉତ୍ସ। ଏହି ଐତିହାସିକ ସଫଳତା ପାଇଁ ସେ ଉଭୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ଅବସରରେ କ୍ରୀଡ଼ା ଓ ଯୁବସେବା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଅଶୋକ କୁମାର ପଣ୍ଡା, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ବିଭାଗୀୟ ଅଧିକାରୀ ଏବଂ ହକି ଆସୋସିଏସନ୍ ଅଫ୍ ଓଡ଼ିଶାର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ନଭେମ୍ବରରୁ ତମାଣ୍ଡୋ କପ୍ ଫୁଟବଲ୍

ଭୁବନେଶ୍ୱର, ୬।୧୦(ସବ୍ୟୁ): ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରୁ ତମାଣ୍ଡୋ କପ୍ ଫୁଟବଲ୍ ପ୍ରତିଯୋଗିତା ଆୟୋଜିତ ହେବ। ଏହି ସମ୍ମାନଜନକ ରାଜ୍ୟସ୍ତରୀୟ ଫୁଟବଲ୍ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧୨ଟି ଦଳ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାକୁ ନେଇ ତମାଣ୍ଡୋ ଅଞ୍ଚଳରେ ଏବେ ଠାରୁ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଇଚ୍ଛୁକ ଦଳଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ନାମ ପଞ୍ଜୀକରଣ କରିବାକୁ ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ତମାଣ୍ଡୋ ଅଞ୍ଚଳରେ ଦୀର୍ଘଦିନ ଧରି ଏହି ପ୍ରତିଯୋଗିତା ଫୁଟବଲପ୍ରେମୀଙ୍କ ଆକର୍ଷଣର କେନ୍ଦ୍ର ପାଲଟିଆସିଛି। ପୂର୍ବରୁ ମଧ୍ୟ ତମାଣ୍ଡୋ କପରେ ରାଜ୍ୟର ବିଭିନ୍ନ ଦଳ ଅଂଶଗ୍ରହଣ କରିଥିବା ନଜିର ରହିଛି। ଚଳିତବର୍ଷ ମଧ୍ୟ ଭଲ ପ୍ରତିଦ୍ୱନ୍ଦ୍ୱିତା ସହ ମ୍ୟାଚଗୁଡ଼ିକ ରୋମାଞ୍ଚକର ହେବ ବୋଲି ଆଶା କରାଯାଉଛି।

## ଦିଲ୍ଲୀ କ୍ୟାପିଟାଲ୍ସର ନୂଆ କୋଚ୍ ସୌରଭ ଗାଙ୍ଗୁଲି

### ଆଇପିଏଲ୍ ୨୦୨୭ରେ ଦାୟିତ୍ୱ ନେବେ 'ଦାଦା'; ବଦଳିବ ଦଳର କୋଚିଂ ଟିମ୍

ନୂଆଦିଲ୍ଲୀ, ୬।୧୦(ଏଜେନ୍ସି) : ଭାରତୀୟ କ୍ରିକେଟ୍ର 'ଦାଦା' ଭାବେ ପରିଚିତ ସୌରଭ ଗାଙ୍ଗୁଲିଙ୍କୁ ମିଳିଛି ନୂଆ ଦାୟିତ୍ୱ। ଆଇପିଏଲ୍ର ୨୦୨୭ ସଂସ୍କରଣ ପାଇଁ ଗାଙ୍ଗୁଲି ଦିଲ୍ଲୀ କ୍ୟାପିଟାଲ୍ସର ମୁଖ୍ୟ ପ୍ରଶିକ୍ଷକ ଭାବେ ଦାୟିତ୍ୱ ନେବେ। ଏହା ତାଙ୍କ କୋଚିଂ କ୍ୟାରିୟରରେ ଏକ ନୂଆ ଅଧ୍ୟାୟ ହେବ। ଆଇପିଏଲରେ ପ୍ରଥମଥର ପାଇଁ ସେ ମୁଖ୍ୟ କୋଚ୍ ଭୂମିକାରେ ନଜର ଆସିବେ।

ଦିଲ୍ଲୀ କ୍ୟାପିଟାଲ୍ସ ସହ ଗାଙ୍ଗୁଲିଙ୍କ ସମ୍ପର୍କ ନୂଆ ନୁହେଁ। ୨୦୧୯ରୁ ସେ ଫ୍ରାଞ୍ଚାଇଜି ସହ ବିଭିନ୍ନ ଭୂମିକାରେ ଜଡ଼ିତ ରହିଆସିଛନ୍ତି। ଦଳର ପ୍ରଶାସନିକ ଓ କ୍ରିକେଟ୍ ସମ୍ପର୍କିତ ନିଷ୍ପତ୍ତିରେ ମଧ୍ୟ ତାଙ୍କ ଭୂମିକା ରହିଛି। ଏବେ ତାଙ୍କୁ ମୁଖ୍ୟ କୋଚ୍ ଦାୟିତ୍ୱ ଦେଇ ଦଳ ପରିଚାଳନା ନୂଆ ରଣନୀତିରେ ଆଗକୁ ବଢ଼ିବାକୁ ଚାହୁଁଛି। ଗାଙ୍ଗୁଲିଙ୍କ ନିଯୁକ୍ତି ସହ ଦିଲ୍ଲୀ କ୍ୟାପିଟାଲ୍ସର କୋଚିଂ ଷ୍ଟାଫରେ ବଡ଼ଧରଣର ପରିବର୍ତ୍ତନ ହେବ। ପୂର୍ବତନ ମୁଖ୍ୟ କୋଚ୍ ହେମାଙ୍ଗ ବଦାନୀଙ୍କୁ ଦାୟିତ୍ୱରୁ ହଟାଯାଇଛି। ତାଙ୍କ ସହ ବୋଲିଂ କୋଚ୍ ମୁନାଫ ପଟେଲ, ଟିମ୍ ଡାଇରେକ୍ଟର ଭେଙ୍କଟେଶ ରାଓ ଏବଂ ଆସିଷ୍ଟାଣ୍ଟ କୋଚ୍ ଇଆନ୍ ବେଲଙ୍କୁ ମଧ୍ୟ ଆଗାମୀ ସିଜନ୍ ପାଇଁ ରଖାଯାଇନାହିଁ। ଫଳରେ ଗାଙ୍ଗୁଲି ନିଜ ପସନ୍ଦର ସପୋର୍ଟ ଷ୍ଟାଫ୍ ଗଠନ କରିବାର ସୁଯୋଗ ପାଇବେ।



ଗାଙ୍ଗୁଲିଙ୍କ ସହ ଭାରତର ପୂର୍ବତନ ତାରକା ଯୁବରାଜ ସିଂହ ମଧ୍ୟ ଦଳର ସପୋର୍ଟ ଷ୍ଟାଫରେ ସାମିଲ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ତେବେ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ଆସିନାହିଁ। ଆଗାମୀ ସିଜନ୍‌ରେ ଦିଲ୍ଲୀର ନେତୃତ୍ୱ ଗୋଷ୍ଠୀରେ ଅକ୍ଷର ପଟେଲ ଓ କେଏଲ୍ ରାହୁଲଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ। ଏହାସହ ଋଷଭ ପନ୍ତଙ୍କ ଦଳକୁ ଫେରିବା ମଧ୍ୟ ଦିଲ୍ଲୀ ପାଇଁ ଏକ ବଡ଼ ଶକ୍ତି ହେବ। ଗାଙ୍ଗୁଲିଙ୍କ ଅଭିଜ୍ଞତା, ଆକ୍ରମଣାତ୍ମକ ମାନସିକତା ଓ ଖେଳାଳିଙ୍କୁ ପ୍ରେରିତ କରିବାର କ୍ଷମତାକୁ ନେଇ ଦଳ ନୂଆ ଆଶା ବାନ୍ଧିଛି। ଆଇପିଏଲରେ ଏପର୍ଯ୍ୟନ୍ତ ଦିଲ୍ଲୀ କ୍ୟାପିଟାଲ୍ସର ଟ୍ରଫି ସ୍ୱପ୍ନ ଅଧୁରା ରହିଛି। ଏବେ ଗାଙ୍ଗୁଲିଙ୍କ ନେତୃତ୍ୱରେ ଦଳ ସେହି ଅପୂରଣୀୟ ଲକ୍ଷ୍ୟକୁ ହାସଲ କରିବା ଦିଗରେ ନୂଆ ଅଭିଯାନ ଆରମ୍ଭ କରିବ।

## ଶ୍ରେୟସଙ୍କ ଶତକରେ ୱେଷ୍ଟଇଣ୍ଡିଜ୍ ଧରାଶାୟୀ

ଲକ୍ଷ୍ନୌ,୬।୧୦(ଏଜେନ୍ସି): ଅଧିନାୟକ ଶ୍ରେୟସ ଆୟରଙ୍କ ବିସ୍ଫୋରକ ଶତକ ବଳରେ ୱେଷ୍ଟଇଣ୍ଡିଜକୁ ପ୍ରଥମ ଟି-୨୦ରେ ୮ ୱିକେଟରେ ପରାସ୍ତ କରିଛି ଭାରତ। ମଙ୍ଗଳବାର ଲକ୍ଷ୍ନୌର ଏକନା କ୍ରିକେଟ୍ ଷ୍ଟାଡିୟମରେ ୧୭୨ ରନ୍ର ବିଜୟଲକ୍ଷ୍ୟକୁ ଭାରତ ମାତ୍ର ୧୪.୪ ଓଭରରେ ୨ ୱିକେଟ୍ ହରାଇ ହାସଲ କରିନେଇଥିଲା। ଏହି ବିଜୟ ସହ ୫ ମ୍ୟାଚ୍ ବିଶିଷ୍ଟ ସିରିଜରେ ଭାରତ ୧-୦ରେ ଆଗୁଆ ହୋଇଛି। ଟସ୍ ଜିତି ଭାରତ ପ୍ରଥମେ ୱେଷ୍ଟଇଣ୍ଡିଜକୁ ବ୍ୟାଟିଂ ଦେଇଥିଲା। ଶାଇ ହୋପଙ୍କ ୫୨ ଓ ଶେରଫାନ୍ ରଦରଫୋର୍ଡଙ୍କ ୫୬ ରନ୍ ସତ୍ତ୍ୱେ ଭ୍ରମଣକାରୀ ଦଳ ୧୯.୧ ଓଭରରେ ୧୭୧ ରନ୍ରେ ଅଲଆଉଟ୍ ହୋଇଥିଲା। ଭାରତ ପକ୍ଷରୁ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ନମନ ଧୀର ଅଫସ୍ପିନରେ ୩ଟି ୱିକେଟ୍ ନେଇ ଚମକ ଦେଖାଇଥିଲେ। କୁଲଦୀପ ଯାଦବ ୨ଟି ୱିକେଟ୍ ନେଇଥିଲେ। ଜବାବରେ



ଭାରତର ଆରମ୍ଭ ଭଲ ହୋଇନଥିଲା। ୩୫ ରନ୍ ମଧ୍ୟରେ ଅଭିଷେକ ଶର୍ମା ଓ ସଞ୍ଜୁ ସାମସନଙ୍କ ୱିକେଟ୍ ହରାଇ ଚାପରେ ପଡ଼ିଥିଲା ଦଳ। କିନ୍ତୁ ଏହାପରେ ଶ୍ରେୟସ ଆୟର ଦାୟିତ୍ୱ ନେଇଥିଲେ। ସେ ମାତ୍ର ୪୨ ବଲରେ ଶତକ ପୂରଣ କରିଥିଲେ। ୪୩ ବଲରେ ୧୦୨ ରନ୍ର ଅପରାଜିତ ଇନିଂସରେ ସେ ୧୦ଟି ଚୌକା ଓ ୬ଟି ଛକା ମାରିଥିଲେ। ଏହା ଆୟରଙ୍କ ପ୍ରଥମ ଟି-୨୦ ଅନ୍ତର୍ଜାତୀୟ ଶତକ ଏବଂ ଏହି ଫର୍ମାଟରେ ତାଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ଆୟରଙ୍କ ସହ ଇଶାନ କିଶନ ୩୭ ରନ୍ର ଉପଯୋଗୀ ଇନିଂସ୍ ଖେଳିଥିଲେ। ଦୁହେଁଙ୍କ ମଧ୍ୟରେ ଗଢ଼ିଉଠିଥିବା ଭାଗୀଦାରି ଭାରତର ବିଜୟକୁ ସହଜ କରିଥିଲା। ଏହି ଶତକ ସହ ଆୟର ଭାରତର ତୃତୀୟ ଅଧିନାୟକ ଭାବେ ପୁରୁଷ ଟି-୨୦ ଅନ୍ତର୍ଜାତୀୟରେ ଶତକ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ରୋହିତ ଶର୍ମା ଓ ସୂର୍ଯ୍ୟକୁମାର ଯାଦବ ଏହି ସଫଳତା ପାଇଥିଲେ। ଶ୍ରେୟସଙ୍କ ଏହି ଧମାକାଦାର ପାଳି ସହ ଭାରତ ଟି-୨୦ରେ ନିଜ ବିଜୟ ଧାରାକୁ ମଧ୍ୟ ଜାରି ରଖିଛି।

## ୪ ବର୍ଷ ପରେ ଟି-୨୦ ଦଳକୁ ଫେରିଲେ ଭୁବନେଶ୍ୱର

ନୂଆଦିଲ୍ଲୀ,୬।୧୦(ଏଜେନ୍ସି): ଦୀର୍ଘ ପ୍ରାୟ ୪ ବର୍ଷର ବ୍ୟବଧାନ ପରେ ଭାରତୀୟ ଟି-୨୦ ଦଳକୁ ଫେରିଛନ୍ତି ଅଭିଜ୍ଞ ଦ୍ରୁତ ବୋଲର ଭୁବନେଶ୍ୱର କୁମାର। ନ୍ୟୁଜିଲାଣ୍ଡ ଗସ୍ତରେ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ପାଇଁ ମଙ୍ଗଳବାର ବିସିସିଆଇ ୧୬ ଜଣିଆ ଭାରତୀୟ ଦଳ ଘୋଷଣା କରିଛି। ଶ୍ରେୟସ ଆୟର ଦଳର ଅଧିନାୟକ ରହିଥିବାବେଳେ ତିଳକ ବର୍ମା ଉପଅଧିନାୟକ ଦାୟିତ୍ୱ ତୁଲାଇବେ। ଭୁବନେଶ୍ୱର ଶେଷଥର ପାଇଁ ୨୦୨୨ ନଭେମ୍ବରରେ ଭାରତ ପକ୍ଷରୁ ଖେଳିଥିଲେ। ଆଇପିଏଲରେ ଗତ ଦୁଇଟି ସିଜନ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପକ୍ଷରୁ ଚମତ୍କାର ପ୍ରଦର୍ଶନ ତାଙ୍କୁ ପୁଣି ଜାତୀୟ ଦଳରେ ସ୍ଥାନ ଦେଇଛି। ବିଶେଷକରି ନୂଆ ବଲରେ ସ୍ୱିଙ୍ଗ କରାଇବାର ଦକ୍ଷତା ନ୍ୟୁଜିଲାଣ୍ଡ ପରିବେଶରେ ଭାରତ ପାଇଁ ଉପଯୋଗୀ ହେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଯଶପ୍ରୀତ ବୁମ୍ରାଙ୍କୁ ଟି-୨୦ ଦଳରେ ସାମିଲ କରାଯାଇନାହିଁ। କାର୍ଯ୍ୟଭାର ପରିଚାଳନା ଦୃଷ୍ଟିରୁ ତାଙ୍କୁ ବିଶ୍ରାମ ଦିଆଯାଇଥିବା ଜଣାପଡ଼ିଛି। ଭାରତର ଟି-୨୦ ଦଳରେ ଅଭିଷେକ ଶର୍ମା, ସଞ୍ଜୁ ସାମସନ, ବୈଭବ ସୂର୍ଯ୍ୟବଂଶୀ, ଇଶାନ କିଶନ, ଅକ୍ଷର ପଟେଲ, ଶିବମ ଦୁବେ, ନୀତୀଶ କୁମାର ରେଡ୍ଡୀ, ନମନ ଧୀର, ଅର୍ଶଦୀପ ସିଂହ, ବରୁଣ ଚକ୍ରବର୍ତ୍ତୀ ଓ କୁଲଦୀପ ଯାଦବ ମଧ୍ୟ ରହିଛନ୍ତି। ଏହାସହ ନ୍ୟୁଜିଲାଣ୍ଡ 'ଏ' ବିପକ୍ଷରେ ୩ଟି ବହୁଦିନିଆ ମ୍ୟାଚ୍ ପାଇଁ ଇଣ୍ଡିଆ 'ଏ' ଦଳ ମଧ୍ୟ ଘୋଷଣା କରାଯାଇଛି। ଧ୍ରୁବ ଜୁରେଲଙ୍କୁ ଅଧିନାୟକ କରାଯାଇଥିବାବେଳେ ଦଳରେ କେଏଲ୍ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ଦେବଦତ୍ତ ପଡିକଲ, ଋଷଭ ପନ୍ତ ଓ ୱାଶିଂଟନ ସୁନ୍ଦରଙ୍କ ଭଳି ଅଭିଜ୍ଞ ଖେଳାଳି ରହିଛନ୍ତି। ଋଷଭ ପନ୍ତଙ୍କ ଖେଳିବା ଫିଟନେସ୍ ଉପରେ ନିର୍ଭର କରିବ। ଭାରତ-ନ୍ୟୁଜିଲାଣ୍ଡ ଟି-୨୦ ସିରିଜ୍ ଅକ୍ଟୋବର ୨୨ରୁ ଖ୍ରୀଷ୍ଟଚର୍ଚ୍ଚରେ ଆରମ୍ଭ ହେବ। ଏହା ପରେ ୫ଟି ଦିନିକିଆ ଓ ୨ଟି ଟେଷ୍ଟ ଖେଳାଯିବ। ଦିନିକିଆ ଓ ଟେଷ୍ଟ ପାଇଁ ଭାରତୀୟ ଦଳ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Dr. Gurukalyan Mohapatra,ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି